


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-231 ◆BHUBANESWAR ◆SUNDAY ◆16 FEBRUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୩୧ ◆ଭୁବନେଶ୍ୱର ◆ରବିବାର ◆୧୬ ଫେବୃଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦ (ସିନ୍ଦୂରା ସହ)


**ନନ୍ଦିଘୋଷ ଟିଭିର ପଞ୍ଚମ ସ୍ୱନକ୍ଷତ୍ର** | 'ଜାତି ନନ୍ଦିଘୋଷ କନ୍‌କ୍ଲେଭ'ରେ ନବୀନଙ୍କ ଉଦ୍‌ବୋଧନ

# ସ୍ୱରହୀନଙ୍କ ସ୍ୱର ହେଉ ଗଣମାଧ୍ୟମ



### ▶ ସତ୍ୟକୁ ସବୁବେଳେ ମିଛ ଘୋଡ଼େଇ ପାରେନାହିଁ
### ▶ ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଶକ୍ତିଶାଳୀ ମାଧ୍ୟମ
### ▶ ସାମ୍ପ୍ରତିକ ସମୟର ଗଣମାଧ୍ୟମ ପାଇଁ ଏଆଇ ଆହ୍ୱାନ

■ **ଭୁବନେଶ୍ୱର, ୧୫ ।୨ (ସମିସ):** ମିଥ୍ୟା କିଛି ସମୟ ପାଇଁ ସତ୍ୟକୁ ଘୋଡ଼ାଇ ଦେଇପାରେ; କିନ୍ତୁ ସବୁ ସମୟ ପାଇଁ ସତ୍ୟକୁ ଆବରଣ ମଧ୍ୟରେ ରଖିବା ସମ୍ଭବ ନୁହେଁ । ତେଣୁ ଗଣମାଧ୍ୟମ ସତ୍ୟର ଆଲୋକବର୍ତ୍ତିକା ହେବା ଉଚିତ। ଚାପ ଏବଂ ଆହ୍ୱାନ ସତ୍ତ୍ୱେ ସାଧାରଣ ଲୋକଙ୍କ ସଫଳତା ଏବଂ ଦୁଃଖକୁ ଗଣମାଧ୍ୟମ ପ୍ରଦର୍ଶନ କରିବା ଉଚିତ ବୋଲି କହିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ଭୁବନେଶ୍ୱରର ଏକ ତାରକା ହୋଟେଲରେ ନନ୍ଦିଘୋଷ ଟିଭିର ପଞ୍ଚମ ସ୍ୱନକ୍ଷତ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ 'ନନ୍ଦିଘୋଷ' ଶବ୍ଦ ସହିତ ଓଡ଼ିଆ ଜାତିର ସମ୍ପର୍କ ଅତ୍ୟନ୍ତ ଭାବାତ୍ମକ। ନନ୍ଦିଘୋଷ ନାମ ଶୁଣିଲେ ଆଖି ଆଗକୁ ଆସିଯାଏ ମହାପ୍ରଭୁଙ୍କ ରୂପ। 'ନନ୍ଦିଘୋଷ ଟିଭି' ଲୋକଙ୍କ ସ୍ୱର ହୋଇ ଓଡ଼ିଆ ଜାତିର ବିକାଶ ଯାତ୍ରାକୁ ଆହୁରି ଆଗକୁ ନେବାରେ ସହାୟକ ହେଉ। ଗଣତନ୍ତ୍ର, ଗଣମାଧ୍ୟମ ଓ ଜନତା ଗୋଟିଏ ସରଳରେଖାରେ ଅବସ୍ଥିତ। ଗଣତନ୍ତ୍ରରେ ସାଧାରଣ ଲୋକ ପ୍ରଥମ । ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଶକ୍ତିଶାଳୀ ମାଧ୍ୟମ। ତେଣୁ ଲୋକଙ୍କ ସ୍ୱାର୍ଥ ପାଇଁ ଗଣମାଧ୍ୟମ ତାର ଗୁରୁ ଦାୟିତ୍ୱ ପାଳନ କରିବା ଉଚିତ୍। ସାମ୍ପ୍ରତିକ ସମୟରେ ସାମାଜିକ ଗଣମାଧ୍ୟମ ଯୁବପିଢ଼ିଙ୍କ ମଧ୍ୟରେ ଲୋକପ୍ରିୟ ହେଉଛି। ମାତ୍ର ଏହା ଜରିଆରେ ତ୍ରୁଟିପୂର୍ଣ୍ଣ ଓ ମିଥ୍ୟା ଖବର ପ୍ରସାରଣର ଭୟ ରହିଛି। ଏହାର ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବା ଉଚିତ୍। ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ବିଶେଷକରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟାପକ ବ୍ୟବହାର କାରଣରୁ ସୃଷ୍ଟିହେବାକୁ ଥିବା ଆହ୍ୱାନର ମୁକାବିଲା ପାଇଁ ମୁଖ୍ୟସ୍ରୋତର ଗଣମାଧ୍ୟମମାନେ ମଧ୍ୟ ପ୍ରସ୍ତୁତ ହେବା ଆବଶ୍ୟକ। ପ୍ରକୃତ ତଥ୍ୟ ଯାଞ୍ଚ କରିବା ସହ ସ୍ୱରହୀନଙ୍କ ସ୍ୱର ହେବା ଓ ସାମାଜିକ-ଗଣତାନ୍ତ୍ରିକ ଗଠନକୁ ମଜବୁତ କରିବା ମୁଖ୍ୟସ୍ରୋତର ଗଣମାଧ୍ୟମର ଦାୟିତ୍ୱ ବୋଲି ନବୀନ କହିଛନ୍ତି ।

ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଲେଖିକା ତଥା ରାଜ୍ୟସଭା ସାଂସଦ ମହୁଆ ମାଜୀ କହିଛନ୍ତି ଯେ ଜାତୀୟ ଗଣମାଧ୍ୟମ ତୁଳନାରେ ଆଞ୍ଚଳିକ ଗଣମାଧ୍ୟମର ଗ୍ରହଣୀୟତା ଅଧିକ। ଏହା ତୃଣମୂଳସ୍ତରରେ ଲୋକଙ୍କ ସହ ଜଡ଼ିତ ହୋଇ ପ୍ରତିଟି ସୁବିଧା ଅସୁବିଧାକୁ ଦେଖାଇଥାଏ। ଏହି ଯାତ୍ରାରେ 'ନନ୍ଦିଘୋଷ' ଓ 'ସକାଳ'ର ଯାତ୍ରା ଉଜ୍ୱଳ ବୋଲି ସେ କହିଛନ୍ତି।

'ନନ୍ଦିଘୋଷ ଟିଭି' ଓ 'ସକାଳ' ପରିବାରର ମୁଖ୍ୟ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ବିକାଶର ଶେଷ ଧାଡ଼ିରେ ଥିବା ଲୋକଙ୍କ ସ୍ୱର ▶ପୃଷ୍ଠା-୭

---

**ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ**

# ଜାତୀୟ ଅଭିବୃଦ୍ଧି ହାର ତୁଳନାରେ ଓଡ଼ିଶା ଆଗରେ

■ **ଭୁବନେଶ୍ୱର, ୧୫ ।୨ (ସମିସ):** ବିଧାନସଭାରେ ଉପସ୍ଥାପିତ ହୋଇଛି ଅର୍ଥନୈତିକ ସର୍ଭେ ରିପୋର୍ଟ। ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟ ବିଭିନ୍ନ କ୍ଷେତ୍ରରେ ପ୍ରଦର୍ଶନ କରିଥିବା କୃତୀ ରିପୋର୍ଟର ପ୍ରତ୍ୟେକ ପୃଷ୍ଠାରେ ଉଲ୍ଲେଖ ରହିଛି। ଅର୍ଥନୈତିକ ଅଭିବୃଦ୍ଧି, ଖାଦ୍ୟ ଶସ୍ୟ ଉତ୍ପାଦନ, କୃଷି ଅଭିବୃଦ୍ଧି, ମହିଳା ସଶକ୍ତିକରଣ, ଭିତ୍ତିଭୂମି ବିକାଶ, ଶିଳ୍ପାୟନ, ସଫ୍ଟୱେର ରପ୍ତାନୀ, ସବୁଥିରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ରିପୋର୍ଟରେ କୁହାଯାଇଛି ଯେ ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି ହାର ଜାତୀୟ ହାର ତୁଳନାରେ ଅଧିକ ରହିଛି। ସର୍ବଭାରତୀୟସ୍ତରରେ ଅଭିବୃଦ୍ଧି ହାର ୬.୪% ଥିବା ବେଳେ ଓଡିଶାରେ ଏହା ୭.୨% ରହିଛି। ୨୦୨୪-୨୫ରେ ଓଡିଶାର ଅର୍ଥନୀତିର ଆକାର ୯.୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି ଯାହା ୨୦୨୩-୨୪ରେ ୮.୬ ଲକ୍ଷ କୋଟି ଟଙ୍କାରୁ ୧୦% ଅଧିକ।

ସେହିପରି ଓଡିଶାର ମୁଣ୍ଡପିଛା ଆୟ ୧୦.୭% ବୃଦ୍ଧି ପାଇ ୧୮୨୫୪୮ ଟଙ୍କାରେ ପହଞ୍ଚି ଥିବା ବେଳେ ଏହା ସର୍ବଭାରତୀୟ ମୁଣ୍ଡ ପିଛା ଆୟର ନିକଟତର ହେଉଛି। ଓଡିଶାର ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣ ହାର (୧୫ ବର୍ଷରୁ ଅଧିକ) ୨୦୧୮-୧୯ରେ ୨୪.୪% ଥିବା ▶ପୃଷ୍ଠା-୭

> **ରାଜ୍ୟରେ ବଢ଼ିଛି ମୁଣ୍ଡପିଛା ଆୟ**
>
> **୪ ବର୍ଷରେ ୨୭ ଲକ୍ଷ ଟନ୍ ଅଧିକ ଖାଦ୍ୟ ଶସ୍ୟ ଉତ୍ପାଦନ**
>
> **ପାଞ୍ଚ ବର୍ଷରେ ମହିଳା ଶ୍ରମଶକ୍ତି ଅଂଶ ହାର ଦୁଇଗୁଣ**
>
> **ରାଜ୍ୟରୁ ସଫ୍ଟୱେର ରପ୍ତାନୀ ଅଢ଼େଇ ଗୁଣ ବଢ଼ିଛି**

---

**ଉପ-ରାଷ୍ଟ୍ରପତି ଧନଖଡ଼ଙ୍କ ପ୍ରଶ୍ନ**

# ସିବିଆଇ ନିର୍ଦ୍ଦେଶକ ନିଯୁକ୍ତିରେ ସିଜେଆଇଙ୍କ କାମ କ'ଣ ?

■ **ନୂଆଦିଲ୍ଲୀ, ୧୫।୨ (ଏଜେନ୍ସି):** ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି ପ୍ରକ୍ରିୟାରେ ପ୍ରଧାନବିଚାରପତି(ସିଜେଆଇ)ଙ୍କ କି କାମ ରହିଛି ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ପ୍ରଶ୍ନ ଉଠାଇଛନ୍ତି। କାର୍ଯ୍ୟପାଳିକାରେ ଜଣେ ବରିଷ୍ଠ ଅଧିକାରୀଙ୍କ ନିଯୁକ୍ତି କରାଯିବା ପ୍ରକ୍ରିୟାରେ ସୁପ୍ରିମକୋର୍ଟ ପ୍ରଧାନବିଚାରପତିଙ୍କୁ କିଭଳି ସାମିଲ କରାଯିବ ତାହାକୁ ନେଇ ସେ ପ୍ରଶ୍ନ ଉଠାଇବା ସହିତ ପ୍ରଚଳିତ ପରମ୍ପରା ସମ୍ପର୍କରେ ପୁନର୍ବିଚାର କରାଯିବା ଆବଶ୍ୟକ ରହିଛି ବୋଲି କହିଛନ୍ତି। ଭୋପାଳସ୍ଥିତ ନ୍ୟାସନାଲ ଜୁଡିସିଆଲ ଏକାଡେମୀରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଧନଖଡ଼ କହିଛନ୍ତି ଯେ, ▶ପୃଷ୍ଠା-୭

---

# ଏକାସଙ୍ଗେ ଝୁଲିପଡ଼ିଲେ ବାପ, ଝିଅ ଓ ନାତି

■ **ଢେଙ୍କାନାଳ, ୧୫ ।୨ (ସମିସ):** ସଦର ଥାନା ତରଭା ଫାଣ୍ଡି ଅନ୍ତର୍ଗତ ଚାଉଳିଆ ଖମାର ଗ୍ରାମରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ବନ୍ଦ କୋଠରି ମଧ୍ୟରୁ ଜଣେ ବୃଦ୍ଧଙ୍କ ସମେତ ତାଙ୍କ ଝିଅ ଓ ନାତିଙ୍କ ଗଳିତ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । ମୃତକମାନେ ହେଲେ, ଗ୍ରାମର ଶଙ୍କର୍ଷଣ ଦାସ (୭୦), ତାଙ୍କ ଝିଅ ସୁବର୍ଣ୍ଣା ଦାସ (୪୦) ଏବଂ ସୁବର୍ଣ୍ଣାଙ୍କ ପୁଅ ସନ୍ତୋଷ ଦାସ (୧୮)। ତେବେ ଏହା ଆତ୍ମହତ୍ୟା ନା ଯୋଜନାବଦ୍ଧ ହତ୍ୟା; ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ପୁଲିସ୍ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୀର୍ଘ ୭୨ଘଣ୍ଟା ହେବ ମୃତଦେହଗୁଡ଼ିକ ପଡ଼ି ରହିଥିବା ଜଣାପଡ଼ିଛି।

> **ବନ୍ଦ କୋଠରିରୁ ୩ ମୃତଦେହ ଉଦ୍ଧାର**
>
> **ପୁଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

ଖମାର ଗ୍ରାମରେ ଶଙ୍କର୍ଷଣ, ତାଙ୍କ ସ୍ତ୍ରୀ ପୁଷ୍ପଲତା ଦାସ (୬୫), ଝିଅ ସୁବର୍ଣ୍ଣା ଏବଂ ତାଙ୍କ ପୁଅ ସନ୍ତୋଷ ରହୁଥିଲେ। ସୁବର୍ଣ୍ଣା କାମାକ୍ଷାନଗର କଙ୍କଡ଼ାହାଡ଼ ଗ୍ରାମରେ ବିବାହ କରିଥିଲେ। ତେବେ ସ୍ୱାମୀଙ୍କ ସହ ମନୋମାଳିନ୍ୟରୁ ସେ ପୁଅ ସହ ବାପଘରେ ରହୁଥିଲେ। ପୁଷ୍ପଲତାଙ୍କ କହିବା ଅନୁସାରେ, ବୁଧବାର ପରିବାରଲୋକେ ଆତ୍ମହତ୍ୟା କରିବାକୁ କଥା ▶ପୃଷ୍ଠା-୭

---

**କଟନୀଛଟନୀକୁ ନେଇ କଂଗ୍ରେସର ସାଂଘାତିକ ଅଭିଯୋଗ**

# ଯୋଗାଣ ମନ୍ତ୍ରୀ 'କଲେକ୍ସନ' କରୁଛନ୍ତି

■ **ଭୁବନେଶ୍ୱର, ୧୫।୨ (ସମିସ):** ରାଜ୍ୟରେ ହେଉଥିବା କଟନୀଛଟନୀ ପ୍ରସଙ୍ଗରେ ସରକାର ଓ ଯୋଗାଣମନ୍ତ୍ରୀଙ୍କୁ ସିଧା ନିଶାଣ କରିଛି କଂଗ୍ରେସ। ଦଳର ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିରୋଧରେ ବିଧାନସଭାରେ ଆଣିଛନ୍ତି ସାଂଘାତିକ ଅଭିଯୋଗ। ଶନିବାର ଗୃହରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ବେଳେ ଯୋଗାଣମନ୍ତ୍ରୀଙ୍କ ଏଜେଣ୍ଟମାନେ ମିଲର ଓ ଚାଉଳ ଗୋଦାମବାଲାଙ୍କଠାରୁ ଠନ୍‌ଠନ୍ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହା ସହ କିଛି ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରି ସେମାନେ ମନ୍ତ୍ରୀଙ୍କ କଲେକ୍ସନ ଏଜେଣ୍ଟ ବୋଲି ତାରା ଆକ୍ଷେପ କରିଛନ୍ତି। ଏଇମାନେ ହିଁ ମଣ୍ଡି ବିଭ୍ରାଟ, କଟ୍‌ନୀଛଟ୍‌ନୀ ଏବଂ ଚାଷୀଙ୍କ ସମସ୍ୟା ପାଇଁ ଦାୟୀ ବୋଲି ସେ କହିଛନ୍ତି।

ଶ୍ରୀ ବାହିନୀପତି କହିଛନ୍ତି ଯେ "ମଣ୍ଡିରେ କଟ୍‌ନୀଛଟ୍‌ନୀ ହେବନାହିଁ। ଠନ୍‌ଠନ୍ ଧାନ ଦିଅ, ଠନ୍‌ଠନ୍ ଟଙ୍କା ନିଅ" ବୋଲି ଯୋଗାଣ ମନ୍ତ୍ରୀ କହିଥିଲେ। ମାତ୍ର ମନ୍ତ୍ରୀ ନିଜ ପାଇଁ ଠନ୍‌ଠନ୍ କଥା କହିଲେ ନା' ଚାଷୀଙ୍କ ପାଇଁ କହିଥିଲେ ତାହା ଲୋକେ ଜାଣିପାରିଲେ ନାହିଁ। ରାଜ୍ୟର ସବୁ ଗୋଦାମରେ ମନ୍ତ୍ରୀଙ୍କ ଏଜେଣ୍ଟ ଅଛନ୍ତି। ଯେଉଁମାନେ ଠନ୍‌ଠନ୍ କଲେକ୍ସନ କରୁଛନ୍ତି। କୋରାପୁଟ, ଗଞ୍ଜାମ, ବଲାଙ୍ଗିରରରେ ମନ୍ତ୍ରୀଙ୍କ ଏଜେଣ୍ଟ ଭାବରେ ମନ୍ତ୍ରୀଙ୍କ ଏଜେଣ୍ଟମାନେ ମିଲର ଓ ଚାଉଳ ଗୋଦାମବାଲାଙ୍କଠାରୁ କଲେକ୍ସନ୍ କରୁଛନ୍ତି ବୋଲି ଉଲ୍ଲେଖ କରି ସେମାନଙ୍କର ନାମ ବିଧାନସଭାରେ କହିଛନ୍ତି।



**ଗୃହ ବାହାରେ ଖଣ୍ଡନ କଲେ ମନ୍ତ୍ରୀ**

ବିଧାନସଭା ବାହାରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ ପ୍ରମାଣ ମାଗିଛନ୍ତି। ସେ କହିଛନ୍ତି ଯେ ବିରୋଧୀ ଦଳ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ଆମ ସରକାର ଅତି ଶୁଦ୍ଧ ଓ ପବିତ୍ରତାର ସହ କାମ କରୁଛି। ୮ ମାସ ଭିତରେ କୌଣସି ଗୋଟିଏ ହେଲେ ଅଭିଯୋଗ ଆସିନି। ସମସ୍ତେ ଠିକ୍ ଭାବେ କାମ କରୁଛନ୍ତି। କିଏ ଓ କ'ଣ ପାଇଁ କଲେକ୍ସନ୍ କରିଛି, ପ୍ରମାଣ ଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେ ଆହୁରି କହିଛନ୍ତି, ଏମିତି ଲଘୁ ମନ୍ତବ୍ୟ ଦେବା ତାଙ୍କର ଚରିତ୍ର ଓ ପ୍ରକୃତି। ଏଭଳି ମନ୍ତବ୍ୟ ଦେବା ଠିକ୍ ନୁହେଁ। ସିଏ ଆଗେ ନିଜର ଅବସ୍ଥା ସମ୍ଭାଳନ୍ତୁ। ରାଜ୍ୟରେ ଚାଷୀମାନେ ଖୁସିରେ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

---

**ବିଧାନସଭାରେ ବିରୋଧୀଦଳ ନେତାଙ୍କ କଟାକ୍ଷ**

# ଡବଲ ଇଞ୍ଜିନ୍ ଦେଉଛି ଡବଲ ଯନ୍ତ୍ରଣା


■ **ଭୁବନେଶ୍ୱର, ୧୫ ।୨ (ସମିସ):** ଗୋଟିଏ ପଟେ ରାଜ୍ୟ ସରକାର ନିଜ ବିଫଳତାକୁ ଲୁଚାଇବାକୁ ଉଦ୍ୟମ କରୁଛନ୍ତି, ଅନ୍ୟପଟେ ଆମ ସରକାର କରିଥିବା କାମର ଶ୍ରେୟ ନେବା ପାଇଁ ଯଥାସମ୍ଭବ ଚେଷ୍ଟା ଚଳାଇଛନ୍ତି। ଡବଲ ଇଞ୍ଜିନ୍ ସରକାର ଓଡିଶାବାସୀଙ୍କୁ କେବଳ ଡବଲ ଯନ୍ତ୍ରଣା ଦେଉଛି। ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣରେ ସବୁ ଜଳଜଳ ଦିଶୁଛି। ରାଜ୍ୟପାଳଙ୍କ ମୁହଁରେ ସରକାର କୁହାଇଥିବା ଭାଷଣ ଫମ୍ପା ଓ ଦୂରଦୃଷ୍ଟିହୀନ। ଚକା ଆଖି ଏ ସବୁ ଦେଖୁଛି ବୋଲି ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନାରେ ଭାଗ ନେଇ ଏପରି କଟାକ୍ଷ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଏହା ସହ ସେ ରାଜ୍ୟରେ ଦିନକୁ ଦିନ ଦେଖା ଦେଉଥିବା ଦୁର୍ବିସହ ସ୍ଥିତିକୁ ନେଇ ମଧ୍ୟ କ୍ଷୋଭ ପ୍ରକାଶ କରିଛନ୍ତି।

- **ରାଜ୍ୟପାଳଙ୍କ ଅଭିଭାଷଣ ଫମ୍ପା ଓ ସମ୍ପୂର୍ଣ୍ଣ ଦୂରଦୃଷ୍ଟିହୀନ ରାଜନୈତିକ ଭାଷଣ**
- **ପ୍ରକୃତ ଚାଷୀ ଅବହେଳିତ, ଯାତନା ଦେଉଛି ଦରଦାମ ବୃଦ୍ଧି, ନାରୀ ନିର୍ଯାତନା**
- **କଟନୀଛଟନୀ ହେଉ ନ ଥିବା ଛାତିରେ ହାତ ରଖି କହିବେ କି ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ**
- **ବୟାନବାଜିରେ ଧ୍ୱଂସ ହୋଇଛି ବିକାଶର ନକ୍ସା ଏବଂ ଜନକଲ୍ୟାଣ ପରମ୍ପରା**
- **ଦେଶର ଶୀର୍ଷ ତିନି ଉଚ୍ଚମୁଦ୍ରାସ୍ଫୀତି ରାଜ୍ୟ ମଧ୍ୟରେ ଓଡ଼ିଶା ରହିବା ଦୁଃଖଦାୟକ**

ନବୀନ କହିଛନ୍ତି ଯେ ଡବଲ ଇଞ୍ଜିନ୍ ସରକାର ଡବଲ ବିକାଶ ସ୍ଲୋଗାନ ଦେଇ କ୍ଷମତାକୁ ଆସିଛି, ମାତ୍ର ଏବେ ସବୁ ଓଲଟା। ଲୋକମାନେ ଡ଼ବଲ ଯନ୍ତ୍ରଣା ଅନୁଭବ କରୁଛନ୍ତି। ରାଜ୍ୟ ସରକାର ଜବରଦସ୍ତି ଆମ କାମର ଶ୍ରେୟ ନେବାକୁ ଉଦ୍ୟମ କରୁଛନ୍ତି। ସରକାର ମିଛ ବାହାବା ନେବା ବଦଳରେ ଯଦି ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ସ୍ଥିତି, ଦରଦାମ ବୃଦ୍ଧି, କୃଷକ ଯାତନା, ବେକାରୀ ଉଦ୍‌ବେଗଜନକ ସମସ୍ୟା ଉପରେ ଗୁରୁତ୍ୱ ଦେଲେ ରାଜ୍ୟର ମଙ୍ଗଳ ହୋଇପାରନ୍ତା। ସାଧାରଣତଃ ରାଜ୍ୟପାଳଙ୍କ ଅଭିଭାଷଣରେ ବିକାଶର ନକ୍ସା ଏବଂ ଜନକଲ୍ୟାଣ କଥା ରହିଥାଏ; ▶ପୃଷ୍ଠା-୭




# ୩ ଦିନରେ ମାଲିକଙ୍କ ୨୩ ଲକ୍ଷ ଟଙ୍କାର ବ୍ୟବସାୟ ବଢ଼ାଇଦେଲା କୁକୁର



ନୂଆଦିଲ୍ଲୀ,୧୫।୨(ଏଜେନ୍ସି): ନିଜ କୁକୁରର ସେବା ପାଇଁ ଚୀନ୍‌ର ଜଣେ ହୋମଷ୍ଟେ(ଲଜ) ମାଲିକ ତିନି ଦିନରେ ୨ ଲକ୍ଷ ୟୁଆନ ବା ୨୩.୪୯ ଲକ୍ଷ ଟଙ୍କାର ବ୍ୟବସାୟ କରିବା ଏବେ ଆନ୍ତର୍ଜାତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଚୀନ୍ ୟୁନାନ ପ୍ରଦେଶର ଲିଜିଆଙ୍ଗ ସହରରେ ରହିଥିବା ଏହି ହୋମଷ୍ଟେ ମାଲିକ ଜୁ' ଏବେ ଇଣ୍ଟରନେଟ୍‌ରେ ଯେତିକି ଚର୍ଚ୍ଚାକୁ ଆସିଛନ୍ତି ତା'ଠାରୁ ତାଙ୍କ କୁକୁର ' ହାକିମି' ଆହୁରି ଅଧିକ ଚର୍ଚ୍ଚିତ ହୋଇପଡ଼ିଛି। ଲିଜିଆଙ୍ଗ ସହରର ସାଉଥ ଗେଟ୍ ଠାରୁ ଜୁ'ଙ୍କ ହୋମଷ୍ଟେ ଦୂରତା ମାତ୍ର ୨୦୦ ମିଟର ରହିଥିଲା ବେଳେ ହାକିମି ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ବ୍ୟାଗ୍ ଓ ଲଗେଜ୍ ବୋହି ହୋମଷ୍ଟେରେ ପହଞ୍ଚାଇବା ବିଷୟ ସବୁଠାରୁ ରୋଚକ ହୋଇଛି। ଏହାଦ୍ୱାରା ଅଧିକାଂଶ ପର୍ଯ୍ୟଟକ ଏବଂ ଭ୍ରମଣକାରୀ ହାକିମିକୁ ଦେଖିବା ଉଦ୍ଦେଶ୍ୟରେ ଏହି ହୋମଷ୍ଟେରେ ରହିବାକୁ ପସନ୍ଦ କରୁଛନ୍ତି। ଫଳରେ ଗତ ୩ ଦିନ ମଧ୍ୟରେ ଏହି ହୋମଷ୍ଟେକୁ ଯେତିକି ପର୍ଯ୍ୟଟକ ଆସିଛନ୍ତି ତଦ୍ୱାରା ଜୁ' ୨୩ ଲକ୍ଷ ଟଙ୍କାର ବ୍ୟବସାୟ ହାତେଇ ପାରିଛନ୍ତି ବୋଲି ସେ ନିଜେ କହିଛନ୍ତି। କେବଳ ସେତିକି ନୁହେଁ, ହାକିମି ପର୍ଯ୍ୟଟକଙ୍କ ଲଗେଜ ନେଇ ଯାଉଥିବାର ଭିଡିଓ ମଧ୍ୟ ଇଣ୍ଟରନେଟ୍‌ରେ ଭାଇରାଲ ହେବା ସହିତ ଏହାକୁ ୧ କୋଟିରୁ ଅଧିକ ଲୋକ ଦେଖିସାରିଛନ୍ତି। ହାକିମି ପାଇଁ ଲିଜିଆଙ୍ଗ ସହରକୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ୮୦ ପ୍ରତିଶତ ଜୁ'ଙ୍କ ହୋମଷ୍ଟେରେ ରହିବାକୁ ପସନ୍ଦ କରୁଥିବା ଜଣାପଡ଼ିଛି।

ନିଜର ପାଳିତ କୁକୁର ହାକିମି ସମ୍ପର୍କରେ ଜୁ' କୁହନ୍ତି ଯେ କୁକୁରଟିକୁ ଘରକୁ ଆଣିବା ପରେ ଗତ ଏପ୍ରିଲରେ ତା' ସହ ଖେଳୁଥିଲା ବେଳେ ଜୁ'ଙ୍କ ମୁଣ୍ଡକୁ ଏକ ପରିକଳ୍ପନା ଆସିଥିଲା। ହାକିମିକୁ ଟ୍ରଲି ଟାଣିବା ଦିଗରେ ଅଭ୍ୟାସ କରାଯାଇପାରିଲେ କେମିତି ହେବ ବୋଲି ଜୁ' ଚିନ୍ତା କରିଥିଲେ। ସେତେବେଳେ ସେ ହାକିମିକୁ ଟ୍ରଲି ବ୍ୟାଗ୍ ଟାଣି ଟାଣି ନେବାକୁ ଶିଖାଇଥିଲା ବେଳେ ହାକିମି ଏହାକୁ ଅତି ସହଜରେ ଧରି ଶିଖିଯାଇଥିଲା। କେବଳ ଶିଖିବା କଥା ନୁହେଁ, ସମୟକ୍ରମେ ହାକିମି କୌଣସି ବ୍ୟାଗ କିମ୍ବା ଲଗେଜକୁ କିଭଳି କାଇଦାରେ ନିଆଯାଇପାରିବ ତାହାକୁ ମଧ୍ୟ ସେ ନିଜେ ଅଭ୍ୟାସ କରିନେଇଥିଲା। ଏହାପରେ ଜୁ' ତାକୁ ପର୍ଯ୍ୟଟକଙ୍କ କାର୍ଯ୍ୟରେ ଲଗାଇଥିଲା ବେଳେ ଆଜି ଏହି ବିଷୟ ଚର୍ଚ୍ଚା ପରିସରକୁ ଆସିବ ସହିତ ତାଙ୍କ ବ୍ୟବସାୟ ମଧ୍ୟ ଢେର ଗୁଣ ବଢିଥିବା ଜୁ' କହିଛନ୍ତି।

# ୨ ପତ୍ନୀଙ୍କ ମଧ୍ୟରେ ସ୍ୱାମୀ ଭାଗବଣ୍ଟା



ପାଟନା, ୧୫।୨ (ଏଜେନ୍ସି): ବିହାର ପୂର୍ଣ୍ଣିଆରୁ ଏକ ଅଜବ ମାମଲା ସାମ୍ନାକୁ ଆସିଛି। ଏଠାରେ ଜଣେ ସ୍ୱାମୀଙ୍କୁ ଦୁଇ ପତ୍ନୀଙ୍କ ମଧ୍ୟରେ ଭାଗ କରାଯାଇଛି। ୨ ପତ୍ନୀଙ୍କ ପାଖରେ ସ୍ୱାମୀ ତିନି ଦିନ ଲେଖାଏଁ ରହିବେ। ଗୋଟିଏ ଦିନ ଛୁଟି ପାଇବେ। କୌଣସି ପଞ୍ଚାୟତ କିମ୍ବା ପରିବାର ନୁହେଁ, ବରଂ ପୁଲିସର ପରିବାର ପରାମର୍ଶ କେନ୍ଦ୍ରରେ ଶୁକ୍ରବାର ଏହି ସ୍ୱାମୀ ଭାଗବଣ୍ଟା ହୋଇଛି। ଏହି ପ୍ରସ୍ତାବକୁ ସବୁ ପକ୍ଷ ସମର୍ଥନ କରିଛନ୍ତି। ସୂଚନା ଅନୁଯାୟୀ ଏସ୍‌ପି କାର୍ତ୍ତିକେୟ ଶର୍ମାଙ୍କ ଅଧିନରେ ପୁଲିସ ପରାମର୍ଶ କେନ୍ଦ୍ର ଚାଲିଛି। ଏଥିରେ ଆଜି ୧୪ଟି ମାମଲାର ସମାଧାନ ହୋଇଛି। ଏହି ସମୟରେ ଅଲଗା ହୋଇ ରହିଥିବା ପତିପତ୍ନୀଙ୍କୁ ଏକାଠି କରାଯାଇଥିଲା। କିଛି ଦିନ ତଳେ ଜଣେ ମହିଳା ନିଜ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ସ୍ୱାମୀ ଭରଣପୋଷଣ ନ ଦେଇ ଛାଡ଼ି ପଳାଇଥିବା କହିଥିଲେ। ୭ ବର୍ଷ ତଳେ ସେ ପ୍ରଥମ ପତ୍ନୀଙ୍କୁ ଛାଡ଼ପତ୍ର ନ ଦେଇ ଦ୍ୱିତୀୟ ବିବାହ କରିଥିଲେ। ଦ୍ୱିତୀୟ ପତ୍ନୀ ତାଙ୍କୁ ଛାଡୁ ନ ଥିଲେ। ପୁଲିସ ନୋଟିସରେ ସ୍ୱାମୀ ଆଜି ହାଜର ହୋଇଥିଲେ। ସ୍ୱାମୀଙ୍କୁ ଜେଲ୍ ପଠାଇବାକୁ କହିବା ପରେ ଦୁଇ ପତ୍ନୀ ଭାଗବଣ୍ଟା ପାଇଁ ରାଜି ହୋଇଥିଲେ।

# ଆତଙ୍କବାଦୀ ଲିଙ୍କ୍; ୩ ଅଧିକାରୀ ବରଖାସ୍ତ

ଶ୍ରୀନଗର,୧୫।୨(ଏଜେନ୍ସି): ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ରଖିଥିବା ୩ ସରକାରୀ ଅଧିକାରୀଙ୍କୁ ଜମ୍ମୁ କଶ୍ମୀର ଉପ ରାଜ୍ୟପାଳ ମନୋଜ ସିହ୍ନା ବରଖାସ୍ତ କରିଛନ୍ତି। ବହିଷ୍କୃତ ଅଧିକାରୀଙ୍କ ମଧ୍ୟରେ ଜଣେ ଶିକ୍ଷକ, ଜଣେ କନଷ୍ଟେବଲ ଏବଂ ଜଣେ ବନ ବିଭାଗ ଅଧିକାରୀ ରହିଛନ୍ତି। ଏହି ତିନି ଜଣଙ୍କ ବିରୋଧରେ ଆତଙ୍କବାଦୀଙ୍କ ପାଇଁ ଅସ୍ତ୍ରଶସ୍ତ୍ର ସଂଗ୍ରହ , ହିଂସାତ୍ମକ ପ୍ରତିବାଦ ପାଇଁ ଲୋକଙ୍କୁ ଉସୁକାଇବା ଆଦି ଅଭିଯୋଗ ରହିଛି। ପାକ୍ ଅଧିକୃତ କାଶ୍ମୀର (ପିଓକେ )ରୁ ମିଳୁଥିବା ନିର୍ଦ୍ଦେଶ ଅନୁସାରେ ସେମାନେ କାର୍ଯ୍ୟ କରୁଥିଲେ ବୋଲି କୁହାଯାଇଛି। ତିନି ଜଣଙ୍କ ମଧ୍ୟରୁ ଫିରଦୋସ ଅହମ୍ମଦ ଭଟ୍ ୨୦୦୫ରେ ଜମ୍ମୁ-କଶ୍ମୀର ପୁଲିସରେ ସ୍ୱତନ୍ତ୍ର ଅଧିକାରୀ (ଏସପିଓ) ଭାବରେ ଯୋଗ ଦେଇଥିଲେ। କିନ୍ତୁ ଇଲେକ୍ଟ୍ରୋନିକ୍ ସର୍ଭିଲାନ୍ସ ୟୁନିଟରେ କାମ କରିବା ସମୟରେ ଫିରଦୋସ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ପାଇଁ କାମ କରିବା ଆରମ୍ଭ କରିଥିଲେ। ଅନନ୍ତନାଗରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ପାଇଁ ଷଡଯନ୍ତ୍ର କରୁଥିବା ଅଭିଯୋଗରେ ଫିରଦୋସଙ୍କୁ ଗିରଫ କରାଯାଇଥିଲା।

### ମଣିପୁରରେ ରାଷ୍ଟ୍ରପତି ଶାସନ

# ମେଇତିଙ୍କ ବିରୋଧ; କୁକିଙ୍କ ସମର୍ଥନ


ଇମ୍ଫାଲ, ୧୫।୨ (ଏଜେନ୍ସି): ସଂରକ୍ଷଣ ହିଂସାରେ ଜଳୁଥିବା ମଣିପୁରରେ ରାଷ୍ଟ୍ରପତି ଶାସନକୁ ବିରୋଧ କରାଯାଉଛି। ହିନ୍ଦୁ ବହୁଳ ମେଇତି ସମ୍ପ୍ରଦାୟ ଏହି ନିଷ୍ପତ୍ତିକୁ ବିରୋଧ କରୁଥିବାବେଳେ କୁକି ସମ୍ପ୍ରଦାୟ ସମର୍ଥନ କରୁଛି। ମେଇତି ସମ୍ପ୍ରଦାୟ ପକ୍ଷରୁ କୁହାଯାଇଛି ଯେ ଏନ୍ ବୀରେନ ସିଂହଙ୍କ ଇସ୍ତଫା ପରେ ଶୀଘ୍ର ଜଣେ ସକ୍ଷମ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତ କରାଯିବା ଉଚିତ। ରାଷ୍ଟ୍ରପତି ଶାସନ ଲଗାଇବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ୍। ତେବେ କୁକିଙ୍କ ସଂସ୍ଥା ଆଇଟିଏଲ୍‌ଏଫ୍ ନିଷ୍ପତ୍ତିକୁ ସଠିକ୍ ଦର୍ଶାଇଛି। ମୁଖ୍ୟମନ୍ତ୍ରୀ ବଦଳିଲେ କିଛି ହେବ ନାହିଁ। ଏହି ସଂଗଠନ କୁକିଙ୍କ ପାଇଁ ଅଲଗା ପ୍ରଶାସନ ଦାବି କରୁଛି। ସେହିପରି ପ୍ରଦେଶ ବିଜେପି ଅଧ୍ୟକ୍ଷ ଶାରଦା ଦେବୀ କହିଛନ୍ତି ଯେ ଏବେ ବିଧାନସଭା ଚାଲିନାହିଁ। କିଛି ସମୟ ପରେ ସ୍ଥିତିକୁ ଦେଖି ବିଧାନସଭା ଚଲାଇବାକୁ ନିଷ୍ପତ୍ତି ନିଆଯାଇପାରେ।


# ୩୬୯ ପାଲେଷ୍ଟାଇନ ନାଗରିକ ମୁକ୍ତ

ତେଲଆଭିଭ୍,୧୫।୨(ଏଜେନ୍ସି):ହମାସ ଓ ଇସ୍ରାଏଲର ଅସ୍ତ୍ରବିରତି ବୁଝାମଣା ଅନୁଯାୟୀ ଷଷ୍ଠ ପର୍ଯ୍ୟାୟରେ ଉଭୟ ପକ୍ଷ ପଣବନ୍ଦୀଙ୍କୁ ମୁକ୍ତ କରିଛନ୍ତି। ହମାସ ପକ୍ଷରୁ ତିନି ଇସ୍ରାଏଲୀ ବନ୍ଧକଙ୍କୁ ମୁକ୍ତ କରାଯାଇଥିଲା ବେଳେ ଇସ୍ରାଏଲ ୩୬୯ ପାଲେଷ୍ଟାଇନ ବନ୍ଦୀଙ୍କୁ ମୁକ୍ତ କରିବା ଆରମ୍ଭ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଧମକ ସତ୍ତ୍ୱେ ହମାସ କେବଳ ତିନି ଜଣ ବନ୍ଧକଙ୍କୁ ମୁକ୍ତ କରିଛି। ଏଭଳି ଆଭିମୁଖ୍ୟ ଦେଖାଇ ହମାସ ଟ୍ରମ୍ପଙ୍କ ଉପରେ ଚାପ ପକାଇବାକୁ ଉଦ୍ୟମ କରୁଛି ବୋଲି ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚା ହେଉଛି।

### ପାକିସ୍ତାନ, ବାଂଲାଦେଶର ଚିନ୍ତା ବଢାଇଦେଲା ଆମେରିକା

# ଭାରତକୁ ଏଫ-୩୫; ପାକିସ୍ତାନର ରକ୍ତଚାପ ବୃଦ୍ଧି





ନୂଆଦିଲ୍ଲୀ,୧୫।୨(ଏଜେନ୍ସି) : ଭାରତକୁ ବିଶ୍ୱର ସର୍ବାଧୁନିକ ଲଢୁଆ ବିମାନ ଏଫ-୩୫ ଷ୍ଟିଲଥ୍ ଯୋଗାଇ ଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ପାକିସ୍ତାନର ରକ୍ତଚାପ ବଢିଯାଇଛି। ଆମେରିକାର ଏହି ପଦକ୍ଷେପ ଦକ୍ଷିଣ ଏସିଆରେ ଶାନ୍ତି ପ୍ରତି ବିପଦ ବୋଲି ପାକିସ୍ତାନ କହିଛି। ଏହାଦ୍ୱାରା ଆଞ୍ଚଳିକ ସ୍ତରରେ ସାମରିକ ସନ୍ତୁଳନ ବ୍ୟାହତ ହେବା ସହିତ ଅସ୍ଥିରତା ଦେଖାଯିବ ବୋଲି ପାକିସ୍ତାନ କହିଛି। ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି ଯେ ଭାରତ ଯୋଜନାବଦ୍ଧ ଭାବେ ଅତ୍ୟାଧୁନିକ ସାମରିକ ଜ୍ଞାନକୌଶଳ ହାସଲ କରି ଅସ୍ତ୍ରଶସ୍ତ୍ର ମହଜୁଦ ରଖିବା ଆମର ଚିନ୍ତା ବଢାଇଦେଇଛି। ଏହାକୁ ଦୃଷ୍ଟିରେ ରଖି ପାକିସ୍ତାନ ନିଜର ସହଯୋଗୀ ରାଷ୍ଟ୍ରମାନଙ୍କୁ ଦକ୍ଷିଣ ଏସିଆରେ ଶାନ୍ତି ଏବଂ ନିରାପତ୍ତା ପ୍ରସଙ୍ଗରେ ଏକ ବ୍ୟାପକ ଏବଂ ଉଦ୍ଦେଶ୍ୟମୂଳକ ଆଭିମୁଖ୍ୟ ଗ୍ରହଣ କରିବାକୁ ଅନୁରୋଧ କରିବ ବୋଲି ସେ କହିଛନ୍ତି। ପାକିସ୍ତାନର ସମସ୍ତ ସହଯୋଗୀ ଏକତରଫା ସମର୍ଥନ କରିବାରୁ ଦୂରେଇ ରହିବା ଉଚିତ୍ ବୋଲି ସେ କହିଛନ୍ତି।

### ଏଲନ ମସ୍କଙ୍କ ମାଧ୍ୟମରେ ସମ୍ପର୍କ ବୃଦ୍ଧି କରିବାକୁ ବାଂଲାଦେଶର ଲକ୍ଷ୍ୟ

ଆମେରିକାର ଟ୍ରମ୍ପ ପ୍ରଶାସନକୁ ନେଇ ବାଂଲାଦେଶ ମଧ୍ୟ ଛାନିଆ ହୋଇପଡ଼ିଛି। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପ ଏକ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗରେ ଉତ୍ତର ରଖିଥିଲା ବେଳେ ବାଂଲାଦେଶ ସମ୍ପର୍କିତ ଏକ ପ୍ରଶ୍ନକୁ ନେଇ ଟ୍ରମ୍ପ ଯାହା କହିଥିଲେ ତାହା ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କ ଚିନ୍ତା ବଢାଇ ଦେଇଛି। ବାଂଲାଦେଶ ସ୍ଥିତି ନିୟନ୍ତ୍ରଣ ଦାୟିତ୍ୱ ଟ୍ରମ୍ପ ଖୋଲାଖୋଲି ଭାବେ ମୋଦୀଙ୍କ ହାତରେ ଛାଡି ଦେଇଛନ୍ତି ବୋଲି କହିବା ବାଂଲାଦେଶକୁ ବିଚଳିତ କରିଦେଇଛି। ଏହାକୁ ଦୃଷ୍ଟିରେ ରଖି ୟୁନୁସ୍ ଟ୍ରମ୍ପ ପ୍ରଶାସନ ସହିତ ସମ୍ପର୍କ ବୃଦ୍ଧି କରିବାକୁ ଯୋଜନା ଆରମ୍ଭ କରିଦେଇଛନ୍ତି। ଏଥିପାଇଁ ସେ ଟ୍ରମ୍ପଙ୍କ ଅତ୍ୟନ୍ତ ଘନିଷ୍ଠ ଏଲନ ମସ୍କଙ୍କୁ ଆଧାର କରିଛନ୍ତି। ମସ୍କଙ୍କ ମାଧ୍ୟମରେ ବାଂଲାଦେଶ ଆମେରିକା ସହ ବ୍ୟବସାୟ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ମସ୍କଙ୍କ ଷ୍ଟାରଲିଙ୍କ୍‌କୁ ବାଂଲାଦେଶରେ ବ୍ୟବସାୟ କରିବାକୁ ଆମନ୍ତ୍ରଣ କରାଯାଇଛି। ଏ ସମ୍ପର୍କରେ ୟୁନୁସ୍ ଏକ୍ସରେ ସୂଚନା ଦେଇ କହିଛନ୍ତି ଯେ 'ପୂର୍ବରୁ ଏଲନ ମସ୍କଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଆମେ ଏକାଠି କାମ କରିବାକୁ ରାଜି ହୋଇଥିଲୁ। ଏବେ ମସ୍କଙ୍କ ସହିତ ଖୁବ୍ ଶୀଘ୍ର ବାଂଲାଦେଶରେ ଷ୍ଟାରଲିଙ୍କ୍ ଆରମ୍ଭ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି' ବୋଲି ସେ କହିଛନ୍ତି।

### ଆମେରିକାରୁ ପୁଣି ଫେରିଲେ ୧୧୯ ଭାରତୀୟ

# ଅମୃତସର ଅଣାଯିବା ନେଇ ପ୍ରଶ୍ନ ଉଠାଇଲେ ଭଗୱନ୍ତ ମାନ



ନୂଆଦିଲ୍ଲୀ,୧୫।୨(ଏଜେନ୍ସି): ଆମେରିକାରୁ ଦ୍ୱିତୀୟ ଦଫାରେ ୧୧୯ ଅବୈଧ ଭାରତୀୟଙ୍କୁ ନେଇ ଏକ ସାମରିକ ବିମାନ ଅମୃତସରରେ ପହଞ୍ଚିଛି। ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ଭାରତୀୟଙ୍କୁ ସ୍ୱଦେଶ ପଠାଇବା କାର୍ଯ୍ୟ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇସାରିଥିଲା ବେଳେ ପ୍ରଥମ ଦଫାରେ ଗତ ୫ ତାରିଖରେ ଆମେରିକାର ଏକ ସାମରିକ ବିମାନରେ ୧୦୪ ଭାରତୀୟ ଅମୃତସରରେ ପହଞ୍ଚିଥିଲେ। କିନ୍ତୁ ସେମାନଙ୍କୁ ହାତକଡ଼ି ପକାଇ ସାମରିକ ବିମାନରେ ଅଣାଯିବା ଘଟଣାକୁ ନେଇ ବିଭିନ୍ନ ମହଲରେ ବିବାଦ ତେଜିଥିଲା। ଏଥର ମଧ୍ୟ ଟ୍ରମ୍ପ ପ୍ରଶାସନ ଭାରତୀୟମାନଙ୍କୁ ସାମରିକ ବିମାନରେ ପଠାଇଥିବାରୁ ପୁଣି ବିବାଦ ମୁଣ୍ଡ ଟେକିଛି। ତେବେ ଏହି ବିବାଦ ତୁଳନାରେ ଶନିବାର ଆଉ ଏକ ସାମ୍ନାକୁ ଆସିଛି।

ଆମେରିକାରୁ ଆସୁଥିବା ଲୋକମାନଙ୍କୁ ପଞ୍ଜାବର ଅମୃତସରକୁ କାହିଁକି ଅଣାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ନେଇ ସେ କେନ୍ଦ୍ର ସରକାର ଏବଂ ବିଜେପିକୁ ନିଶାଣ କରିବା ସହିତ ଏହି ଯାତ୍ରୀମାନଙ୍କୁ ଅମୃତସର ଅଣାଯାଇ ପଞ୍ଜାବର ଛବି ନଷ୍ଟ କରିବାକୁ ମସୁଧା କରାଯାଇଛି ବୋଲି ମାନ୍ କହିଛନ୍ତି।

ଶନିବାର ଏକ ସମ୍ବାଦିକ ସମ୍ମିଳନୀରେ ମାନ୍ କହିଛନ୍ତି ଯେ, ଭାରତର ଅନ୍ୟ କୌଣସି ସହରକୁ ଛାଡି ଏହି ଲୋକମାନଙ୍କୁ ଅମୃତସର ଅଣାଯିବା ପଛରେ କିଛି ଉଦ୍ଦେଶ୍ୟ ରହିଛି। ଗତକାଲି ରାଷ୍ଟ୍ରପତି ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭିତରେ ଯେତେବେଳେ ଆଲୋଚନା ଚାଲିଥିଲା ସେତେବେଳେ ଆମ ଲୋକଙ୍କ ବେକରେ ବୁକଚା ପକାଇ ଦିଆଯାଇଥିଲା। ଏହା କ'ଣ ଭାରତୀୟଙ୍କ ପ୍ରତି ଟ୍ରମ୍ପଙ୍କ ଉପହାର କି ବୋଲି ମାନ୍ ପ୍ରଶ୍ନ କରିଛନ୍ତି। ମାନ୍‌ଙ୍କ ଏହି ପ୍ରଶ୍ନକୁ ନେଇ ବିଜେପି ଜବାବ ରଖିଥିଲା ବେଳେ ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗରେ ରାଜନୀତି କରାଯିବା ଉଚିତ ନୁହେଁ ବୋଲି ଦଳର କିଛି ବରିଷ୍ଠ ନେତା କହିଛନ୍ତି।

# ସଡ଼କ ଦୁର୍ଘଟଣାରେ ୧୦ ମହାକୁମ୍ଭ ଶ୍ରଦ୍ଧାଳୁଙ୍କ ମୃତ୍ୟୁ, ୧୬ ଆହତ

ପ୍ରୟାଗରାଜ,୧୫।୨(ଏଜେନ୍ସି): ଉତ୍ତରପ୍ରଦେଶର ମିର୍ଜାପୁର-ପ୍ରୟାଗରାଜ ରାଜପଥରେ ଏକ ସଡ଼କ ଦୁର୍ଘଟଣାରେ ୧୦ ଯାତ୍ରୀଙ୍କ ମୃତ୍ୟୁ ହେବା ସହିତ ୧୬ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ମଧ୍ୟରାତ୍ରିରେ ଏକ ବୋଲେରୋ ଏବଂ ବସ୍ ମଧ୍ୟରେ ଧକ୍କା ହେବା ସହିତ ବୋଲେରୋ ଯାତ୍ରୀଙ୍କ ମଧ୍ୟରୁ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ସମସ୍ତ ମୃତକ ଛତିଶଗଡ଼ର କୋରବାର ବାସିନ୍ଦା ବୋଲି ଜଣାପଡ଼ିଛି। ସେମାନେ ସଙ୍ଗମରେ ବୁଡ଼ ପକାଇବା ପାଇଁ ମହାକୁମ୍ଭକୁ ଯାଉଥିଲେ। ସେହିପରି ବସ୍‌ରେ ଯାଉଥିବା ମଧ୍ୟପ୍ରଦେଶର ରାଜଗଡ଼ର ତୀର୍ଥଯାତ୍ରୀ ମଧ୍ୟ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ସ୍ୱରୂପ ରାଣୀ ମେଡିକାଲ ହସ୍ପିଟାଲକୁ ନିଆଯାଇଛି। ଏନେଇ ଅଧିକ ତଦନ୍ତ ଚାଲିଛି ବୋଲି ପ୍ରୟାଗରାଜ ଅତିରିକ୍ତ ଏସପି ବିବେକ ଚନ୍ଦ୍ର ଯାଦବ କହିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଧିକାରୀମାନଙ୍କୁ ଘଟଣାସ୍ଥଳରେ ପହଞ୍ଚି ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏତାବ୍ୟତୀତ ଆହତମାନଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

# ମହାକୁମ୍ଭରେ ପୁଣି ଅଗ୍ନିକାଣ୍ଡ



ପ୍ରୟାଗରାଜ,୧୫।୨(ଏଜେନ୍ସି) : ପ୍ରୟାଗରାଜ ମହାକୁମ୍ଭମେଳାରେ ପୁଣି ଅଗ୍ନିକାଣ୍ଡ ଘଟିଛି। ସେକ୍ଟର-୧୯ ରୁ କଳ୍ପବାସୀଙ୍କ ଦ୍ୱାରା ଖାଲି ହୋଇଥିବା ଟେଣ୍ଟରେ ଅଗ୍ନିକାଣ୍ଡ ଘଟି ବହୁ ଟେଣ୍ଟ ଜଳିଯାଇଛି । ତେବେ ଏହି ଘଟଣାରେ କେହି ମୃତାହତ ହୋଇନଥିବା ସୂଚନା ମିଳିଛି। କିନ୍ତୁ ସାଧୁସନ୍ଥମାନଙ୍କୁ ଦାନ କରିବା ପାଇଁ ଅଣାଯାଇଥିବା ଲକ୍ଷାଧିକ ଟଙ୍କାର କମ୍ବଳ ଓ ଚଦର ପୋଡ଼ି ପାଉଁଶ ହୋଇଯାଇଛି ବୋଲି କୁହାଯାଇଛି। ମହାକୁମ୍ଭରେ ନିୟୋଜିତ ହୋଇଥିବା ଡିଆଇଜି ବୈଭବ କ୍ରିଷ୍ଣା କହିଛନ୍ତି ଯେ ମେଳା ଅଞ୍ଚଳରେ ଅଗ୍ନିକାଣ୍ଡକୁ ନେଇ ନିଆଁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଛି। ସପ୍ତାହାନ୍ତ ଯୋଗୁଁ ଶନିବାର ସକାଳେ କୁମ୍ଭମେଳାରେ ଲକ୍ଷ ଲକ୍ଷ ଲୋକ ପହଞ୍ଚିଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି କୁମ୍ଭମେଳାକୁ ନୋ ଭେଇକିଲ ଜୋନ୍ ଘୋଷଣା କରାଯାଇଛି। ପ୍ରୟାଗରାଜକୁ ବାହାରୁ ଆସୁଥିବା ସମସ୍ତ ଯାନବାହନକୁ ଅଟକାଯାଇଛି।

# ପୁଅକୁ ମାରି ପାଞ୍ଚ ଖଣ୍ଡକଲା ମାଆ

ହାଇଦରାବାଦ,୧୫।୨(ଏଜେନ୍ସି): ପୁଅର ଆଚରଣରେ କ୍ଷୁବ୍ଧ ହୋଇ ଜଣେ ମାଆ ନିଜର ୩୫ ବର୍ଷର ପୁଅକୁ ହତ୍ୟା କରିବା ସହିତ ତାକୁ ପାଞ୍ଚ ଖଣ୍ଡ କରିବା ଘଟଣା ତେଲଙ୍ଗାନରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଭଳି ଘଟଣା ପ୍ରକାଶମ ଜିଲ୍ଲାର କୁମବୁମ୍ ଗ୍ରାମରେ ଘଟିଛି। ପ୍ରକାଶମ ଏସପି ଏ ଆର ଦାମୋଦରଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ୫୭ ବର୍ଷୀୟା କେ ଲକ୍ଷ୍ମୀଦେବୀ ନିଜ ପୁଅ ଶ୍ୟାମ ପ୍ରସାଦ(୩୫)ର ଆଚରଣ ଏବଂ କାର୍ଯ୍ୟକଳାପକୁ ନେଇ ଦୀର୍ଘ ଦିନ ଧରି ଅତିଷ୍ଠ ହୋଇପଡ଼ିଥିଲେ। କିନ୍ତୁ ନିକଟରେ ଶ୍ୟାମ ପ୍ରସାଦ ବେଙ୍ଗାଲୁରୁ ଏବଂ ହାଇଦରାବାଦରେ ରହିଥିବା ନିଜର ସମ୍ପର୍କୀୟଙ୍କୁ ଖରାପ ବ୍ୟବହାର କରିବା ପରେ ଲକ୍ଷ୍ମୀ ଧୈର୍ଯ୍ୟହରାଇ ଥିଲେ। ତେବେ ହାଇଦରାବାଦ୍‌ରେ ଶ୍ୟାମ ପ୍ରସାଦ ନିଜର ମାଇଁଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିବା ଜଣାପଡ଼ିବା ପରେ ଲକ୍ଷ୍ମୀ ନିଜର କିଛି ସମ୍ପର୍କୀୟଙ୍କ ସହାୟତାରେ ଶ୍ୟାମପ୍ରସାଦକୁ ହତ୍ୟା କରିଥିଲେ। ଏକ ଟାଙ୍ଗିଆରେ ଲକ୍ଷ୍ମୀ ପୁଅକୁ ହତ୍ୟା କରିବା ପରେ ତାକୁ ୫ ଖଣ୍ଡ କରି ନିକଟସ୍ଥ ଏକ କେନାଲରେ ମରଶରୀରକୁ ଫିଙ୍ଗି ଦେଇଥିବା ଏସପି କହିଛନ୍ତି।

# ଏଲନ ମସ୍କଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ: ୧୪ ରାଜ୍ୟ ପକ୍ଷରୁ ମାମଲା ରୁଜୁ



ୱାଶିଂଟନ,୧୫।୨(ଏଜେନ୍ସି): ଆମେରିକାର ଟ୍ରମ୍ପ ପ୍ରଶାସନରେ ଏଲନ ମସ୍କଙ୍କ ନିଯୁକ୍ତିକୁ ନେଇ ଏବେ ବିବାଦ ବଢିଛି। 'ଡୋଜ୍' ନାମରେ ଏକ ନୂଆ ବିଭାଗ କରାଯାଇ ସେଥିରେ ମସ୍କଙ୍କୁ ମୁଖ୍ୟ କରାଯିବା ବିଷୟକୁ ଆମେରିକାରେ ୧୪ଟି ରାଜ୍ୟ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏପରିକି ଏହିସବୁ ରାଜ୍ୟରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଏଲନ ମସ୍କଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ଏଲନ ମସ୍କ ବିଭିନ୍ନ କ୍ଷେତ୍ରରେ ଅବ୍ୟବସ୍ଥା ଆଣିବା ଦିଗରେ ପରିଚିତି ଲାଭ କରିଥିଲା ବେଳେ 'ଡୋଜ୍' ମୁଖ୍ୟ ଭାବେ ତାଙ୍କୁ ନିଯୁକ୍ତ କରାଯିବା ଆମେରିକାର ସମ୍ବିଧାନ ବିରୋଧୀ ବୋଲି ମେକ୍ସିକୋ ରାଜ୍ୟ ମୁଖ୍ୟ କହିଛନ୍ତି। ବର୍ତ୍ତମାନ ଆମେରିକାର ବିଭିନ୍ନ ସରକାରୀ ବିଭାଗରୁ ଛଟେଇ କରିବାକୁ ମସ୍କ ଯେଉଁଭଳି ଅଭିଯାନ ଚଳାଇଛନ୍ତି ତାଆ ଆଗାମୀ ଦିନରେ ଆହୁରି ଅସ୍ଥିରତା ଆଣିବ ବୋଲି ବିଭିନ୍ନ ରାଜ୍ୟ ପକ୍ଷରୁ କୁହାଯାଇଛି। ଜଣକ ହାତରେ ଏଭଳି ନିରଙ୍କୁଶ କ୍ଷମତା ଦେବା ଗଣତନ୍ତ୍ର ପାଇଁ ମଧ୍ୟ ସବୁଠୁ ବିପଦ ବୋଲି କୁହାଯାଇଛି।

### କେଜ୍ରିୱାଲଙ୍କୁ ପୁଣି ଧକ୍କା

# ୩ ଆପ୍ ପାର୍ଷଦ ବିଜେପିରେ ସାମିଲ



ନୂଆଦିଲ୍ଲୀ,୧୫।୨(ଏଜେନ୍ସି): ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ଗୋଟିଏ ପରେ ଗୋଟିଏ ଧକ୍କା ଲାଗିବାରେ ଚାଲିଛି। ଦିଲ୍ଲୀ ନିର୍ବାଚନରେ ଦଳର ଶୋଚନୀୟ ପରାଜୟକୁ ନେଇ କେଜ୍ରିୱାଲଙ୍କ ଚିନ୍ତା ହଟି ନଥିଲା ବେଳେ ଶନିବାର ଦଳର ୩ ଜଣ ପାର୍ଷଦ ବିଜେପିରେ ସାମିଲ ହୋଇଛନ୍ତି। ଆର କେ ପୁରମ ପାର୍ଷଦ ଧରମବୀର, ଆଣ୍ଡ୍ରୁଜ୍ ଗଞ୍ଜର ପାର୍ଷଦ ଅନୀତା ବସୋୟା ଏବଂ ହରି ନଗର ପାର୍ଷଦ ନିଖିଳ ଛପରାନା ଆପ୍ ଛାଡି ବିଜେପିରେ ଯୋଗ ଦେବା ପରେ ଏହାକୁ ନେଇ ବିଜେପି ଉତ୍ସାହିତ ହୋଇପଡ଼ିଛି। ସେମାନଙ୍କୁ ଦଳରେ ସ୍ୱାଗତ କରି ଏବେ ଦିଲ୍ଲୀରେ ' ଟ୍ରିପଲ ଇଞ୍ଜିନ' ସରକାର ହେବ ବୋଲି ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚଦେବା କହିଛନ୍ତି। କେନ୍ଦ୍ରରେ ବିଜେପି ରହିଥିଲା ବେଳେ ଦିଲ୍ଲୀ ବିଧାନସଭା ଏବଂ ଦିଲ୍ଲୀ ମହାନଗର ନିଗମରେ ମଧ୍ୟ ବିଜେପି ରାଜୁତି କରିବ ବୋଲି ସେ କହିଛନ୍ତି। ଦିଲ୍ଲୀରେ ଆପ୍‌ର ପରାଜୟ ପରେ ଏହା ପାର୍ଶ୍ୱ ପ୍ରତିକ୍ରିୟା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ଆସନ୍ତା ଏପ୍ରିଲ ମାସରେ ଦିଲ୍ଲୀ ମେୟର ପାଇଁ ନିର୍ବାଚନ ହେବାକୁ ଥିବା ବେଳେ ଏହାପୂର୍ବରୁ ଏହି ତିନି ପାର୍ଷଦ ଦଳ ଛାଡିବା ଆପ୍ ପାଇଁ ମହଙ୍ଗା ପଡ଼ିପାରେ ବୋଲି କୁହାଯାଉଛି। ଗତ ମେୟର ନିର୍ବାଚନରେ ଆପ୍ ୩ଟି ଅଧିକ ଭୋଟରେ ବିଜୟୀ ହୋଇଥିଲା। କିନ୍ତୁ ଏହି ତିନି ପାର୍ଷଦ ବିଜେପିରେ ମିଶିବା ଦ୍ୱାରା ଏବେ ଦଳୀୟ ସଦସ୍ୟଙ୍କ ସଂଖ୍ୟା ଆପ୍ ଠାରୁ ଅଧିକ ରହିବ। ଏହାବ୍ୟତୀତ ଗତ ନିର୍ବାଚନରେ ବିଜେପିର ବିଜୟ ଯୋଗୁଁ ଦଳ ଏମସିଡିକୁ ୧୦ ବିଧାୟକଙ୍କୁ ପଠାଇପାରିବ।

### ସିସ୍ ମହଲ ଉପରେ ତଦନ୍ତ କରିବାକୁ କେନ୍ଦ୍ରୀୟ ଭିଜିଲାନ୍ସ କମିସନର ନିର୍ଦ୍ଦେଶ

ଅନ୍ୟପକ୍ଷରେ ସିସ୍ ମହଲକୁ ନେଇ ମଧ୍ୟ କେଜ୍ରିୱାଲଙ୍କ ସମସ୍ୟା ପୁଣି ବଢିଛି। ପ୍ରାୟ ୮ ଏକର( ୪୦,୦୦୦ ବର୍ଗ ୟାର୍ଡ) ପରିମିତ ଜମି ଉପରେ ନିର୍ମାଣ କରାଯାଇଥିବା ଏହି ସୁରମ୍ୟ କୋଠାର ନିର୍ମାଣ ଏବଂ ଢାଞ୍ଚା ପରିବର୍ତ୍ତନକୁ ନେଇ କେନ୍ଦ୍ରୀୟ ପୂର୍ତ୍ତ ବିଭାଗ ଦ୍ୱାରା ଯାଞ୍ଚ କରାଇବାକୁ କେନ୍ଦ୍ରୀୟ ଭିଜିଲାନ୍ସ କମିସନ ନିର୍ଦ୍ଦେଶ ଦେଇଛନ୍ତି। ଅରବିନ୍ଦ କେଜ୍ରିୱାଲ ୨୦୧୫ରେ ମୁଖ୍ୟମନ୍ତ୍ରୀ ହେବା ପରେ ସେ ୨୦୨୪ରେ ତାଙ୍କ ପଦରୁ ଇସ୍ତଫା ଦେବା ପର୍ଯ୍ୟନ୍ତ ଏହି ଅଟ୍ଟାଳିକାରେ ରହି ଆସୁଥିଲେ। ନିଜର ସରକାରୀ ବାସଭବନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ସେ ୪ଟି ସରକାରୀ ବଙ୍ଗଳାକୁ ମିଶାଇ ଏହାକୁ ନିର୍ମାଣ କରିଥିଲେ। କିନ୍ତୁ ଏହି ସୁରମ୍ୟ ପ୍ରାସାଦରେ ପ୍ରଚୁର ପରିମାଣରେ ଅପବ୍ୟୟ କରାଯାଇଥିବା ଦର୍ଶାଇ ବିଜେପି ଆପ୍‌କୁ ଘେରିଥିଲା। କେଜ୍ରିୱାଲ ଯେଉଁ ୪ଟି ସରକାରୀ ବଙ୍ଗଳାକୁ ଭାଙ୍ଗି ସିସ୍ ମହଲ ନିର୍ମାଣ କରିଥିଲେ ସେଗୁଡିକର ମିଶ୍ରଣକୁ ରଦ୍ଦ କରିବା ସହିତ ନିର୍ମାଣ ସମ୍ପର୍କରେ ଯାଞ୍ଚ କରିବାକୁ ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚଦେବା କିଛି ଦିନ ତଳେ ଉପ ରାଜ୍ୟପାଳ ଭି କେ ସାକ୍ସେନାଙ୍କୁ ଚିଠି ଲେଖିଥିଲେ। ସେହି ଅନୁସାରେ କେନ୍ଦ୍ରୀୟ ପୂର୍ତ୍ତ ବିଭାଗକୁ ଏହି ଅଟ୍ଟାଳିକାର ନିର୍ମାଣ ସମ୍ପର୍କିତ ସମସ୍ତ ତଥ୍ୟ ମଗାଯାଇଥିଲା। ଇତିମଧ୍ୟରେ ସଂପୃକ୍ତ ବିଭାଗ ତଥ୍ୟ ଦେଇଥିଲା ବେଳେ କେନ୍ଦ୍ରୀୟ ଭିଜିଲାନ୍ସ କମିସନ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ମୋଦୀଙ୍କ ଆମେରିକା ଗସ୍ତକୁ ସଫଳ ଦର୍ଶାଇ ବିବାଦରେ ଶଶୀ ଥରୁର୍

ନୂଆଦିଲ୍ଲୀ,୧୫।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫ୍ରାନ୍ସ ଏବଂ ଆମେରିକା ଗସ୍ତ ଶେଷକରି ସ୍ୱଦେଶ ଫେରିଆସିଛନ୍ତି। ହେଲେ ତାଙ୍କର ଆମେରିକା ଗସ୍ତ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବୈଠକକୁ ନେଇ ଏବେ ଗଣମାଧ୍ୟମ ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି। ଏହିକ୍ରମରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଜୟରାମ ରମେଶ ସେମାନଙ୍କ ପ୍ରତିକ୍ରିୟା ରଖି ମୋଦୀଙ୍କ ଆମେରିକା ଗସ୍ତକୁ ବିଫଳ ବୋଲି ଦର୍ଶାଇଛନ୍ତି। ବିଶେଷକରି ଗୌତମ ଆଦାନୀଙ୍କ ମାମଲାରେ ରାହୁଲ କହିଛନ୍ତି ଯେ,ବିଦେଶରେ ମଧ୍ୟ ଗୌତମ ଆଦାନୀଙ୍କୁ ସୁରକ୍ଷା ଦେବାକୁ ମୋଦୀ ପଛାଇ ନାହାନ୍ତି। ପ୍ରଧାନମନ୍ତ୍ରୀ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବ୍ୟକ୍ତିଗତ ବୋଲି ଦର୍ଶାଇ ଏଡ଼ାଇ ଯାଇପାରିବେ ନାହିଁ। ରାହୁଲଙ୍କ ଭଳି ଜୟରାମ ରମେଶ ମଧ୍ୟ ଅନୁରୂପ ଭାବେ ମୋଦୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ହେଲେ ଦଳୀୟ ସାଂସଦ ଶଶୀ ଥରୁର ମୋଦୀଙ୍କ ଗସ୍ତକୁ ପ୍ରଶଂସା କରି ବିବାଦରେ ପଡ଼ିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିଭିନ୍ନ କ୍ଷେତ୍ରରେ ହୋଇଥିବା ଆଲୋଚନା ସକାରାତ୍ମକ ରହିଛି। ବିଶେଷକରି ଆମେରିକା ଭାରକତୁ ଏଫ-୩୫ ଯୁଦ୍ଧ ବିମାନ ଯୋଗାଇ ଦେବା ନେଇ ଟ୍ରମ୍ପଙ୍କ ଘୋଷଣା ମଧ୍ୟ ଭାରତ ପାଇଁ ବଡ଼ ସଫଳତା। ଏହା ଦ୍ୱାରା ଭାରତକୁ ବହୁତ ଫାଇଦା ମିଳିବ ବୋଲି ଥରୁର୍ କହିଛନ୍ତି। ସେ କହିଛନ୍ତି ଯେ ଭାରତ ପାଖରେ ରାଫେଲ ଭଳି ଲଢୁଆ ବିମାନ ରହିଛି। ଏବେ ଏଫ୍-୩୫ ଯୋଡ଼ିବା ପରେ ଶକ୍ତି ଆହୁରି ବୃଦ୍ଧି ପାଇଛି। ଡୋନାଲ୍ଡ ଟ୍ରମ୍ପ ନିଜକୁ ଜଣେ କଠୋର 'ବାର୍ଗେନର' ବୋଲି ଭାବୁଛନ୍ତି ଏବଂ ଏଥିପାଇଁ ଗର୍ବିତ। ଏବେ ଯଦି ସେ କହୁଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଠାରୁ ଭଲ ନେଗୋସିଏଟର୍ (ବୁଝାମଣାକାରୀ), ତା'ହେଲେ ଏହା ଆମର ସଫଳତା। ଡୋନାଲ୍ଡ ଟ୍ରମ୍ପ ଏମିତି ଜଣେ ବ୍ୟକ୍ତି ଯିଏ କାହାକୁ ଖୁବ୍ କମ୍ ପ୍ରଶଂସା କରନ୍ତି। ଯଦି ଏଭଳି ବ୍ୟକ୍ତି ଭାରତର ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରୁଛନ୍ତି, ତେବେ ଏହାକୁ ସ୍ୱାଗତ କରିବା ଉଚିତ ବୋଲି ଥରୁର୍ କହିଛନ୍ତି।

# ଚାଷୀଙ୍କ ପାଇଁ ଗର୍ଜିଲା ବିଜେଡି



**ଭୁବନେଶ୍ୱର,୧୫ ।୨(ସମିସ):** ବିଧାନସଭାର ତୃତୀୟ ଦିନରେ ଚାଷୀଙ୍କ ପାଇଁ ଗୃହ କମ୍ପାଇଛନ୍ତି ବିରୋଧୀ ବିଜେଡି ସଦସ୍ୟ । ସ୍ୱତନ୍ତ୍ର ଆଲୋଚନା ମାଧ୍ୟମରେ ଚାଷୀ ସମସ୍ୟା ଉପରେ ବିତର୍କ ପାଇଁ ଦାବିକୁ ବାଚସ୍ପତି ଗ୍ରହଣ ନ କରିବାରୁ ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ କରିଛନ୍ତି । ପରେ ବିଜେଡି ସଦସ୍ୟମାନେ ଗୃହରୁ ସିଧାସଳଖ ରାଜଭବନ ଯାଇ ରାଜ୍ୟପାଳ ଡ଼ଃ ହରିବାବୁ କମ୍ଭମପତିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ଦଳର ସମସ୍ତ ବିଧାୟକଙ୍କ ଦସ୍ତଖତ ସମ୍ବଳିତ ଦାବି ପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରିଛନ୍ତି । ବିଧାୟକ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପ ମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ମଣ୍ଡଳୀରେ ଦଳର ପ୍ରାୟ ସମସ୍ତ ବିଧାୟକ ଉପସ୍ଥିତ ଥିଲେ ।

ରାଜ୍ୟପାଳଙ୍କୁ ଦେଇଥିବା ଦାବି ପତ୍ରରେ ବିଜେଡି କହିଛି ଯେ ରାଜ୍ୟର କୃଷକଙ୍କ ସମସ୍ୟା ଉତ୍କଟ ସ୍ଥିତିରେ ପହଞ୍ଚିଛି, କିନ୍ତୁ ରାଜ୍ୟ ସରକାର ଏହାକୁ ଅଣଦେଖା କରୁଛନ୍ତି । ଗତ ଡ଼ିସେମ୍ବର ଓ ଜାନୁଆରୀ ମାସରେ ରାଜ୍ୟରେ ଅଦିନିଆ ବର୍ଷା ଯୋଗୁଁ ବ୍ୟାପକ ଫସଲହାନି ଘଟି କୃଷକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି । ପ୍ରଭାବିତ ହୋଇଥିବା ଚାଷୀମାନେ ହତାଶ ହୋଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି । କେଉଁଠି ଉଜୁଡା ଫସଲ ଦେଖି ହୃଦଘାତରେ ମୃତ୍ୟୁ ହେବା ଭଳି ହୃଦୟ ବିଦାରକ ଖବର ଆସିଛି । ବିଭିନ୍ନ ଜିଲ୍ଲାରେ ଏଭଳି ଅଭାବନୀୟ ଘଟଣା ଘଟୁଥିବା ବେଳେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ୩୦ ଓ ୩୧ ଡିସେମ୍ବର

**■ ଗୃହରେ ତୀବ୍ର ପ୍ରତିବାଦ, ଲୋଡ଼ିଲେ ରାଜ୍ୟପାଳଙ୍କ ହସ୍ତକ୍ଷେପ**
**■ ଫସଲ ହାନୀର ଉପଯୁକ୍ତ କ୍ଷତିପୂରଣ ସହ ବିନା ସୁଧରେ ଋଣ ଦାବି**
**■ ଧାନକିଣା କଟନୀ ଛଟନୀ ଉପରେ ତୁରନ୍ତ ଅଙ୍କୁଶ ଲଗାଯାଉ**

ଦିନ ରାଜ୍ୟର ବିଭିନ୍ନ ଜିଲ୍ଲା ଯଥା, ଗଞ୍ଜାମ, ପୁରୀ, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡା ଇତ୍ୟାଦି ଯାଇ ପ୍ରଭାବିତ ଅଞ୍ଚଳ ବୁଲିଥିଲେ ଓ ଚାଷୀ ମାନଙ୍କ ସହିତ ତାଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଫସଲ ଅମଳ ହେବା ପାଇଁ ପ୍ରସ୍ତୁତ ଥିବାବେଳେ ଅଦିନିଆ ବର୍ଷା ତାଙ୍କ ଭାତହାଣ୍ଡିକୁ ଉଜାଡି ଦେଲା ବୋଲି ଚାଷୀମାନେ କହିବା ସହିତ ବର୍ଷା ସମ୍ପର୍କିତ ପ୍ରାକ ସୂଚନା ସରକାରଙ୍କ ଠାରୁ ତାଙ୍କୁ ମିଳି ନଥିବାରୁ ଏପରି ଘଟିଲା ବୋଲି ଅଭିଯୋଗ କରିଥିଲେ । ଏହି କ୍ଷତିକୁ ଭରଣା କରିବା ପାଇଁ ତୁରନ୍ତ କ୍ଷତି ସହିଥିବା କୃଷକ ମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ସ୍ମାରକପତ୍ରରେ ଦାବି କରାଯାଇଛି ।

ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଧିମେଇ ଯାଇଛି । ସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ବ୍ୟବସ୍ଥିତ ଢଙ୍ଗରେ ଧାନ କିଣା କାମ ଚାଲିପାରୁ ନାହିଁ । ଏଥିପାଇଁ ଧାନ ବିକ୍ରି କରିବା ପାଇଁ ଅପେକ୍ଷାରତ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମଣ୍ଡିରେ ଧାନ ରଖିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇ ନଥିବାରୁ କୃଷକମାନଙ୍କୁ ଲମ୍ବା ସମୟ ଅପେକ୍ଷା କରିବାକୁ ପଡୁଛି । ଏଫଏକ୍ୟୁ ଧାନ ସଂଗ୍ରହ ନାମରେ କୁଇଣ୍ଟାଲ ପିଛା ୯ରୁ ୧୦ କେଜି କଟନିଛଟନି କରାଯାଉଛି । ବିଭିନ୍ନ ସ୍ଥାନରେ କୃଷକମାନେ ଏହାକୁ ବିରୋଧ କରୁଥିଲେ ମଧ୍ୟ ସ୍ଥିତିରେ ସୁଧାର ଆସୁନାହିଁ । ତେଣୁ କୃଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପାଇଁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିବା ସହିତ ରାଜ୍ୟର କୃଷକମାନେ ଅଦିନିଆ ବର୍ଷା ଯୋଗୁଁ ବ୍ୟାପକ କ୍ଷତିର ସମୁଖୀନ ହୋଇଥିବା ଚାଷୀଙ୍କୁ କୃଷି ଋଣ ଛାଡ଼ କରିବାକୁ ବିଜେଡି ଦାବି କରିଛି । ଏହା ସହ ଚାଷୀଙ୍କୁ ବିନା ସୁଧରେ ଋଣ , ପ୍ରଭାବିତ କୃଷକ ମାନଙ୍କ ପିଲାଙ୍କ ଶିକ୍ଷା ପାଇଁ ସହାୟତା ପ୍ରଦାନ ସହ କଟନିଛଟନିକୁ ସମ୍ପୂର୍ଣ୍ଣ ବନ୍ଦ ଲାଗି ବିଜେଡି ଦାବି କରିଛି ।

**କେନ୍ଦ୍ର ଅବହେଳାକୁ ପରୋକ୍ଷରେ ମାନିଲେ ଯୋଗାଣମନ୍ତ୍ରୀ**

# ରାଜ୍ୟର ୩୪୧ ସ୍ଥାନରେ ନାହିଁ ମୋବାଇଲ୍ ନେଟୱାର୍କ

**■ ମାର୍ଚ୍ଚ ୩୧ ଯାଏ ପୁଣି ବଢ଼ିଲା ଇ-କେୱାଇସି ଅବଧି**
**■ ଏଥରକୁ ମିଶାଇ ୫ଥର ବୃଦ୍ଧି ହୋଇସାରିଲାଣି ତାରିଖ**

**ଭୁବନେଶ୍ୱର,୧୫ ।୨(ସମିସ):** ରାଜ୍ୟରେ ମୋବାଇଲ୍ ନେଟୱାର୍କ ସମସ୍ୟା ରହିଛି । ୧୧୧ଟି ପଏଣ୍ଟରେ ମୋବାଇଲ୍ ସିଗ୍ନାଲ ମନ୍ଥର ଓ ୨୩୦ଟି ସ୍ଥାନରେ ନେଟୱାର୍କ ଶୂନ । ତେଣୁ ଇ-କେୱାଇସି କରିବାରେ ଲୋକମାନେ ସମସ୍ୟା ଭୋଗୁଛନ୍ତି । ଏଥିପାଇଁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରାସନ କାର୍ଡ ଇ-କେୱାଇସି ଅବଧି ବୃଦ୍ଧି କରାଯାଇଛି ଏବଂ ମୋବାଇଲ ନେଟୱାର୍କ ସମସ୍ୟା ଦୂର ପାଇଁ ୩୪୧ଟି ପଏଣ୍ଟରେ ଡ଼ିଭାଇସ ଲଗାଯିବ ବୋଲି କହିଛନ୍ତି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ମନ୍ତ୍ରୀଙ୍କ ଏହି ସ୍ୱୀକାରୋକ୍ତି ରାଜ୍ୟ ଟେଲିକମ୍ ନେଟୱାର୍କ କ୍ଷେତ୍ରରେ ଓଡ଼ିଶା କେନ୍ଦ୍ର ଦ୍ୱାରା ଅବହେଳାର ଶିକାର ହୋଇଥିବା ତତ୍କାଳୀନ ବିଜେଡି ସରକାରଙ୍କ ଅଭିଯୋଗକୁ ପ୍ରମାଣିତ କରିଛି । ମୋବାଇଲ ନେଟୱାର୍କ ଯୋଗାଇବା ପାଇଁ କେନ୍ଦ୍ର ନିକଟରେ ପୂର୍ବ ସରକାର ବାରମ୍ବାର ଦାବି କରିବା ସହ ଅପହଞ୍ଚ ଅଞ୍ଚଳଗୁଡ଼ିକରେ ମୋବାଇଲ୍ ଟାୱାର ସ୍ଥାପନ ପାଇଁ ଦାବି କରିବା ସତ୍ତ୍ୱେ ଏଯାଏ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ଯଦ୍ୱାରା ରାଜ୍ୟର ଖାଦ୍ୟସୁରକ୍ଷା ହିତାଧିକାରୀମାନେ ଇ-କେୱାଇସି କରିବାରୁ ବଞ୍ଚିତ ହୋଇଛନ୍ତି । ରାଜ୍ୟ ବାହାରେ ୧ ଲକ୍ଷ ୩୫ହଜାର ୨୫୮ ଜଣ ଇ-କେୱାଇସି ଅପଡେଟ କରିଥିବା ମନ୍ତ୍ରୀ ଏହି ଅବସରରେ ସୂଚନା ଦେଇଛନ୍ତି । ଶ୍ରୀ ପାତ୍ର କହିଛନ୍ତି ଯେ ଏବେ ସୁଦ୍ଧା ରାଜ୍ୟରେ ୨ କୋଟି ୯୯ ଲକ୍ଷ ୮ହଜାର ୪୫୭ ଜଣ ଇ-କେୱାଇସି କରିଥିବା ବେଳେ ଆହୁରି ୩୩ ଲକ୍ଷ ୨୩ ହଜାର ୮୫୪ ହିତାଧିକାରୀ ଏବେ ବି କରିପାରିନାହାନ୍ତି । ନେଟ୍‌ୱାର୍କ ସମସ୍ୟା ଏଥିରେ ବାଧକ ହୋଇଛି । ତେଣୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଇ-କେୱାଇସି ଅବଧି ବୃଦ୍ଧି ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ସମସ୍ୟା ଦୂର ପାଇଁ ୩୪୧ ପଏଣ୍ଟରେ ନେଟ୍‌ୱାର୍କ ଡିଭାଇସ୍ ଲଗାଯିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତବର୍ଷ ଜୁନ୍ ମାସରୁ ଇ-କେୱାଇସି ଅପଡେଟ୍ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହାର ଅବଧି ପ୍ରଥମେ ଡିସେମ୍ବର ୩୧, ପରେ ଜାନୁଆରୀ ୧୫, ଜାନୁଆରୀ ୩୧ ଏବଂ ପରେ ଫେବ୍ରୁଆରୀ ୧୫ ତାରିଖକୁ ଧାର୍ଯ୍ୟ କରାଯାଇଥିଲା । ପ୍ରତି ଥର ଇ-କେୱାଇସି ଅପଡେଟ୍ ଅବଧିକୁ ଶେଷ ତାରିଖ ବୋଲି ଘୋଷଣା କରି ଆସୁଛନ୍ତି ମନ୍ତ୍ରୀ । ଆଜି ପଞ୍ଚମ ଥର ପାଇଁ ସମୟସୀମା ବଢାଯିବା ପରେ ନୂଆ କାର୍ଡକୁ ଅପେକ୍ଷା କରିଛନ୍ତି ଆବେଦନକାରୀ । ଏପଟେ ଏ ବିଳମ୍ବିତ ପ୍ରକ୍ରିୟା ଭିତରେ ନିଜକୁ ଅଯୋଗ୍ୟ ଭାବୁଥିବା ହିତାଧିକାରୀମାନେ କାର୍ଡ ଫେରାଇବାର ପ୍ରକ୍ରିୟା ଏବେ ମଧ୍ୟ ଜାରି ରଖିଛନ୍ତି ।

**ବିନା ଅନୁମତିରେ ମୁଖ୍ୟାଳୟ ଛାଡୁଛନ୍ତି, ଛୁଟିରେ ରହୁଛନ୍ତି**

# ଅମାନିଆ ଆଇଏଏସ୍‌ଙ୍କୁ ତାଗିଦ୍

**ଭୁବନେଶ୍ୱର, ୧୫ ।୨ (ସମିସ):** କିଛି ଆଇଏଏସ୍ ଅଧିକାରୀ ମନଇଚ୍ଛା ଛୁଟି ନେଇଯାଉଛନ୍ତି । ମୁଖ୍ୟାଳୟ ଛାଡ଼ି ବାହାରକୁ ଯାଉଥିଲେ ବି ଏଥିପାଇଁ ପୂର୍ବରୁ ଅନୁମତି ନେଉନାହାନ୍ତି । ଏଥିପାଇଁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଏହାକୁ ନେଇ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହ ସମସ୍ତ ଅଧିକାରୀମାନଙ୍କୁ ଚେତାଇ ଦେଇଛନ୍ତି । ଗତ ୧୩ ତାରିଖରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ ଆଇଏଏସ୍ ଅଧିକାରୀମାନେ ସାଧାରଣ ପ୍ରଶାସନ ବିଭାଗ ଅଧିନରେ କାର୍ଯ୍ୟ କରିଥାନ୍ତି । ସେମାନେ କୌଣସି ପ୍ରକାର ଛୁଟି ନେବା କିମ୍ବା ମୁଖ୍ୟାଳୟ ଛାଡ଼ିବା ପାଇଁ ମୁଖ୍ୟ ଶାସନ ସଚିବଙ୍କଠାରୁ ଆଗୁଆ ଅନୁମତି ନେବା ଜରୁରୀ । କିନ୍ତୁ ଦେଖାଯାଉଛି ଯେ ଅନେକ ଆଇଏଏସ୍ ଅଧିକାରୀ ମୁଖ୍ୟ ସଚିବଙ୍କ ବିନା ଅନୁମତିରେ ଛୁଟି ନେଉଛନ୍ତି ଏବଂ ମୁଖ୍ୟାଳୟ ଛାଡ଼ି ବାହାରକୁ ମଧ୍ୟ ଯାଉଛନ୍ତି । ସେମାନଙ୍କର ଅନୁମତି ବିହୀନ ଅନୁପସ୍ଥିତି ପାଇଁ ସରକାରୀ କାର୍ଯ୍ୟ ବାଧାପାପ୍ତ ହେଉଛି । ତେଣୁ ପ୍ରତ୍ୟେକ ଆଇଏଏସ୍ ଅଧିକାରୀ ଛୁଟି ନେବା କିମ୍ବା ମୁଖ୍ୟାଳୟ ଛାଡ଼ିବା ପୂର୍ବରୁ ମୁଖ୍ୟ ସଚିବଙ୍କ ଅନୁମତି ନେବା ବାଧ୍ୟତାମୂଳକ । ଏହି ଆଦେଶନାମାକୁ ଗୁରୁତ୍ୱର ସହ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ସାତକୋଶିଆ ଗଣ୍ଡ ଉପରେ ଉଡ଼ିଲା ହେଲିକପ୍ଟର

**ଅନୁଗୋଳ/ଭୁବନେଶ୍ୱର,୧୫।୨(ସମିସ):** ସାତକୋଶିଆ ଗଣ୍ଡ ଉପରେ ହେଲିକପ୍ଟର ଉଡ଼ିଛି । ନିଷିଦ୍ଧାଞ୍ଚଳ ଘୋଷଣା ସତ୍ତ୍ୱେ ଗଣ୍ଡ ଉପରେ କେଉଁ ପରିସ୍ଥିତିରେ ହେଲିକପ୍ଟର୍ ଉଡ଼ିଲା, ତାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି । ସାତକୋଶିଆ ହେଉଛି ରାଜ୍ୟର

**● ନିଷିଦ୍ଧାଞ୍ଚଳରେ ବିନାମ ଉଡ଼ାଣ ପରେ ବନବିଭାଗର ତନାଘନା**
**● 'ଏୟାର ଟ୍ରାଫିକ କଣ୍ଟ୍ରୋଲର'କୁ ରିପୋର୍ଟ ମାଗିଲା ବନ ବିଭାଗ**

ଦ୍ୱିତୀୟ ବ୍ୟାଘ୍ର ପ୍ରକଳ୍ପ । ଏହାବ୍ୟତୀତ ସୁପ୍ରସିଦ୍ଧ ଆର୍ଦ୍ରଭୂମି ସାତକୋଶିଆକୁ 'ରାମସାର କ୍ଷେତ୍ର' ରୂପେ ମଧ୍ୟ ସ୍ୱୀକୃତି ମିଳିଛି । ମାତ୍ର ଏଭଳି କଡ଼ା କଟକଣାପୂର୍ଣ୍ଣ ଅଞ୍ଚଳରେ କିଏ ଓ କାହିଁକି ହେଲିକପ୍ଟର ଉଡ଼ାଇଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ଥାନୀୟ ଦେଖଣାହାରୀଙ୍କ କହିବା ଅନୁଯାୟୀ, ହେଲିକପ୍ଟରଟି ଗଣ୍ଡର ତଳ ଅବବାହିକା ଦିଗରୁ ଆଠମଲ୍ଲିକ ପାର୍ଶ୍ୱକୁ ଉଡ଼ାଣ କରିଥିଲା । ମାତ୍ର ୫୦ରୁ ୬୦ ଫୁଟ୍ ଉଚ୍ଚରେ ଗଣ୍ଡ ଉପର ଦେଇ ଉକ୍ତ ହେଲିକପ୍ଟରଟି ଉଡ଼ୁଥିଲା । ଏହି ସମୟରେ ସେଠାରେ ଭୀଷଣ ଗର୍ଜନ ଓ ପ୍ରବଳ ପବନ ଅନୁଭୂତ ହୋଇଥିଲା । ଗଣ୍ଡ ଉପରେ ୩୦୦ଫୁଟ୍ ତଳକୁ କୌଣସି ବିମାନ ଉଡ଼ାଇବା ବନ୍ୟପ୍ରାଣୀ ସୁରକ୍ଷା ଆଇନରେ ଦଣ୍ଡନୀୟ ଅପରାଧ ବୋଲି ନିୟମ ରହିଛି । ମାତ୍ର ଏହା ସତ୍ତ୍ୱେ ଗତ ୧୩ତାରିଖ ଅପରାହ୍ଣରେ ହେଲିକପ୍ଟରଟି ସାତକୋଶିଆ ଗଣ୍ଡ ଉପରେ ୧୪ ତାରିଖ ସକାଳେ ପୁଣି ସେହି ରାସ୍ତା ଦେଇ ଫେରିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

ଅନ୍ୟପଟେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଉପରେ ଅଜଣା ହେଲିକେପ୍ଟର ଉଡ଼ିବା ପରେ ବନ ବିଭାଗ ତରଫରୁ ତନାଘନା ଆରମ୍ଭ ହୋଇଯାଇଛି । ଏହି ହେଲିକପ୍ଟର୍ ବିଷୟରେ ସବିଶେଷ ତଥ୍ୟ ପାଇଁ ବନ ବିଭାଗ ତରଫରୁ ସିଭିଲ ଆଭିଏସନ୍ ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି । ସାତକୋଶିଆ ଗଣ୍ଡ ବ୍ୟାଘ୍ର ପ୍ରକଳ୍ପର କୋର ଏରିଆ ମଧ୍ୟରେ ଆସୁଥିବା ବେଳେ ଏହା ଉପରେ ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ କୌଣସି ବିମାନ ଉଡ଼ାଇବା ବନ୍ୟପ୍ରାଣୀ ସୁରକ୍ଷା ଆଇନକୁ ଉଲ୍ଲଙ୍ଘନ କରୁଛି । ଏହାସହ ମହାନଦୀର ସାତକୋଶିଆ ଗଣ୍ଡରେ ତିନୋଟି ବିଲୁପ୍ତପ୍ରାୟ ପ୍ରଜାତି ଯଥା ଘଡ଼ିଆଳ କୁମ୍ଭୀର, ଇଣ୍ଡିଆନ ସ୍କିମର (ପାଣିଚରା) ଓ ବ୍ଲାକବିଲଡଟନ ଆଦି ପକ୍ଷୀ ବାସ କରୁଛନ୍ତି । ତେଣୁ ଗଣ୍ଡ ଉପର ଦେଇ ହେଲିକପ୍ଟର ଉଡ଼ିବା ଫଳରେ ଉକ୍ତ ବିଲୁପ୍ତପ୍ରାୟ ପ୍ରଜାତି ଚଳଣି ଉପରେ ପ୍ରଭାବ ପକାଇବା ଆଶଙ୍କା କରାଯାଉଛି । ଘଟଣା ସମ୍ପର୍କରେ ସାତକୋଶିଆ ଡିଏଫ୍‌ଓ ସରୋଜ କୁମାର ପଣ୍ଡା କହିଛନ୍ତି, ସାତକୋଶିଆ ଉପରେ ବିମାନ ଉଡିବା ବନ୍ୟଜନ୍ତୁ ଆଇନ ବିରୋଧୀ । ସେ ତାଙ୍କ ବିଭାଗର କର୍ମଚାରୀଙ୍କଠାରୁ ସୂଚନା ପାଇବା ପରେ ତୁରନ୍ତ ଭୁବନେଶ୍ୱରସ୍ଥିତ "ଏୟାର ଟ୍ରାଫିକ କଣ୍ଟ୍ରୋଲର'କୁ ହେଲିକପ୍ଟରର ଉଡାଣ ନେଇ ତଥ୍ୟ ମାଗିଛନ୍ତି । ତଥ୍ୟ ମିଳିବା ପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# ରାଜ୍ୟପାଳଙ୍କୁ ଭେଟିବାକୁ ଉଦ୍ୟମ କରି ନିରାଶ ହେଲେ ବୈକୁଣ୍ଠଙ୍କ ପତ୍ନୀ

**ଭୁବନେଶ୍ୱର, ୧୫।୨(ସମିସ):** ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ଭେଟିବାକୁ ଉଦ୍ୟମ କରିଛନ୍ତି ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କ ପତ୍ନୀ । ବୈକୁଣ୍ଠଙ୍କୁ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ମାଡ଼ ମାରିବା ଘଟଣାରେ



ନ୍ୟାୟ ଆଶା ନେଇ ସେ ନୂତନ ରାଜ୍ୟପାଳଙ୍କୁ ଭେଟିବାକୁ ଉଦ୍ୟମ କରିଛନ୍ତି । ମାତ୍ର ରାଜ୍ୟପାଳଙ୍କୁ ଭେଟି ନପାରି ସେ ନିରାଶ ହୋଇ ଫେରିଛନ୍ତି ।

ରାଜଭବନରୁ ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ନୂଆ ରାଜ୍ୟପାଳଙ୍କୁ ସାକ୍ଷାତ କରିବା ପାଇଁ ସେ ତାରିଖ ମାଗିଥିଲେ ମଧ୍ୟ ଏହା ସଫଳ ହୋଇପାରିନାହିଁ । ବର୍ତ୍ତମାନ ପୁଲିସ ନିକଟରେ ସେ ଦାଖଲ କରିଥିବା ମାମଲା ସମ୍ପର୍କରେ କ'ଣ ସ୍ଥିତି ରହିଛି, ସେନେଇ ତଥ୍ୟ ଆଣିବାକୁ ତାଙ୍କୁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିବା ସେ କହିଛନ୍ତି । ଅନ୍ୟପଟେ ପୁଲିସ୍ ବର୍ତ୍ତମାନ ସୁଦ୍ଧା ଏହି ଅଭିଯୋଗରେ ମାମଲା ଦାୟର କରି ନଥିବା ସେ କହିବା ସହ ପୁଣିଥରେ ପୁଲିସଠାରୁ ସମ୍ପୂର୍ଣ୍ଣ ତଥ୍ୟ ଆଣିବେ ବୋଲି କହିଛନ୍ତି । ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ତାଙ୍କ ସ୍ୱାମୀଙ୍କୁ ସାମାନ୍ୟ ଗାଡ଼ି ପାଇଁ ମରଣାତ୍ମକ ଆକ୍ରମଣ କରିଥିବା ସତ୍ତ୍ୱେ ପୁଲିସ ଏପର୍ଯ୍ୟନ୍ତ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଇ ନଥିବାରୁ ସେ ଅସନ୍ତୋଷ ଜାହିର କରିଛନ୍ତି । ମାତ୍ର ନ୍ୟାୟ ପାଇଁ ସେ ଲଢ଼େଇ ଜାରି ରଖିବେ ବୋଲି କହିଛନ୍ତି । ଜଣେ ସାଧାରଣ ଲୋକ ହିସାବରେ ସେ ସରକାରଙ୍କ ସହ ଲଢ଼େଇ କରୁଥିବାରୁ ସେ ଭୟଭୀତ ଥିବା ମଧ୍ୟ କହିଛନ୍ତି । ଠିକ୍ ରହି ନିଜ କାର୍ଯ୍ୟରେ କୌଣସି ଅବହେଳା ନକରି ବୈକୁଣ୍ଠ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି । ଏହା ସତ୍ତ୍ୱେ ତାଙ୍କ ଉପରେ ହୋଇଥିବା ଆକ୍ରମଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସେ ତାଙ୍କର ଲଢ଼େଇ ଜାରି ରଖିଥିବା ନେଇ ପ୍ରତିକ୍ରିୟା ଦେଇଛନ୍ତି ।

# ଯୁବକଙ୍କ ମୁହଁରେ ଲଙ୍କାଗୁଣ୍ଡ ବୋଳି ହତ୍ୟା !

**ନବରଙ୍ଗପୁର/ରାଇଘର,୧୫।୨(ସମିସ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଅନ୍ତର୍ଗତ ବିଜୁ ପଟ୍ଟନାୟକ ସ୍କୁଲ ନିକଟରେ ଥିବା ଏକ ଇଟାଭାଟି ନିକଟରୁ ଆଜି ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ, ରାଇଘର ବ୍ଲକ୍ ଗଞ୍ଜାପାରା ପଞ୍ଚାୟତ ଅନ୍ତର୍ଗତ ମାରଙ୍ଗପାଲି ଗ୍ରାମର ପବିତ୍ର ହରିଜନ (୨୯) । ତାଙ୍କ ମୁହଁସାରା ଲଙ୍କାଗୁଣ୍ଡ ବୋଳା ଯାଇଥିଲା । ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅପରପକ୍ଷେ, ପବିତ୍ରଙ୍କ ପରିବାରଲୋକ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ



ଆଣିଛନ୍ତି । ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ରହସ୍ୟରୁ ପରଦା ହଟିବ ବୋଲି ପୁଲିସ୍ ଆଶାବାଦୀ ଅଛି ।

**■ ଇଟାଭାଟି ନିକଟରୁ ମୃତଦେହ ଉଦ୍ଧାର**
**■ ହତ୍ୟା ଅଭିଯୋଗ ଆଣିଲେ ପରିବାର**

ସୂଚନାନୁଯାୟୀ, ୬ମାସ ତଳେ ପବିତ୍ର ଚେନ୍ନାଇକୁ କାମ କରିବାକୁ ଯାଇଥିଲେ । ଗତ ୭ ତାରିଖରେ ମାଘ ମଣ୍ଡେଇ ପାଇଁ ସେ ନିଜ ଗ୍ରାମକୁ ଆସିଥିଲେ । ତେବେ ଶୁକ୍ରବାର ସକାଳେ ସେ ଘରୁ ବାହାରକୁ ଯାଇଥିବା ବେଳେ ଆଉ ଫେରିନଥିଲେ । ଶନିବାର ସକାଳେ ରାଇଘର ଓ ସୋନପୁର ଯିବା ରାସ୍ତାରେ ଥିବା ଧୋଡ୍ରାପାରା ବିଜୁ ପଟ୍ଟନାୟକ ସ୍କୁଲ ପାଖରେ ଥିବା ଏକ ଇଟାଭାଟି ନିକଟରେ ତାଙ୍କ ଶବ ପଡ଼ିଥିବା କିଛି ଲୋକ ଦେଖିବା ପରେ ପୁଲିସ୍‌କୁ ଖବର ଦେଇଥିଲେ । ତାଙ୍କ ମୁହଁ ସାରା ଲଙ୍କାଗୁଣ୍ଡ ବୋଳା ହୋଇଥିବା ଦେଖାଯାଇଥିଲା । ସାଇଣ୍ଟିଫିକ୍ ଟିମ୍ ସହ ରାଇଘର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଅନ୍ୟପଟରେ ପବିତ୍ରଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାରଲୋକେ ଥାନାରେ ଅଭିଯୋଗ କରିଛନ୍ତି । ଘଟଣାସ୍ଥଳରେ ଉମରକୋଟ ଭାରପ୍ରାପ୍ତ ଏସ୍‌ଡିପିଓ ଏବଂ ଥାନା ଅଧିକାରୀ ରଘୁନାଥ ମାଝୀ ଟିମ୍ ସହ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି ।

**ଫିଟୁଛି ଜଳଛାୟା ମହାଦୁର୍ନୀତି ଗୁମର**

# ଠିକାଦାର ସାଜି ଲୁଟୁଥିଲେ ସହକାରୀ ଯନ୍ତ୍ରୀ

**ଭୁବନେଶ୍ୱର/ମାଲକାନଗିରି,୧୫।୨(ସମିସ):** ମାଲକାନଗିରି ଜଳଛାୟା ପ୍ରକଳ୍ପରେ ଭିଜିଲାନ୍ସ ଚଢ଼ାଉ ପରେ ଫିଟୁଛି ମହାଦୁର୍ନୀତିର ଗୁମର । ମନରେଗାରେ ବନୀକରଣ, ପୋଖରୀ ଖନନ ନାଁରେ ଚାଲିଥିବା କାମକୁ ନିଜେ ଯନ୍ତ୍ରୀ ଠିକାଦାର ସାଜି ଲୁଟୁଥିଲେ । ଶ୍ରମିକଙ୍କ ପରିବର୍ତ୍ତେ ଅଧିକାଂଶ କାମ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀଙ୍କ ଜରିଆରେ କରାଯାଉଥିଲା । ବନୀକରଣ ପାଇଁ ସବୁଜ ଜାଲି ଓ ତାରା ନିର୍ଦ୍ଦିଷ୍ଟ ଭେଣ୍ଡର ମାଧ୍ୟମରେ ଚଢ଼ାଦରରେ କିଣା ଯାଉଥିଲା । ଗଞ୍ଜାମ ଜଗନ୍ନାଥପ୍ରସାଦର ସିଏସସି ସେଣ୍ଟର ମାଲିକ ଅଲେଖ ପ୍ରଧାନଙ୍କ ମାଧ୍ୟମରେ ନଗଦ ଟଙ୍କା ଉଠାଣ କରି ସପ୍ଲାୟର ଦିଆଯାଉଥିଲା । ମିଳିଥିବା ସୂଚନା ଅନୁସାରେ ସହକାରୀ କୃଷିଯନ୍ତ୍ରୀ ମୋହନ ଚନ୍ଦ୍ର ମଣ୍ଡଳ ନିଜେ ଠିକାଦାରୀ କରିବା ସହ ସମ୍ପର୍କୀୟଙ୍କ ନାଁରେ ଭେଣ୍ଡର କୋଡ୍ ଖୋଲି ଅର୍ଥ ଉପାର୍ଜନ କରୁଥିଲେ । ଅସ୍ଥାୟୀ କର୍ମଚାରୀ ଅମିୟକାନ୍ତ ସାହୁ ନିଜ ସମ୍ପର୍କୀୟଙ୍କ ନାମରେ ଜେସିବି ଲଗାଇ ମନରେଗା କାମ କରୁଥିଲେ । କୃଷି ସମ୍ପ୍ରସାରଣ ସଂଯୋଜକ ବିଶ୍ୱଜିତ

**ସମ୍ପର୍କୀୟଙ୍କ ନାମରେ ଖୋଲିଥିଲେ ଭେଣ୍ଡର କୋଡ଼**

ମଣ୍ଡଳ ହିତାଧିକାରୀଙ୍କ ନାଁରେ ଆସୁଥିବା ଟଙ୍କା ଆତ୍ମସାତ କରୁଥିଲେ । ଏହା ଜଣାପଡ଼ିବା ପରେ ବିଭାଗରେ ସୃଷ୍ଟି ହୋଇଛି ଆଲୋଡ଼ନ ।

ମାଲକାନଗିରିରେ ପିଏମ୍ କିଷାନ ସିଞ୍ଚାଇ, ମନରେଗା, ରେନଫେଡ୍ ଡେଭଲପମେଣ୍ଟ, ଆଗ୍ରୋ ଫରେଷ୍ଟ୍ରି ପରି ୪ଟି ଯୋଜନାରେ ବର୍ଷକୁ ପ୍ରାୟ ୨୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ । ଗତ ତିନି ବର୍ଷରେ କେବଳ ମନରେଗାରେ ୩୪୬୧ଟି କୃଷିପୋଖରୀ ଖନନ ପାଇଁ ୫୧ କୋଟି ୯୧ ଲକ୍ଷ ଟଙ୍କା ଅନୁଦାନ ଆସିଛି । ୫୬୨୦ ହେକ୍ଟର ଜମିରେ କାଜୁ ବୃକ୍ଷରୋପଣରେ ୯୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କାଗଜପତ୍ର କହୁଛି । ମାତ୍ର ବାସ୍ତବିକତା ହେଉଛି ଭିନ୍ନ । ମାଲକାନଗିରି ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କର ନଗଦ ୨ କୋଟି ଟଙ୍କା ଓ ୫୦୦ ଗ୍ରାମ୍ ସୁନା ଜବତ ପରେ ଏହାର ରହସ୍ୟ ଖୋଲିବାରେ ଲାଗିଛି । ତାଙ୍କ ନିକଟରୁ ନଗଦ କୋଟି କୋଟି ଟଙ୍କା, ପ୍ଲଟ୍ ଓ ଫ୍ଲାଟ ଠାବ ପରେ ଶାନ୍ତନୁଙ୍କ ସମେତ ମୋହନ ମଣ୍ଡଳ, ବିଶ୍ୱଜିତ ମଣ୍ଡଳ. ଅମିୟକାନ୍ତ ସାହୁ ଓ ଅଲେଖ ପ୍ରଧାନଙ୍କୁ ଭିଜିଲାନ୍ସ ଗିରଫ କରିଥିଲା ।




■ ମାଟ୍ରିକ୍ ପରୀକ୍ଷା ସୁପରିଚାଳନା ପାଇଁ ବୈଠକ

# ୮୧ଟି ପରୀକ୍ଷା କେନ୍ଦ୍ରରେ ୮୧ ନିରୀକ୍ଷକ ନିଯୁକ୍ତ

ସମ୍ବଲପୁର, ୧୫ ।୨(ସମିସ)




ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ବଲପୁର ଏଡିଏମ୍ ଅଶୋକ କୁମାର ଭୋଇଙ୍କ ସଭାପତିତ୍ୱରେ ଜିଲ୍ଲାର ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ପରିଚାଳକଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରକାଶ ଜେମ୍ସ ଟପ୍ପୋ ପ୍ରମୁଖ ଯୋଗଦାନ କରି ପରୀକ୍ଷା ପରିଚାଳନାରେ ହେଉଥିବା ବିଭିନ୍ନ ତ୍ରୁଟି ବିଚ୍ୟୁତି ଓ ତାହାର ସଠିକ୍ ସମାଧାନ ଉପରେ ଆଲୋଚନା କରିଥିଲେ। ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଠାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନ କରି ଆସିଥିବା ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜୀତ କୁମାର ଲୁହା ତାଙ୍କ ଅଭିଜ୍ଞତା ଉପରେ ଆଲୋଚନା କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପରୀକ୍ଷାର ସୁପରିଚାଳନା ଓ ସ୍ୱଚ୍ଛତା ଉପରେ କେନ୍ଦ୍ର ପରିଚାଳକମାନେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।ସମ୍ବଲପୁର ଜିଲ୍ଲାର ସମୁଦାୟ ୮୧ଟି ପରୀକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷକ ତଥା କେନ୍ଦ୍ର ପରିଚାଳକ ଯୋଗଦାନ କରିଥିଲେ। ପରୀକ୍ଷା ପରିଚାଳନା ପାଇଁ ୬ଟି ପ୍ରଶ୍ନପତ୍ର ବିତରଣ କେନ୍ଦ୍ର, ୨୧ ଟି ପ୍ରଶ୍ନପତ୍ର ବିତରଣ ଦଳ ସମଗ୍ର ୮୧ଟି ପରୀକ୍ଷା କେନ୍ଦ୍ରରେ ୮୧ ଜଣ ନିରୀକ୍ଷକ ନିଯୁକ୍ତ ହୋଇଛନ୍ତି। ଚଳିତବର୍ଷ ସମ୍ବଲପୁର ଜିଲ୍ଲାର ୧୦୮୪୪ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଉଥିବା ସୂଚନା ରହିଛି।ପରୀକ୍ଷାର ସୁପରିଚାଳନା ପାଇଁ ବିଡ଼ିଓ ଓ ତହସିଲଦାରମାନଙ୍କୁ ମଧ୍ୟ ନୋଡାଲ ଅଫିସର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଏକ ରାଜ୍ୟସ୍ତରୀୟ ସ୍କ୍ୱାର୍ଡ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଦୁଇଟି ଜିଲ୍ଲାସ୍ତରୀୟ ସ୍କ୍ୱାର୍ଡ ଗଠନ କରାଯାଇଛି। ଏପରିକି ସମସ୍ତ କେନ୍ଦ୍ରରେ ମୋବାଇଲ ଫୋନ ବ୍ୟବହାର ଉପରେ କଟକଣା ଜାରୀ କରାଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଫିସ୍ ସହକାରୀ ସନ୍ତୋଷ କୁମାର ମହାପାତ୍ର ପରିଚାଳନା କରିଥିଲେ। ଶେଷରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ହାତୀବାରି ଟୋଲ୍‌ରେ ଜିଲ୍ଲା ଗାଡ଼ିକୁ ଫ୍ରି ଲାଗି ଦାବି



**ସମ୍ବଲପୁର, ୧୫ ।୨(ସମିସ):** ହାତୀବାରି ଟୋଲରେ ଜିଲ୍ଲା ତଥା ଓଡି-୧୫ ପଞ୍ଜୀକରଣ ଗାଡ଼ିକୁ ଫ୍ରି କରିବାକୁ ଜାତୀୟ ରାଜପଥ ୫୫ ସଂଗ୍ରାମ ସମିତି ଯୁଯୁମୁରା ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବି କରାଯାଇଛି। ଏହା ଏକ ମୁଖ୍ୟରାସ୍ତା ହୋଇଥିବାରୁ ଜିଲ୍ଲାରୁ ଅନେକ ଗାଡ଼ି ନିତିଦିନ ଯିବା ଆସିବା କରୁଛନ୍ତି। ତେଣୁ ବାରମ୍ବାର ଟୋଲ ଫି ଦେବା କଷ୍ଟକର ହେଉଛି। ଏଥିପାଇଁ ଟୋଲ ଫ୍ରି କରିବାକୁ ଦାବି କରିଛନ୍ତି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଗକୁ ବୈଠକ କରି ଏହାର ନିଷ୍କର୍ସ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



**ସମ୍ବଲପୁର, ୧୫ ।୨(ସମିସ):** ସମ୍ବଲପୁର ଏନଏସ୍‌ସିବି ମହାବିଦ୍ୟାଳୟ ପରିସରରେ ନିଶା ନିବାରଣ ଉପରେ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଏନ୍‌ଏସଏସ ଶାଖା ତଥା ମନୋବିଜ୍ଞାନ ବିଭାଗ ଏବଂ ନମଃ ଫାଉଣ୍ଡେସନ, ସମ୍ବଲପୁର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ଫାଉଣ୍ଡେସନର ଧୀରେନ୍ଦ୍ର କୁମାର ମହାପାତ୍ର ତଥା ସହକର୍ମୀ ସୁନିଲ ମାଝୀ ଯୋଗ ଦେଇଥିଲେ। ମନୋବିଜ୍ଞାନ ବିଭାଗ ମୁଖ୍ୟ ଡ.ସନ୍ଧ୍ୟାରାଣୀ କୁଅଁର ଅତିଥି ପରିଚୟ ପ୍ରଦାନ କରିବା ସହିତ ନିଶା ନିବାରଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଇତିହାସ ବିଭାଗ ମୁଖ୍ୟ ଦୁର୍ଲ୍ଲଭ କୁମାର ସା ଏବଂ ଇଂରାଜୀ ବିଭାଗ ମୁଖ୍ୟ ଡ.ହରିହର ମଲ୍ଲିକ ନିଶାର କୁପ୍ରଭାବ ଓ ଏହାର ନିରାକରଣ ନିମନ୍ତେ ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରିଥିଲେ। ମନୋବିଜ୍ଞାନ ବିଭାଗ ଅଧ୍ୟାପକ ସୁଧାଂଶୁ ଆଚାର୍ଯ୍ୟଙ୍କ ଲିଖିତ ତଥା ନିର୍ଦ୍ଦେଶିତ ସଚେତନତାଧର୍ମୀ ନାଟକକୁ ସୁବ୍ରତ, ରବିରାଜ୍, କାନ୍‌ହା, ଗୌତମ, ଜୟା ଏବଂ ଗୌରୀ ପ୍ରମୁଖ ଛାତ୍ରଛାତ୍ରୀ ମଞ୍ଚରେ ପରିବେଷଣ କରିଥିଲେ। ଏନ୍‌ଏସଏସ ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ସୁରେଶ ଏକ୍କା ପରିଚାଳନା କରିଥିବା ବେଳେ ସଭା ଶେଷରେ ମନୋବିଜ୍ଞାନ ବିଭାଗର ଅଧ୍ୟାପିକା ଶିବାଲି ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନାକଟିଦେଉଳ, ୧୫ ।୨ (ସମିସ):** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଉପରମୁଣ୍ଡା ନିକଟସ୍ଥ ବିଜାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଆରସିସି କେଦାରସନ ସାହୁଙ୍କ ସଭାପତିତ୍ୱ ଓ ଜିତେନ୍ଦ୍ର ସାହୁଙ୍କ ପରିଚାଳନାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ, ମୁଖ୍ୟବକ୍ତା ଭାବେ ନାକଟିଦେଉଳ କନିଷ୍ଠ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପକ ଡ.ପ୍ରଶାନ୍ତ କୁମାର ଦାଶ, ସମ୍ମାନିତ ଅତିଥିଭାବେ ଡ.ଦୀପେନ କୁମାର ପଟ୍ଟନାୟକ, ଯୁବ ନେତା ଧୀରେନ କୁମାରସାହୁ, ଡାକ୍ତର ସିଦ୍ଧାର୍ଥ ସାହୁ ଓ ମୋ ସ୍କୁଲ ଅଭିଯାନର ସଭାପତି ଧୀରେନ୍ଦ୍ର ରାଉଳ ପ୍ରମୁଖ ଯୋଗଦେଇ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ତଥା ସମସ୍ୟା ସର୍ମ୍ପକ ରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷୟତ୍ରୀ ଜୀବନ୍ତି ଦେହୁରୀଙ୍କ ପରିଚାଳନାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଟ୍ରକ୍‌କୁ ଧକ୍କା ଦେଇ ଯୁବକଙ୍କ ମୃତ୍ୟୁ

**କୁଚିଣ୍ଡା, ୧୫ ।୨ (ସମିସ):** କୁଚିଣ୍ଡା-କୁସୁମୀ ରାସ୍ତାକଡ଼ରେ ଥିବା ପେଟ୍ରୋଲ ଟାଙ୍କି ବାଇପାସ ରାସ୍ତାର ସଇଡା ବାଇକ୍ ଯୋଗେ ଜଣେ ୩୨/୩୫ ବର୍ଷର ଯୁବକ ଯାଉଥିବା ବେଳେ ରାସ୍ତା କଡ଼ରେ ଥିବା ସାର୍ଭିସ ପୋଏଣ୍ଟ ପାଖରେ ଦଶ ଚକିଆ ଟ୍ରକ୍ ସହିତ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଯୁବକର ମୃତ୍ୟୁ ହୋଇଯାଇଥିଲା।ମୃତ ଯୁବକର ପରିଚୟ ଜଣାପଡ଼ିନଥିବା ବେଳେ କୁଚିଣ୍ଡା ପୁଲିସ ଉକ୍ତ ଯୁବକର ମୃତଦେହକୁ ଆଣି କୁଚିଣ୍ଡା ଡାକ୍ତରଖାନାର ଶବ ଗୃହରେ ରଖାଯାଇଛି।

## ଟିକିଲିପଦା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ



**ଜମନକିରା, ୧୫ ।୨(ସମିସ):** ଜମନକିରା ବ୍ଲକ ଟିକିଲିପଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ରାମ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଜମନକିରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରୋହିତ କୁମାର ଭୋଇ, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ତଥା ସମାଜ ସେବୀ ଭୁବନେଶ୍ୱର ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବରେ ଧନେଶ୍ୱର ପଧାନ, ଚୈତନ୍ୟ ପଟେଲ, ଅବସର ଗ୍ରହଣ କରିଥିବା ଶିକ୍ଷକ ନେତ୍ରାନନ୍ଦ ନାଏକ, ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ପ୍ରଶାନ୍ତ ପଧାନ ଯୋଗଦେଇ ଥିବା ବେଳେ ସଭାକୁ ଲକ୍ଷ୍ମୀଧର ବିନ୍ଦାଣୀ ପରିଚାଳନା କରି ଥିଲେ। ସଭାରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପାତ୍ର ଓ ପୁରସ୍କାର ଅତିଥି ପ୍ରଦାନ କରିଥିଲେ। ସାଂକୃତିକ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କୁଚିଣ୍ଡା ଅନିଭା ନାଏକ, ନୀଳମଣି ଝକ୍ଷଙ୍କର ଆକାଶ ପଟେଲ ଯୋଗ ଦେଇଥିଲେ। ଖତ ଦେଇ, ସାବିତ୍ରୀ ନାଏକଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରି ଥିଲେ। ଶେଷରେ ସହକାରୀ ଶିକ୍ଷକ ଅରୁଣ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ନୂଆ ଆୟକର ବିଲ୍‌କୁ ବିରୋଧ କରିବାକୁ ଆହ୍ୱାନ

**ସମ୍ବଲପୁର, ୧୫ ।୨ (ସମିସ):** କେନ୍ଦ୍ର ସରକାର ନୂତନ ଆୟକର ବିଲ ଜରିଆରେ ଏକ ବ୍ୟାପକ ଚାଷୀ ଓ ଚାଷ ବିରୋଧି ଷଡଯନ୍ତ୍ର ଲୁଚାଇ ରଖିଛନ୍ତି ବୋଲି ବିଜୁ ଜନତା ଦଳ ପୂର୍ବ ସମ୍ବଲପୁର ଜିଲ୍ଲା ସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଇଂ ସିଦ୍ଧାର୍ଥ ଦାସ ପ୍ରକାଶ କରିଛନ୍ତି। ସେ କହିଛନ୍ତି ସହରାଞ୍ଚଳ ମଧ୍ୟସ୍ଥ ଓ ସନ୍ନିକଟ ଚାଷ ଜମିରୁ କୃଷକର ଆୟକୁ କୃଷି ଭିତ୍ତିକ ରୋଜଗାର ହିସାବରେ ଗ୍ରହଣ ନକରି ବ୍ୟବସାୟିକ ଆୟ ଭାବେ ଗ୍ରହଣ କରି ଚାଷୀଙ୍କୁ ଆୟକର ଯନ୍ତ୍ରଣା ମଧ୍ୟକୁ ଟାଣି ନେବାର ଯୋଜନା ରହିଛି। ଉଦାହରଣ ଦେଇ ସେ କହିଛନ୍ତି ଯେ ସମ୍ବଲପୁର ମହାନଗର ମଧ୍ୟରେ ଯେପରି ପ୍ରାୟ ୧୫ଟି ୱାର୍ଡରେ ଚାଷ ଜମି ଅଛି ଓ ଚାଷୀ ଚାଷ କରନ୍ତି। ସେମାନେ ମଧ୍ୟ ଆୟକର ଦ୍ୱାରା ଶୋଷିତ୍ ହେବେ।ଏପରିକି ଦେଶର ରାଜଧାନୀ ଦିଲ୍ଲୀରେ ମଧ୍ୟ ଚାଷ ଜମି ଅଛି ଓ ଚାଷୀ ମାନେ ଚାଷ କରନ୍ତି। ଏହି ପ୍ରସ୍ତାବିତ ବିଧେୟକ ଦ୍ୱାରା ଚାଷୀଙ୍କୁ ସେମାନଙ୍କ ଜମି ସବୁକୁ ରିଏଲ୍ ଇଷ୍ଟେଟମାନଙ୍କୁ ବିକ୍ରି କରାଇବା ଲାଗି ପରୋକ୍ଷ ବ୍ୟବସ୍ଥା।ଏବେ ଠାରୁ ଚାଷୀମାନେ ସଂଗଠିତ ହୋଇ ସେମାନଙ୍କ ଅଞ୍ଚଳର ସାଂସଦ ଉପରେ ଏହି ନୂଆ ଆୟକର ବିଲକୁ ବିରୋଧ କରିବାକୁ ତଥା ପାର୍ଲିଆମେଣ୍ଟର ସିଲେକଟ କମିଟିସ୍ତରରୁ ଏହାର ନାମଞ୍ଜୁର ଲାଗି ଉଦ୍ୟମ କରିବାକୁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି।

## ଆନ୍ଦୋଳନରେ ସାମିଲ ହେବେ ସ୍ୱଚ୍ଛସାଥୀ ଓ ସୁପରଭାଇଜର



**ସମ୍ବଲପୁର, ୧୫ ।୨ (ସମିସ):** ରାଜ୍ୟସ୍ତରୀୟ ଆନ୍ଦୋଳନରେ ସମ୍ବଲପୁର ମହାନଗର ନିଗମର ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ ସୁପରଭାଇଜର ସାମିଲ ହେବେ। ଏନେଇ ଶନିବାର ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇ ସମୂହ ଛୁଟିପାଇଁ କହିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ୫ ବର୍ଷ ହେବ ସ୍ୱଚ୍ଛ ଭାରତ ମିଶନ ଅଧିନରେ କାମ କରୁଛନ୍ତି।୫ ବର୍ଷ ଭିତରେ ଅନେକ ଗୁଡ଼ାଏ କାମ କରିଛନ୍ତି।କିନ୍ତୁ ଉପଯୁକ୍ତ ପ୍ରାପ୍ୟ ମିଳି ପାରିନାହିଁ। ପ୍ରାପ୍ୟ ବୃଦ୍ଧି ସହ ଅନେକ ଗୁଡ଼ାଏ ପ୍ରସଙ୍ଗକୁ ଦାବି କରିଛନ୍ତି।ଏଥିପାଇଁ ସମସ୍ତ ଜିଲ୍ଲାର ସ୍ୱଚ୍ଛ ସାଥୀ ଓ ସୁପରଭାଇଜର ଆନ୍ଦୋଳନରେ ସାମିଲ ହେବା ନେଇ ସୂଚନା ମିଳିଛି।

## ଡଗ୍ ସୋ'ରେ ସାମିଲ ହେବେ ଅନ୍ତର୍ଜାତୀୟ ପ୍ରାଣୀ

**ସମ୍ବଲପୁର, ୧୫ ।୨ (ସମିସ):** ରବିବାର ଦିନ ସମ୍ବଲପୁର ସହରରେ ଡଗ ସୋ' ଆୟୋଜିତ ହେବାକୁ ଯାଉଛି। ଜାତୀୟ ଅନ୍ତର୍ଜାତୀୟସ୍ତରରୁ ପ୍ରାଣୀ ଅଂଶ ଗ୍ରହଣ କରିବେ। ପ୍ରାୟ ୫ ବର୍ଷ ଧରି ବନ୍ଦ ଥିବା କାର୍ଯ୍ୟକ୍ରମ ପୁଣି ହ୍ୟାଣ୍ଡଲୁମ ସିଟି କେନିନ କ୍ଲବ୍ ପକ୍ଷରୁ ଆୟୋଜିତ କରୁଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ବେଞ୍ଚ ଅପରାହ୍ନ ୨.୩୦ରୁ ଆରମ୍ଭ ହେବା ବେଳେ ଜଜିଂ ୪ ଟା ବେଳେ ହେବ। ଏଥିରେ ଜିଲ୍ଲା, ଜିଲ୍ଲା ବାହାର ତଥା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରୁ କୁକୁରମାନେ ଭାଗ ନେବେ। ଇଣ୍ଡିଆନ ବ୍ରିଡ ଜର୍ମାନ ସେଫାର୍ଡ ଓ ଜର୍ମାନରୁ ସ୍ୱତନ୍ତ୍ର ଆସିଥିବା ଡଗ ମଧ୍ୟରେ ଫରକ କଣ ରହିଛି ତାହା ଦର୍ଶକ ଦେଖିବାକୁ ପାଇବେ। ୧୦୦ରୁ ଉର୍ଦ୍ଧ୍ୱ ପ୍ରାଣୀ ସାମିଲ ହେବେ।

## ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ସମ୍ବଲପୁର, ୧୫ ।୨(ସମିସ):** ଯୁଯୁମୁରା ବ୍ଲକ କବରାପାଲିସ୍ଥିତ ବୀର ସୁରେନ୍ଦ୍ର ସାଏ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ କୌଶଲ୍ୟା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ନେଇ ବିଦ୍ୟାଳୟ ପକ୍ଷରୁ ଶୁଭକାମନା ଜଣାଇଥିଲେ। ପରୀକ୍ଷାରେ କଣ ସବୁ ଦିଗପ୍ରତି ଧ୍ୟାନ ଦେବେ ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ପ୍ରଶ୍ନକୁ ସଠିକ ଭାବରେ ବୁଝିବା ପରେ ତାର ଯଥାର୍ଥ ଉତ୍ତର ଗୁଡିକୁ ଲେଖବ ପାଇଁ ପରାମର୍ଶ ଦେଇଥିଲେ। ଦଶମ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ର ମଧ୍ୟ ବିଦ୍ୟାଳୟରେ ସେମାନଙ୍କ ଅଭିଜ୍ଞତା ବିଷୟରେ ବର୍ଣ୍ଣନା କରିଥିଲେ। ଶିକ୍ଷୟିତ୍ରୀ ସ୍ମୃତିମୟୀ ଦାସ, ଶୁଭ୍ରକାନ୍ତୀ ନାଥ, ମମତା କୁମାରୀ ପ୍ରସାଦ, ମୌସୁମୀ ଦେବୀ, ଶିକ୍ଷକ ବିଜୟ କୁମାର କିସାନ ପ୍ରମୁଖ ଉପସ୍ଥିତ ଥିଲେ।

## ମିଷ୍ଟର ଏବଂ ମିସ୍ ଇଣ୍ଡିଆ ପାଇଁ ପ୍ରସ୍ତୁତି ବୈଠକ



**ସମ୍ବଲପୁର, ୧୫ ।୨ (ସମିସ):** ଆସନ୍ତା ଏପ୍ରିଲରେ ସମ୍ବଲପୁରଠାରେ ପ୍ରଥମ ଥର ପାଇଁ ହେବାକୁ ଥିବା ମିଷ୍ଟର ଇଣ୍ଡିଆ ଏବଂ ମିସ୍ ଇଣ୍ଡିଆ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ସମ୍ବଲପୁରର ପୂର୍ବତନ ବିଧାୟିକା ତଥା ସମ୍ବଲପୁର ଜିଲ୍ଲା ବଡି ବିଲଡର୍ସ ଏବଂ ଫିଟ୍‌ନେସ ଆସୋସିଏସନର ମୁଖ୍ୟ ପୃଷ୍ଠପୋଷକ ଡ.ରାସେଶ୍ୱରୀ ପାଣିଗ୍ରାହୀଙ୍କର ବାସଭବନରେ ଅନୁଷ୍ଠିତ ହୋଇଛି। ଆୟୋଜନ କିପରି ଭଲ ଭାବରେ ହେବ ସେଥିପାଇଁ ବିଭିନ୍ନ ଉପସମିତି ଗଠନ ତଥା ଖେଳାଳିଙ୍କୁ ଯେପରି ଅସୁବିଧା ନହୁଏ ତା ଉପରେ ବିସ୍ତୃତ ଭାବରେ ଅଲୋଚନା କରାଯାଇଥିଲା। ପ୍ରତିଯୋଗିତା ସମସ୍ତ ଜିଲ୍ଲାସ୍ତରୀୟ ତଥା ପୁରୀଠାରେ ରାଜ୍ୟସ୍ତରୀୟ ଆୟୋଜନ ହେଲାପରେ ସମ୍ବଲପୁର ପିଏଚଡି ପଡ଼ିଆରେ ଜାତୀୟସ୍ତରୀୟ ଆୟୋଜିତ ହେବ। ସମ୍ବଲପୁରଠାରେ ହେବାକୁ ଥିବା ବରିଷ୍ଠ ବର୍ଗ ଉଭୟ ମହିଳା ଓ ପୁରୁଷ ମିଷ୍ଟର ଏବଂ ମିସ୍ ଇଣ୍ଡିଆ ମେଗା ପ୍ରତିଯୋଗିତାରେ ୪୫୦ ଜଣ ଖେଳାଳି ଭାଗନେବେ। ଏଥିପାଇଁ ୧୫୦ ଜଣ ଅଧିକାରୀଙ୍କ ଆଗମନ ଘଟିବ ଏବଂ ଏହି ପ୍ରତିଯୋଗିତାରେ ପ୍ରଥମ ତିନୋଟି ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀ ଅଗଷ୍ଟ ମାସରେ ହେବାକୁ ଥିବା ମିଷ୍ଟର ୱାର୍ଲଡ ଓ ମିସ୍ ୱାର୍ଲଡ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବେ। ବୈଠକରେ ଆସୋସିଏସନର ସଭାପତି ସତିଶ ବିସି, ନିଶାନ୍ତ ବହିଦାର, ଅମିତାଭ ପରିଡ଼ା, ଜିଜି ଜୋସେଫ, ଭୋଲା ଶଙ୍କର ମହତମ, ସୁବାଷ ଦୁର୍ଗା, ଲିଲି ବେହେରା, ଆୟୁଷ ବହିଦାର, ଅନିଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକ ସୁରକ୍ଷା ଯୋଜନା ସମାବେଶ

# କବରାପାଲି ଅଟଳ ଗ୍ରାମରେ ସାମିଲ

ସମ୍ବଲପୁର, ୧୫ ।୨(ସମିସ)




ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ କବରାପାଲି ପଞ୍ଚାୟତ ସଦର କବରାପାଲିକୁ ଅଟଳ ଗାଁ ପ୍ରକଳ୍ପରେ ସାମିଲ କରାଯିବା ନେଇ ଶୁକ୍ରବାର ଆୟୋଜିତ ସାମାଜିକ ସୁରକ୍ଷା ଯୋଜନା ସମାବେଶରେ ଘୋଷଣା କରାଯାଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଏହି ଗ୍ରାମକୁ ପୌଷ୍ୟଗ୍ରାମ ଭାବେ ଗ୍ରହଣ କରାଯାଇ ଭାରତର ଦ୍ୱିତୀୟ ଓ ରାଜ୍ୟର ପ୍ରଥମ ଗ୍ରାମର ମାନ୍ୟତା ଦିଆଯାଇଥିବା ସମାବେଶରେ ବ୍ୟାଙ୍କର ମୁଖ୍ୟ ମହା ପ୍ରବନ୍ଧକ ଦୀନେଶ ପୃଷ୍ଟି ଘୋଷଣା କରିଛନ୍ତି। ସୂଚନା ଓ ଯୋଗାଯୋଗ ଲୋକଙ୍କ ମଧ୍ୟରେ ଛୁଇଁ ପାରିଲେ ସମସ୍ତଙ୍କ ମଧ୍ୟରେ ଏକତା ଓ ସଂହତି ସ୍ଥାପନା ହୋଇ ସାମାଜିକ ସୁରକ୍ଷାର ସମସ୍ତ ବାଟ ଖୋଲିଥାଏ। ଯାହା କବରପାଲି ଏକ ଉଦାହରଣ ବୋଲି ସିଜିଏମ ଶ୍ରୀ ପୃଷ୍ଟି କହି ଗ୍ରାମର ରାମ ନବମୀର ଉଦାହରଣ ଦେଇ ଐତିହ୍ୟ ଓ କ୍ରୀଡ଼ା କ୍ଷେତ୍ରରେ ପାରଦର୍ଶିତାକୁ ଭୁୟସୀ ପ୍ରଂଶସା କରିଥିଲେ। ଆୟୋଜିତ ସଭାରେ ଉତ୍ତରାଞ୍ଚଳ ଆରଡ଼ିସି ସଚିନ ରାମଚନ୍ଦ୍ରନ ମୁଖ୍ୟଅତିଥି ଭାବେ ଯୋଗଦେଇ ସଞ୍ଚୟ ହିଁ ଜୀବନ ଧାରଣର ମୁଖ୍ୟ ଓ ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତ ଯୋଜନା ସମ୍ପର୍କରେ ଆଲୋଚନା କରି ସାମାଜିକ ସୁରକ୍ଷା ଉପରେ ଲୋକଙ୍କ ଭାଗିଦାରିତାକୁ ଗୁରୁତ୍ୱ ଦେବାକୁ କହିଥିଲେ। ଡିଜିଏମ ସଞ୍ଜୟ କୁମାର ଝା, ଆର୍‌ଏମ ମାନସ ରଞ୍ଜନ ପ୍ରଧାନ, ଯୁଯୁମୁରା ବ୍ଲକ ଅଧକ୍ଷା ମମତା ନାଏକ, ଯୁଯୁମୁରା ଜିଲ୍ଲାପରିଷଦ ୧ ଜୋନ ସଭ୍ୟା କବିତା ସାହୁ, କବରାପାଲି ସରପଞ୍ଚ ଅନ୍ତର୍ଯ୍ୟାମୀ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟଯେ, ପୂର୍ବରୁ ଗାଁରେ ଏକ ସ୍ୱତନ୍ତ୍ର ଶିବିର କରାଯାଇ ଯାହାର ଷ୍ଟେଟ ବ୍ୟାଙ୍କରେ ଆକାଉଣ୍ଟ ନାହିଁ ସେମାନଙ୍କର ଆକାଉଣ୍ଟ ଖୋଲାଯାଇଥିଲା। ଆଞ୍ଚଳିକ ପ୍ରଶାସନିକ କାର୍ଯ୍ୟାଳୟର କର୍ମଚାରୀଙ୍କ ସହ ସ୍ୱୟଂସହା ସହାୟକ ଗୋଷ୍ଠୀ କର୍ମକର୍ତ୍ତାମାନେ ଘରକୁ ଘର ବୁଲି ଷ୍ଟେଟ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ ପ୍ରତି ପରିବାରକୁ ସଚେତନ କରିଥିଲେ। କବରାପାଲି ଗ୍ରାମକୁ ଅଟଳ ପୋଷ୍ୟ ଗ୍ରାମ ଭାବେ ଏସବିଆଇ ଗ୍ରହଣ କରିବା ପରେ ଗ୍ରାମରେ ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର, ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଏସବିଆଇ ମାଧ୍ୟମରେ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସବୁ ଶ୍ରେଣୀର ହିତାଧିକାରୀଙ୍କୁ ବ୍ୟାଙ୍କ ପକ୍ଷରୁ ଅର୍ଥରାଶି ସହିତ ସମ୍ମାନିତ କରାଯାଇଥିଲା। ଅଟଳ ଗ୍ରାମ ହେବା ଦ୍ୱାରା ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରାଇବା ଦିଗରେ ମଧ୍ୟ ପ୍ରାଧାନ୍ୟ ମିଳିବ।ଏଥିପାଇଁ କବରାପାଲି ପଞ୍ଚାୟତରେ ଚଳିତ ବର୍ଷ ଅଟଳ ପେନସନ ଯୋଜନାରେ ଏକ ହଜାର ଏବଂ ସୂର୍ଯ୍ୟଘର ଯୋଜନାରେ ଶହେ ଘରକୁ ସାମିଲ କରାଯିବାର ପ୍ରାଥମିକ ଭାବେ ଲକ୍ଷ୍ୟ ରଖାଯାଇଥିବା କୁହାଯାଇଛି।ଏହି ଅବସରରେ ସମ୍ବଲପୁରୀ କଣ୍ଠ ଶିଳ୍ପୀ ପଦ୍ମିନୀ ଦୋରା ଓ ତାଙ୍କ ସାଥିମାନେ ନୃତ୍ୟ ଗୀତ ପରିବେଷଣ କରିଥିଲେ। ଶେଷରେ ପଢ଼ିଆବାହାଲ ବ୍ୟାଙ୍କ ମ୍ୟାନେଜର ଅମ୍ରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।







# 'ଏକ ଦେଶ- ଏକ ନିର୍ବାଚନ' ପାଇଁ ନିଆଯାଉ ଲୋକଙ୍କ ମତ

■ ବିରୋଧୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି ଅତୀତର ଘଟଣାବଳୀ: ଦେଶମୁଖ
■ ଗୁରୁତ୍ୱହୀନ ହେବ ଆଞ୍ଚଳିକ ସମସ୍ୟା , ଲାଭ ପାଇବେ ଜାତୀୟ ଦଳ: ମହୁଆ



ଭୁବନେଶ୍ୱର ,୧୪।୨(ସମିସ): ବିଭିନ୍ନ ଗଣତାନ୍ତ୍ରିକ ଦେଶରେ ରେଫରାଣ୍ଡମ୍ ଭଳି ବ୍ୟବସ୍ଥା ରହିଛି; ଏହି ବ୍ୟବସ୍ଥାରେ ସରକାର ବଛାଯାଇ ଥିଲେ ମଧ୍ୟ ଲୋକମାନଙ୍କ ମତ ଏଠି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଲୋକଙ୍କ ମତ ଏବଂ ନିଷ୍ପତ୍ତିକୁ ସମ୍ମାନ ଜଣାଇ ବ୍ୟବସ୍ଥାରେ ପରିବର୍ତ୍ତନ କିମ୍ବା ଆଇନ୍ ପ୍ରଣୟନ କରାଯାଏ। ଭାରତରେ ଲୋକେ ସେମାନଙ୍କ ସୁବିଧା ପାଇଁ ସରକାର ବାଛିଛନ୍ତି, ମାତ୍ର ନିର୍ବାଚନୀ ବ୍ୟବସ୍ଥାକୁ ପରିବର୍ତ୍ତନ କରିବାକୁ ଲୋକମାନେ ସରକାର ବାଛି ନାହାନ୍ତି। ତେଣୁ 'ଏକ ଦେଶ- ଏକ ନିର୍ବାଚନ' ବ୍ୟବସ୍ଥା ପରି ସମ୍ବେଦନଶୀଳ ପ୍ରସଙ୍ଗରେ ରେଫରାଣ୍ଡମ୍ ମାଧ୍ୟମରେ ଲୋକଙ୍କ ମତାମତ ନିଆଯିବା ଉଚିତ୍। କେବଳ ନିର୍ବଚନ ଖର୍ଚ୍ଚ କମ୍ କରିବାକୁ ରାଜନୈତିକ ଦଳ ଗୁଡ଼ିକର ନିଜର ସୁବିଧା ପାଇଁ ଏଭଳି ବ୍ୟବସ୍ଥା ଲାଗୁ କରିବା ଯୁକ୍ତି ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ନିର୍ବାଚନ ବିଶ୍ଳେଷକ ତଥା ସି-ଭୋଟର ପ୍ରତିଷ୍ଠାତା ଯଶୋବନ୍ତ ଦେଶମୁଖ।

ନନ୍ଦିଘୋଷ ଟିଭି କନ୍‌କ୍ଲେଭ୍‌ରେ ଯୋଗ ଦେଇ ଶ୍ରୀ ଦେଶମୁଖ କହିଛନ୍ତି ଯେ ଏହି ପ୍ରସଙ୍ଗରେ ଶାସକ ଦଳ ବିରୋଧୀଙ୍କୁ ବିଶ୍ୱାସକୁ ନେଇ ସେମାନଙ୍କ ସହ ମିଶି କାର୍ଯ୍ୟ କରିବାର ଆବଶ୍ୟକତା ଅଛି । ଯଦିଓ ଏକ ରାଷ୍ଟ୍ର ଏକ ନିର୍ବାଚନ ବ୍ୟବସ୍ଥାରେ ସେଭଳି କିଛି ସମସ୍ୟା ନାହିଁ; ତେବେ ବିଗତ ଦିନମାନଙ୍କରେ ବିରୋଧୀଙ୍କ ସହ ଘଟିଥିବା ଘଟଣାଗୁଡ଼ିକ ପାଇଁ ସେମାନେ ଏହାକୁ ବିଶ୍ୱାସ କରିପାରୁ ନାହାନ୍ତି । ସନ୍ଦେହ କରୁଛନ୍ତି ଓ ଏକ ବଡ଼ ଷଡ଼ଯନ୍ତ୍ରର ଆଶଙ୍କା କରି ଏହାକୁ ବିଶ୍ୱାସକୁ ନେଉନାହାନ୍ତି। 'ଏକ ଦେଶ - ଏକ ନିର୍ବାଚନ' ଲାଗୁ ହେଲେ ମ୍ୟୁନିସିପାଲିଟିଠାରୁ ଆରମ୍ଭ କରି ବିଧାନସଭା ଓ ଲୋକସଭା ନିର୍ବାଚନରେ ନିର୍ବାଚିତ ପ୍ରତିନିଧି ୫ ବର୍ଷ ପର୍ଯ୍ୟନ୍ତ ଆଉ ଜନତାଙ୍କ ନିକଟକୁ ନ ଯିବା ପରି ସ୍ଥିତି ଉପୁଜିପାରେ ବୋଲି ଶ୍ରୀ ଦେଶମୁଖ ଆଶଙ୍କା ପ୍ରକାଶ କରିଛନ୍ତି।

ଆଲୋଚନାରେ ଅତିଥି ରୂପେ ଯୋଗ ଦେଇ ବିଶିଷ୍ଟ ଲେଖିକା ତଥା ଝାଡ଼ଖଣ୍ଡର ରାଜ୍ୟସଭା ସାଂସଦ ମହୁଆ ମାଜି ଏକ ଦେଶ ଏକ ନିର୍ବାଚନରେ ଆଞ୍ଚଳିକ ଦଳ କ୍ଷତିଗ୍ରସ୍ତ ହୋଇପାରନ୍ତି ବୋଲି ଆଶଙ୍କା ପ୍ରକାଶ କରିଛନ୍ତି । ଜାତୀୟ ଦଳଗୁଡ଼ିକର ନିର୍ବାଚନରେ ଅଧିକ ପ୍ରଭାବ ବିସ୍ତାର କରିବାର ସମ୍ଭାବନାକୁ ଉଜାଗର କରିଛନ୍ତି ମହୁଆ। ସେ କହିଛନ୍ତି ଯେ ଏହାଦ୍ୱାରା ନିର୍ବାଚନରେ ଆଉ ସ୍ଥାନୀୟ ସମସ୍ୟା ପ୍ରସଙ୍ଗ ହେବନାହିଁ। ଅଞ୍ଚଳିକ ଦଳଗୁଡ଼ିକ କେବଳ ଅଞ୍ଚଳିକ ସମସ୍ୟାକୁ ବୁଝି ପାରନ୍ତି। ଲୋକଙ୍କ ସୁଖଦୁଃଖରେ ସାମିଲ ହୁଅନ୍ତି। କିନ୍ତୁ ଜାତୀୟ ଦଳ କେବଳ ଟିକେଟ ରାଜନୀତି କରିଥାଏ। ସ୍ଥାନୀୟ ବାସିନ୍ଦା ହୋଇ ନ ଥିଲେ ମଧ୍ୟ ଲୋକଙ୍କୁ ଟିକେଟ ଦେଇଦିଏ; ଏହାର କ୍ଷତି ସାଧାରଣ ଜନତା ସହିଥାନ୍ତି। ଏଣୁ ଅଞ୍ଚଳର ବିକାଶରେ ଆଞ୍ଚଳିକ ଦଳର ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଭଳି ନିର୍ବାଚନ ଭୁଲ ନୁହଁ, କିନ୍ତୁ ଏହା ପଛରେ ଉଦ୍ଦେଶ୍ୟ ମନ୍ଦ ରହିଛି ବୋଲି କହିଛନ୍ତି ମହୁଆ। ଆଞ୍ଚଳିକଦଳଗୁଡ଼ିକ ଏହା ପଛରେ ଷଡ଼ଯନ୍ତ୍ର ଥିବା ଓ ସେମାନଙ୍କୁ ଦମନ କରିବାକୁ ଷଡ଼ଯନ୍ତ୍ର ସନ୍ଦେହ ହେଉଛି । ସମ୍ବିଧାନ ଉପରେ ମଧ୍ୟ ବିପଦ ସୃଷ୍ଟି ହେବା ଭଳି ମନେ ହେଉଛି। ଲୋକତନ୍ତ୍ର ଏକତନ୍ତ୍ରରେ ପରିଣତ ହେବା ସମ୍ଭାବନା ରହିଛି। ଏଣୁ ଏହାକୁ ନେଇ ବିରୋଧ ହେଉଛି ବୋଲି ମହୁଆ କହିଛନ୍ତି। ଯଦି କାହା କଥା ନ ଶୁଣି ଏକ ରାଷ୍ଟ୍ର ଏକ ନିର୍ବାଚନ ବ୍ୟବସ୍ଥା ଲାଗୁ ହୁଏ, ତେବେ ଆଗାମୀ ଦିନରେ କେନ୍ଦ୍ର ସରକାର ଆଉ କୌଣସି ଫର୍ମାନ୍ ଜାରି କରିବେ। ତାହାକୁ ମଧ୍ୟ ରାଜ୍ୟ ସରକାରଙ୍କୁ ମାନିବାକୁ ବାଧ ହେବେ। ସେହିପରି ଶାସକ ଦଳ ଏକ ରାଷ୍ଟ୍ର ଏକ ନିର୍ବାଚନ ଦ୍ୱାରା କମ୍ ଖର୍ଚ୍ଚ ହେବା ଯୁକ୍ତି ମଧ୍ୟ ନିରର୍ଥକ। ନିର୍ବାଚନରେ ଖର୍ଚ୍ଚ କମ୍ ପରିବର୍ତ୍ତେ ବିଜ୍ଞାପନ ଖର୍ଚ୍ଚ କାଟ କରାଗଲେ ମଧ୍ୟ ଦେଶର ଅନେକ ଅର୍ଥ ବଞ୍ଚିଯିବ ବୋଲି ମହୁଆ କହିଛନ୍ତି ।

ୟୁଟ୍ୟୁବ୍: ରୋଜଗାରର ମାଧ୍ୟମ

# 'ବିଷୟବସ୍ତୁ ଚୟନ ସବୁଠୁ ଗୁରୁତ୍ୱପୂର୍ଣ୍ଣ'



ଭୁବନେଶ୍ୱର,୧୫।୨ (ସମିସ): ସାମାଜିକ ଗଣମାଧ୍ୟମ ବହୁତ ବଡ଼ ପ୍ଲାଟଫର୍ମ। ଏଠାରେ ଦର୍ଶକ ସବୁବେଳେ ମନୋରଞ୍ଜନର ଏକ ନୂଆ ମାଧ୍ୟମ ଖୋଜିଥା'ନ୍ତି। ତେଣୁ କମ୍ ସମୟରେ ସେଭଳି କିଛି ଭିନ୍ନଧରଣର ବିଷୟବସ୍ତୁକୁ ବାଛି ଦର୍ଶକଙ୍କୁ ଭେଟିଦେବା ଆମ ପରି ଡିଜିଟାଲ କ୍ରିଏଟର୍‌ମାନଙ୍କ ପାଇଁ ଏକ ଆହ୍ୱାନ କହିଲେ ଭୁଲ ହେବନି। ଦର୍ଶକ ସବୁବେଳେ ପ୍ରକୃତ କଥା ଓ ଦୈନନ୍ଦିନ ଜୀବନରେ ସେମାନଙ୍କ ସହ ଘଟୁଥିବା ଘଟଣାଗୁଡ଼ିକ ସହ ଶୀଘ୍ର ଯୋଡ଼ି ହୋଇଥା'ନ୍ତି। ସେହିପରି ସଂଯମତା ମଧ୍ୟରେ ରହି ବିଷୟବସ୍ତୁକୁ ମନୋରଞ୍ଜନ ଆକାରରେ ଲୋକଙ୍କୁ ଭେଟିଦେବା କ୍ରିଏଟରମାନଙ୍କ ପାଇଁ ଗୋଟେ ବଡ଼ ଦାୟିତ୍ୱ। ଜାତି ନନ୍ଦିଘୋଷ କନକ୍ଲେଭ୍-୨୦୨୫ରେ ଆୟୋଜିତ 'ୟୁଟ୍ୟୁବ୍: ରୋଜଗାରର ମାଧ୍ୟମ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଏହା କହିଛନ୍ତି ଓଡ଼ିଶାର ଜଣାଶୁଣା ଡିଜିଟାଲ କ୍ରିଏଟର ସତ୍ୟନାରାୟଣ ଦାସ।

ଏହି ଆଲୋଚନାରେ ବକ୍ତା ଭାବେ ଅନ୍ୟତମ ଡିଜିଟାଲ କ୍ରିଏଟର ସୁଶ୍ରୀ ସଂଗୀତା ମିଶ୍ର, ସୁଧାଂଶୁ ଶେଖର ସାହୁ ମଧ୍ୟ ଯୋଗ ଦେଇଥିଲେ। ସୁଧାଂଶୁ ନିଜ ବକ୍ତବ୍ୟରେ କହିଥିଲେ, ଲୋକ ସବୁବେଳେ କିଛି ନୂଆ ଦେଖିବାକୁ ପସନ୍ଦ କରନ୍ତି। ସେଥିପାଇଁ ବିଷୟବସ୍ତୁର ଏଠି ମୁଖ୍ୟ ଭୂମିକା ରହିଛି। ସେଥିରେ ଯଦି ଲୋକ ନିଜ ଭାବନା ଯୋଡ଼ିପାରିଲେ, ନିଶ୍ଚିତ ଭାବେ ଜଣେ ୟୁଟ୍ୟୁବର୍‌ର ପରିଶ୍ରମ ଉଚିତ ମୂଲ୍ୟ ପାଇବ। ଏହାସହ ସେଥିରୁ ରୋଜଗାର ମଧ୍ୟ କରିପାରିବେ। ସେହିପରି ସଙ୍ଗୀତା କହିଥିଲେ, ଗୃହିଣୀ ଭାବେ ମହିଳାଙ୍କ ପାଇଁ ନୂଆନୂଆ ବିଷୟବସ୍ତୁ ସହ ଠିକ୍ ସମୟରେ ଭିଡିଓ ଛାଡିବା ସହଜ କାମ ନୁହେଁ। ଏଥିପାଇଁ ଅଧିକ ସମୟ ଆବଶ୍ୟକ। ଜଣେ ଗୃହିଣୀର ଭୂମିକା ସହ କ୍ରିଏଟରର ଭୂମିକା ତୁଲାଇବା ମୋ' ପରି ୟୁଟ୍ୟୁବର୍‌ମାନଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। କିନ୍ତୁ ପରିବାରର ସମର୍ଥନ ଏବଂ ମନରେ ଇଚ୍ଛା ଆଉ ଆଗ୍ରହ ଥିଲେ, ସବୁ ଅସାଧ ସାଧନ ହୋଇପାରିବ। ଏହି ଅଧିବେଶନକୁ ଉପସ୍ଥାପିକା ଶୁଭଲକ୍ଷ୍ମୀ ଜେନା ସଂଯୋଜନା କରିଥିଲେ।

୨୦୩୬ ବିକାଶର ନକ୍ସା

# 'ବିକାଶ ନିମନ୍ତେ ସୁସ୍ଥ ପରିବେଶ ଜରୁରୀ'



■ 'ବ୍ୟବହାରିକ ସାମଗ୍ରୀର ଉତ୍ପାଦ ବୃଦ୍ଧି ଲୋଡ଼ା'
■ 'ନିଜ କ୍ଷମତାରେ ଓଡ଼ିଶା ବିକାଶମୁଖୀ ହୋଇପାରିଛି'

ଭୁବନେଶ୍ୱର,୧୫ ।୨(ସମିସ): ସମଗ୍ର ଭାରତ ବର୍ଷରେ ମୁଣ୍ଡପିଛା ଅଙ୍ଗାରକାମ୍ଳ ନିର୍ଗମନରେ ଓଡ଼ିଶା ଆଗରେ ରହିଛି। ୨୦୩୨ ମସିହା ବେଳକୁ ଏହା ଚରମ ସୀମାରେ ପହଞ୍ଚିବ। ଗୋଟିଏ ରାଜ୍ୟର ବିକାଶକୁ ଶିଖରକୁ ପହଞ୍ଚାଇବାକୁ ହେଲେ ପରିବେଶ ଉପରେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। କିନ୍ତୁ, ସେ ଦିଗରେ ଆମର ପଦକ୍ଷେପ ଶୂନ। ସେହିଭଳି ୨୦୩୬ ବେଳକୁ ରାଜ୍ୟରେ ଯୁବକଙ୍କ ଅପେକ୍ଷା ବୟସ୍କ ଲୋକଙ୍କ ସଂଖ୍ୟା ଅଧିକ ବୃଦ୍ଧି ପାଇଥିବ। ୧୫ ପ୍ରତିଶତରୁ ଅଧିକ ଲୋକଙ୍କ ବୟସ ୬୦ ପାର୍ କରିସାରିଥିବ। ରୋଜଗାର କରିବା ଲୋକଙ୍କ ଅପେକ୍ଷା ଅବସରପ୍ରାପ୍ତଙ୍କ ସଂଖ୍ୟା ଅଧିକ ହେଉଥିବାରୁ ଅର୍ଥନୀତି ବାଧାପ୍ରାପ୍ତ ହେବ। 'ଜାତି ନନ୍ଦିଘୋଷ କନ୍‌କ୍ଲେଭ୍-୨୦୨୫'ର '୨୦୩୬ ବିକାଶର ନକ୍ସା' ଅଧିବେଶନରେ ଅତିଥି ଭାବେ ଯୋଗଦେଇ ସିୱାଇଏସ୍‌ଡିର ସହ ପ୍ରତିଷ୍ଠାତା ଜଗଦାନନ୍ଦ ଆଜି ଏହା କହିଛନ୍ତି।

ଅଧିବେଶନର ଅନ୍ୟତମ ଅତିଥି କଂଗ୍ରେସର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ରୁଗ୍‌ଣ ଅର୍ଥନୀତିରେ ଜନ୍ମ ନେଇଥିବା ଓଡ଼ିଶା ରାଜ୍ୟ ଆଜି ବଳକା ରାଜ୍ୟରେ ପରିଣତ ହୋଇପାରିଛି। ହେଲେ ୨୦୩୬ରେ ଯଦି ଆମେ ଓଡ଼ିଶାକୁ ଏକ ବିକାଶଶୀଳ ରାଜ୍ୟରେ ପରିଣତ କରିବା ପାଇଁ ଇଚ୍ଛା ରଖୁଛେ, ତେବେ ପ୍ରଥମେ ଔପନିବେଶୀୟ ଶାସନର ମୂଳୋତ୍ପାଟନ ଜରୁରୀ। ଏଥିସହ ନିଜ ରାଜ୍ୟରେ ଦୈନନ୍ଦିନ ବ୍ୟବହାରିକ ସାମଗ୍ରୀର ଉତ୍ପାଦ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ସେହିଭଳି ଦୃଢ଼ ଇଚ୍ଛାଶକ୍ତି ଓ ସୁଚିନ୍ତିତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରି ସ୍ଥିର ଲକ୍ଷ୍ୟ ନେଇ କାମ କଲେ, ଏକ ବିକାଶଶୀଳ ରାଜ୍ୟ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତାର ଶତବାର୍ଷିକୀ ପାଳନ କରିବ ବୋଲି ସେ କହିଛନ୍ତି।

ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ବିଷୋୟୀ ଆଲୋଚନାରେ ଭାଗନେଇ କହିଲେ, ୯୦ ବର୍ଷ ମଧ୍ୟରେ ଆମେ ଅବହେଳାର ଶିକାର ହୋଇଛୁ। ଓଡ଼ିଶା ନିଜ କ୍ଷମତା ବଳରେ ବିକାଶଶୀଳ ରାଜ୍ୟରେ ପରିଣତ ହୋଇଛି। ଏବେ ଆମେ ଯେଉଁ ସ୍ତରରେ ଅଛେ, ସେଥିରେ ପରିବର୍ତ୍ତନ ଲୋଡ଼ା। ସ୍ୱାସ୍ଥ୍ୟ, ଗମନାଗମନ, ଶିକ୍ଷା ଓ ରୋଜଗାର ବୃଦ୍ଧି ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ତେବେ ଯାଇ ଆମେ ଯେଉଁ ବିକାଶ ଆଶା କରୁଛେ, ତାହା ପାଇପାରିବ ବୋଲି ସେ କହିଛନ୍ତି। ଅଧିବେଶନକୁ ଉପସ୍ଥାପକ ଅବିନାଶ ମହାପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଉପସ୍ଥିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଆହ୍ୱାନକୁ ସୁଯୋଗ ଭାବି ଆଗକୁ ବଢ଼ିବାକୁ ପଡ଼ିବ

## 'ନାରୀ: କେବଳ ଦୁଇଟି ଅକ୍ଷର ନୁହେଁ'



ଭୁବନେଶ୍ୱର,୧୫।୨ (ସମିସ): ଜୀବନ ସବୁବେଳେ ଏକ ଆହ୍ୱାନ। ଜୀବନର ପ୍ରତିଟି ପାହାଚରେ, ପ୍ରତିଟି କ୍ଷେତ୍ରରେ ମଣିଷକୁ ନୂଆନୂଆ ଆହ୍ୱାନର ସାମ୍ନା କରିବାକୁ ପଡ଼ିଥାଏ। ତେଣୁ, ଏହାକୁ ଏକ ସୁଯୋଗ ଭାବି ଆଗକୁ ବଢ଼ିବାକୁ ପଡ଼ିବ ବୋଲି କହିଛନ୍ତି ବିଏମସି ମେୟର୍ ସୁଲୋଚନା ଦାସ। 'ଜାତି ନନ୍ଦିଘୋଷ କନକ୍ଲେଭ୍-୨୦୨୫'ର ତୃତୀୟ ଅଧିବେଶନରେ ଆୟୋଜିତ ଆଲୋଚନାଚକ୍ର 'ନାରୀ: କେବଳ ଦୁଇଟି ଅକ୍ଷର ନୁହେଁ'ରେ ବକ୍ତା ଭାବେ ଯୋଗଦେଇ ଶ୍ରୀମତୀ ଦାସ କହିଥିଲେ ଯେ ଅସୁବିଧା ଆସିବ, ବାରମ୍ବାର ଆସିବ। କିନ୍ତୁ, ଏହାକୁ ମୁକାବିଲା କରିବାର କୌଶଳ ଆମକୁ ଶିଖିବାକୁ ହେବ। କର୍ମଜୀବୀ ପୁରୁଷ ଭଳି ଗୃହିଣୀମାନେ ବି ଦୈନନ୍ଦିନ ଜୀବନରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥା'ନ୍ତି। ଏକ ସୁନ୍ଦର ପରିବାର ଗଢ଼ିବା ଓ ତାହାକୁ ସୁରୁଖୁରରେ ଚଲାଇବା ଛୋଟିଆ କଥା ନୁହେଁ। ଏହା ଏକ ବଡ଼ ଆହ୍ୱାନ। ସେ ଆହୁରି କହିଥିଲେ ଯେ ଯେମିତି ଜଣେ ସଫଳ ପୁରୁଷ ପଛରେ ଜଣେ ମହିଳାର ହାତ ଥାଏ ବୋଲି କୁହାଯାଏ, ଠିକ୍ ସେମିତି ଜଣେ ସଫଳ ମହିଳାଙ୍କ ସଫଳତା ପଛରେ ବି ପୁରୁଷଟିଏର ହାତ ରହିଥାଏ। ପୁରୁଷ କିମ୍ବା ମହିଳା; ଏକୁଟିଆ କେହି କିଛି କରିପାରିବେ ନାହିଁ। ଏକ ସୁସ୍ଥ ସମାଜ ଗଠନ ପାଇଁ ଦୁହିଁଙ୍କୁ ମିଳିମିଶି କାମ କରିବାକୁ ପଡ଼ିବ।

ଅଧିବେଶନରେ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ରାଜନୀତିରେ ଅଧିକ ସଂଖ୍ୟାରେ ମହିଳା ସାମିଲ ହେବା ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ ଅଧିକ ସଂଖ୍ୟାରେ ମହିଳା ସାଂସଦ ଓ ବିଧାୟକ ଜିତିକି ଆସିଲେ, ସେମାନେ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ଅଂଶ ହେବେ। ସେହିପରି ମହିଳାଙ୍କ ପ୍ରତି ବଢ଼ୁଥିବା ହିଂସାର ଦଣ୍ଡ ବ୍ୟବସ୍ଥା କଡ଼ାକଡ଼ି କରାଯିବା ଉଚିତ। କାରଣ ଦଣ୍ଡ ପ୍ରତି ଭୟ ନ ରହିଲେ ଅପରାଧ ବଢ଼ିବ। ମହିଳାମାନେ ନିଜ ଗୋଡ଼ରେ ଛିଡ଼ା ହେଲେ ଏହା ସମ୍ଭବ ହୋଇପାରିବ। ସେହିପରି ମହିଳାଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବାକୁ ପଡ଼ିବ। ସହରାଞ୍ଚଳରେ ପରିବେଶ ବଦଳିଲାଣି। ଷ୍ଟାର୍ଟ-ଅପ୍ କେବଳ ଭୁବନେଶ୍ୱର କି କଟକରେ ନୁହେଁ, ବରଂ ରାଜ୍ୟରେ ଅନ୍ୟ ସ୍ଥାନକୁ ବି କମ୍ପାନୀଙ୍କୁ ନଜର ଦେବାକୁ ପଡ଼ିବ। ଅନ୍ୟତମ ଅତିଥି ଅଭିନେତ୍ରୀ ପୁଷ୍ପା ପଣ୍ଡା କହିଥିଲେ, ନାରୀ ପାଖେ ସଂସ୍କାର ଥିଲେ, ପରିବାର କି ପିଲାଛୁଆ ଲକ୍ଷ୍ମଣରେଖା ଡେଇଁବେନି। ଏବେ ବି ମହିଳାମାନେ ଦୁଷ୍କର୍ମ ଓ ବିଭିନ୍ନ ପ୍ରକାର ନିର୍ଯାତନାର ଶିକାର ହେଉଛନ୍ତି। ଏହା ବନ୍ଦ ହେବା ଦରକାର। କିନ୍ତୁ ଏଥିପାଇଁ ସବୁର୍ବଗର ଉଦ୍ୟମ ଆବଶ୍ୟକ। ସମସ୍ତଙ୍କ ଉଦ୍ୟମରେ ଗୋଟିଏ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି ଶ୍ରମୀତୀ ପଣ୍ଡା କହିଥିଲେ। କାର୍ଯ୍ୟକ୍ରମକୁ ନନ୍ଦିଘୋଷ ନ୍ୟୁଜ୍‌ର ଉପସ୍ଥାପିକା ଗାୟତ୍ରୀ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



'ହାସ୍ୟ ଅଭିନୟ: ଦିଗ୍‌ବଳୟ ଯାଏଁ' ଶୀର୍ଷକ ଆଲୋଚନା

# ପ୍ରଶଂସକମାନେ ଜଣେ ଅଭିନେତାର ଉତ୍ସାହର ସ୍ରୋତ

ଭୁବନେଶ୍ୱର, ୧୫ ।୨(ସମିସ): ଜଣେ ଅଭିନେତା ପାଇଁ ତାଙ୍କ ପ୍ରଶଂସକ ଉତ୍ସାହର ସ୍ରୋତ। ତେଣୁ ପ୍ରଶଂସକଙ୍କୁ ଖୁସି କରିବା ଅଭିନେତାର କର୍ତ୍ତବ୍ୟ। ଜଣେ ଭଲ ହାସ୍ୟ ଅଭିନେତା ହେବା ପାଇଁ ହେଲେ, ଆମ ଚାରିପାଖରେ ଘଟୁଥିବା ସବୁ ଘଟଣାବଳୀକୁ ଲକ୍ଷ୍ୟ କରିବା ସହ ତା' ଉପରେ ଚିନ୍ତା କରିବା ଦରକାର। ଜାତି ନନ୍ଦିଘୋଷ କନକ୍ଲେଭ୍‌ରେ ଆୟୋଜିତ 'ହାସ୍ୟ ଅଭିନୟ: ଦିଗବଳୟ ଯାଏଁ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ବଲିଉଡ୍‌ର ବିଶିଷ୍ଟ ହାସ୍ୟ ଅଭିନେତା ବରୁଣ ଶର୍ମା ଏହା କହିଛନ୍ତି। ଏହି ଅବସରରେ ସେ କହିଥିଲେ ଯେ ଜୀବନର ଶେଷ ପର୍ଯ୍ୟନ୍ତ ମୁଁ ଲୋକଙ୍କୁ ହସାଇବା ପାଇଁ ଚେଷ୍ଟା କରିବି। ଲୋକଙ୍କୁ ହସାଇବା, ସବୁଠାରୁ କଷ୍ଟକର କାମ। କାରଣ ଆଜିର ଦିନରେ ଲୋକଙ୍କ ଚିନ୍ତାଧାରା ୧ ସେକେଣ୍ଡରେ ବଦଳିଯାଉଛି। କମେଡି ଜଣଙ୍କ ଦ୍ୱାରା ସମ୍ଭବ ନୁହେଁ। ସାମ୍ନା ଲୋକର ସହଯୋଗ ବିନା ଏହା ସମ୍ଭବ ହୋଇପାରେନା।

ସେ ଆହୁରି କହିଥିଲେ ଯେ ଏବେ ଯେଉଁଭଳି ଭାବେ କମେଡି ନାଁରେ ଅଶ୍ଳୀଳତା ହେଉଛି, ଭଗବାନ କରନ୍ତୁ ଏହା ମୋ ଦ୍ୱାରା ନହେଉ। ସବୁ ଲୋକଙ୍କ ଭିତରେ ଅନେକ ଗୁଣ ଭରି ରହିଛି। ହେଲେ ସେମାନେ ଚିହ୍ନିପାରନ୍ତି ନାହିଁ। ଯଦି ଆପଣଙ୍କର ଚିନ୍ତାଧାରା ଠିକ୍ ଅଛି, ତେବେ ସମୟ ଆପଣଙ୍କୁ କିଛି ନୂଆ କରିବାକୁ ସୁଯୋଗ ଦେବ। ତେଣିକି, ଆପଣଙ୍କ ଉପରେ ନିର୍ଭର କରେ, ଆପଣ ସେ ସମୟକୁ ହାତମୁଠାରେ ରଖିବାକୁ ଚାହିଁବେ ନାଁ ଛାଡ଼ିଦେବେ। କମେଡ କରି ମୁଁ ନିଜେ ଖୁସି ହେବା ସହ ଅନ୍ୟମାନେ ଖୁସି ହୋଇପାରୁଛନ୍ତି; ଏହା ମୋ ପାଇଁ ବଡ଼ କଥା।



### ଗନ୍ଧମାର୍ଦ୍ଦନ ସ୍ଥାୟୀ ସୁରକ୍ଷା ଆଇନ ପ୍ରଣୟନ କରାଯାଉ

# ଚତୁର୍ଥ ଦିନରେ ଗଣଧାରଣା ସହ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

**ପାଇକମାଳ, ୧୫ ।୨ (ସମିସ)**



ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ପାଇକମାଳ ବ୍ଲକ୍ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗଣଧାରଣାରେ ଚତୁର୍ଥ ଦିନରେ ମନଭଙ୍ଗ ଓ ନୂଆଗାଁ ଗ୍ରାମବାସୀ ବସିଥିଲେ । ଗ୍ରାମର ନକୁଳ ମଲ୍ଲିକ ସଭାପତିତ୍ୱ କରିଥିଲେ। ଏଥିରେ ଏହି ଗ୍ରାମ ସହିତ ଅନ୍ୟ ଗ୍ରାମର ମହିଳା ଓ ପୁରୁଷ ଯୋଗଦାନ କରିଥିଲେ । ସୁବାସ ମଲ୍ଲିକ, ଦଶରଥ ଚାନ୍ଦ, ସୁଧାଂଶୁ ବାରିକ, ଗୁପତରାମ ବାରିକ,ଗିରିଶ ଡନସନା, ଡାଇମଣ୍ଡ ଭୁଏ,ଶ୍ୟାମ ସୁନ୍ଦର ମାଝି, ଖପରାଖୋଲରୁ ସୁଶୀଲ ନାଏକ, ତରଣୀ ସାହୁ, ଜଳନ୍ଧର ତାଣ୍ଡି ପ୍ରମୁଖ ଯୋଗଦେଇ ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଗନ୍ଧମାର୍ଦ୍ଦନ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଯୋଗ ଦେଇଥିବା ଭଦ୍ରବ୍ୟକ୍ତିମାନେ ଗ୍ରାମରେ ପ୍ରଚାର କରି ଆନ୍ଦୋଳନକୁ ଆହୁରି ତୀବ୍ରତର କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ପ୍ରତ୍ୟେକ ଦିନ ପରି ଆଜି ମଧ୍ୟ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ବିଡିଓଙ୍କୁ ମନଭଙ୍ଗ ଓ ନୂଆଗାଁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି।

### ମାହାରପାଲି ଗାଁରେ ଘରପୋଡ଼ି ଘଟଣା

# ବନିତାଙ୍କ ପରିବାରକୁ ଭେଟିଲେ ସମାଜସେବୀ

**ପଦ୍ମପୁର/ଗାଇସିଲେଟ, ୧୫।୨(ସମିସ):** ପଦ୍ମପୁର ଉପଖଣ୍ଡ ଗାଇସିଲାଟ ଥାନା ମାହାରପାଲି ଗାଁରେ ନିଆଁ ଲାଗି ଗୋଟିଏ ପରିବାରର ସ୍ୱପ୍ନକୁ ଭାଙ୍ଗିଦେଇଛି । ଗାଇସିଲାଟ ଥାନା ମାହାରପାଲି ଗାଁର ଗୋଟିଏ ବିଲରେ ନଡ଼ା ପୋଡ଼ିବା ପାଇଁ ନିଆଁ ଲଗାଯାଇଥିଲା। ସେହି ନିଆଁ ଧୀରେ ଧୀରେ ବ୍ୟାପିବାରେ ଲାଗିଲା ଓ ବିଲ ନିକଟରେ ଥିବା ବନିତାଙ୍କ ଘର ପୋଡ଼ି ଯାଇଥିଲା। ଧାନ, ଚାଉଳ ଓ ତାଙ୍କ ପିଲାଙ୍କ ପାଠପଢ଼ା ସାମଗ୍ରୀ ସହ ଅତ୍ୟନ୍ତ ମୂଲ୍ୟବାନ ସାମଗ୍ରୀ ଏବଂ ଝିଅ ବାହାକରିବା ପାଇଁ ରଖିଥିବା ଟଙ୍କା, ସୁନା ଆଦି ପୋଡ଼ି ପାଉଁଶ ହୋଇଯାଇଥିଲା । ଏ ବିଷୟରେ ବରଗଡ଼ ସାଂସଦଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମାହାରପାଲି ଗାଁକୁ ଯାଇ ବନିତା ସୁନାଙ୍କ ପରିବାର ଲୋକଙ୍କୁ ଭେଟି ସେମାନଙ୍କୁ ରାସନ ଯୋଗାଇ ଦେବା ସହ ସରକାରୀ ସହାୟତା କିଭଳି ପାଇପାରିବେ, ସେଥିପାଇଁ ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରିବେ ବୋଲି କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ବିପିନ ସାହୁ, ଯଜ୍ଞେଶ୍ୱର ପ୍ରଧାନ, ସଂଜୟ ଜରଜରିଆ, କୈଳାସ ଷଣ୍ଢ, ରବି ସାହୁ, ହେମନ୍ତ ବରିହା, ତନ୍ମୟ ସାହୁ ପ୍ରମୁଖ ସାମିଲ ଥିଲେ ।



# ପୁଲୱାମାରେ ସହିଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼,୧୫। ୨(ସମିସ):** ଚକରକେନ୍ଦ ଛକରେ ସହିଦ ଯବାନ ସେବାସଂଘ ତରଫରୁ ପୁଲୱାମା ଆତଙ୍କୀ ଆକ୍ରମଣରେ ସହିଦ ହୋଇଥିବା ଭାରତ ମାତାର ୪୦ ବୀର ଯବାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭା ସହିଦ ଯବାନ ସେବାସଂଘର ସଭାପତି ସୁଶାନ୍ତ ମେହେର ଓ ସଂପାଦକ ସଙ୍କର୍ଷଣ ପଧାନଙ୍କ ଅଧକ୍ଷତାରେ ହୋଇଥିଲା। କୋଶଲ ସେନାର ବୀରବଲ ମହାକୁର ଓ ସହିଦ ଯବାନ ସେବାସଂଘର ସଙ୍କର୍ଷଣ ପଧାନ ସଭାକୁ ପରିଚାଳନା କରିଥିଲେ। ଚକରକେନ୍ଦ ଗାଁର ସମାଜସେବୀ ଯଦୁମଣି ଭୋଇ, ସରୋଜ କୁମାର ଭୋଇ, ନିତ୍ୟାନନ୍ଦ ପଧାନ, ବରଗଡ଼ ସଦର ଥାନା ଏସଆଇ ଏମ୍. ଟିକାଙ୍କ ଉପସ୍ଥିତରେ ଅବସରପ୍ରାପ୍ତ ସୈନିକ ଆଶିଷ ପ୍ରଧାନ, ଅବନିନ୍ଦ୍ର କୁମାର ଗୁପ୍ତା, ଅନନ୍ତ ପ୍ରଧାନ, ଅଭୟ ଚରଣ ଭୋଇ, ଏଲ୍.ଏମ୍ ପଧାନ, ଅମରେଶ ବାରିକ, ନବୀନ ପଧାନ, ପି. ଲୋହା, ବନବସ ପଧାନ ପ୍ରମୁଖ ଅବସରପ୍ରାପ୍ତ ସୈନିକଙ୍କୁ ସମ୍ମାନିତ କରାଯିବା ସହ ବରଗଡ଼ ଜିଲ୍ଲାର ଅନେକ ସମାଜସେବୀ ସଂଗଠନ କୁ ସମ୍ମାନିତ କରାଯାଇଥିଲା। ଚାଷୀ ନେତା ରମେଶ ମହାପାତ୍ର, କୋଶଲ ସେନା, ବଗେଇବିରା ଇଣ୍ଡିୟାନ ମିଲିଟାରୀ ଏକାଡେମୀର ସଭାପତି ପୁରନ୍ଦର ଭୋସାଗର, ଜିଲ୍ଲା ସମାଜ ସଂଘର ସଭାପତି ବଳିଷ୍ଠ ଦୁର୍ଗା, ସମ୍ବିଧାନ ସୁରକ୍ଷା ମଞ୍ଚତଚର ଆବାହକ ପବିତ୍ର ଦେହେରୀ, ମା’ ଏକ୍ ଟଁକିଆ ଜଳଖିଆ ଅନୁଷ୍ଠାନର ପ୍ରତିଷ୍ଠାତା ଉମେଶ ପ୍ରଧାନ, ଅଭିଭାବକ ସଂଘର ବିମଲ, ଏଚିଭ ହେଲପିଙ୍ଗ ଫାଉଣ୍ଡେସନର ସଭାପତି ଦିବାକର ମାଝୀ ଓ ସଂପାଦକ ଭଗବାନ ପଧାନ, ଜନତା ସଂଘ ସମିତିର କିଶୋର ଚନ୍ଦ୍ର ସାହୁ, ବରଗଡ଼ ଆମ୍ବେଦକର ଯୁବା ସଂଘର ଅବିନାଶ ବାଗ, ବଜରଙ୍ଗ ଦଳର ସଂଜୀବ ମେହେର ଓ ସୁନିଲ ମହାପାତ୍ର, ସମ୍ବଲପୁର ମାଟିର କଳାକାର ଶ୍ରୀକାନ୍ତ ପୁରୋହିତଙ୍କୁ ସମାଜ ସେବା କ୍ଷେତ୍ରରେ ସମ୍ମାନିତ କରାଯାଇଥିଲା। ସଭାରେ ଚକରକେନ୍ଦ ସନ୍ଥ କବି ଭୋଇ ଯୁକ୍ତ ତିନି କଲେଜ, ଚକରକେନ୍ଦ ଯୁକ୍ତ ଦୁଇ ନବଯୌତି କଲେଜ ଓ ଚକରକେନ୍ଦ ହାଇସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଞ୍ଚଳବାସୀ ଯୋଗଦେଇଥିଲେ।



### ଉତ୍କଟ ହେଲାଣି ଜଳ ସଙ୍କଟ

# ଟ୍ୟାଙ୍କରରେ ପାନୀୟ ଜଳ ବଣ୍ଟନ

**ଦହିତା,୧୫।୨ (ସମିସ):** ମାଘ ମାସରୁ ବିଭିନ୍ନ ଅଞ୍ଚଳରେ ଜଳକଷ୍ଟ ଦେଖାଦେଲାଣି। ପଦ୍ମପୁରର ରାଜବୋଡ଼ାସମ୍ବର ବ୍ଲକ ଅଧୀନସ୍ଥ ଦହିଗାଁ ଗ୍ରାମ ପଞ୍ଚାୟତ ବୁବୁଡ଼ା ଗ୍ରାମରେ ଦୀର୍ଘଦିନ ଧରି ଜଳ ଯୋଗାଣରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ସୂଚନା ପାଇ ଦହିଗାଁ ସରପଞ୍ଚ ଚଞ୍ଚଳା ଦାଶ ଟ୍ୟାଙ୍କର ଯୋଗେ ପାନୀୟ ଜଳ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମରାମତି ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ବଣ୍ଟନ କରାଯିବ ବୋଲି ସରପଞ୍ଚ ଶ୍ରୀମତୀ ଦାଶ କହିଛନ୍ତି।




# ବ୍ଲକସ୍ତରୀୟ ପ୍ରେରଣା ତାଲିମ କର୍ମଶାଳା ଉଦ୍‌ଯାପିତ




**ପାଇକମାଳ, ୧୫ ।୨ (ସମିସ) :** ସମଗ୍ର ଶିକ୍ଷା ଆନୁକୂଲ୍ୟରେ ପାଇକମାଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧଳେନ୍ଦ୍ର କୁମାର ବାରିକ, ରାଧେଶ୍ୟାମ ମେହେରଙ୍କ ସହଯୋଗରେ ପାଇକମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଞ୍ଚଦିନ ଧରି ଚାଲିଥିବା ପ୍ରେରଣା ତାଲିମ ଶିବିର ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରେମାନନ୍ଦ ବାରିକ, ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରଭାନୁ ପ୍ରଧାନ, ପାଇକମାଳ ମେଡିକାଲ ଅଫିସର ଡ. ଅସୀମ ଅଭିଳାଷ ମହାନ୍ତି, ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ପାଇକମାଳ ସୁପରିଣ୍ଟେଣ୍ଡେଣ୍ଟ ଡ. ଶରତ କୁମାର ବେହେରା, ସହ ବ୍ଲକ ସଂଯୋଜିକା ମଧୁମିତା ବେହେରା, ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସାହୁ ଯୋଗଦାନ କରିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ଭୌତିକ ପରିବେଶ ଠାରୁ ଆରମ୍ଭ କରି ଶିକ୍ଷାଦାନ ସହ ଶିକ୍ଷଣ ପ୍ରକ୍ରିୟାର ମାନ ନିର୍ଦ୍ଧାରଣ, ସାଂଗଠନିକ ପରିବେଶର ବିକାଶ, ଗୋଷ୍ଠୀ ସହ ସଂପୃକ୍ତ ମାନବୀୟ ପରିବେଶର ବିକାଶ ସମ୍ପର୍କରେ କର୍ମଶାଳାରେ ତାଲିମ ପ୍ରଦାନ କରାଯାଇଥିଲା । ସମସ୍ତ ନବନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ।

# ସୁମିତ୍ରା ଦାଶଙ୍କ ପରଲୋକ



**ପଦ୍ମପୁର, ୧୫।୨ (ସମିସ):** ଗାଇସିଲେଟ ବ୍ଲକ ତାଲପାଲିର ସମାଜସେବୀ ସ୍ୱର୍ଗତ ଟିକେଲାଲ ଦାଶଙ୍କ ଧର୍ମପତ୍ନୀ ତଥା ଅଧ୍ୟାପକ ବିଦ୍ୟାଧର ଦାଶ ଓ ଖଗେଶ୍ୱର ଦାଶଙ୍କ ମାତା ସୁମିତ୍ରା ଦାଶଙ୍କ ପଦ୍ମପୁରରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ତାଙ୍କର ଶେଷକୃତ୍ୟ ତାଲପାଲି ଶ୍ମଶାନ ଘାଟରେ ଶୋକାକୁଳ ପରିବେଶରେ ସଂପନ୍ନ ହୋଇଛି ।

# ଜମଲାରେ ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

**ପଦ୍ମପୁର, ୧୫।୨ (ସମିସ):** ଜମଲା ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ପୁଲବାମା ଆକ୍ରମଣରେ ସହିଦ ହୋଇଥିବା ଭାରତୀୟ ଯବାନମାନଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ଭାରତୀୟ ସେନାରୁ ଅବସରପ୍ରାପ୍ତ ସୁବେଦାର ସୁବଲ ଗଡ଼ତିଆଙ୍କ ତତ୍ତ୍ୱାବଧାନରେ ସହିଦ ଯବାନଙ୍କ ସ୍ମୃତିରେ ପ୍ରଦୀପ ପ୍ରଜ୍ୱଳନ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସେନାରୁ ଅବସରପ୍ରାପ୍ତ ହାବିଲଦାର ଲୋକନାଥ ବିଶାଲ ଓ ରାଜେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜମଲା ଯୁବଗୋଷ୍ଠୀର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଶ୍ରୀଅରବିନ୍ଦ ସ୍କୁଲର ବାର୍ଷିକୋତ୍ସବ

**ପଦ୍ମପୁର, ୧୫।୨ (ସମିସ):** ପଦ୍ମପୁର ଅଦିତି ବିହାର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୨୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସଭାରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଜୟନାରାୟଣ ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରୀତିରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମନୋଜ ପଣ୍ଡା, ରଘୁମଣି ପୁରୋହିତ, ଆଦିତ୍ୟ ରଥ, ସମ୍ମାନିତ ଅତିଥି ରୂପେ ଯୋଗଦାନ କରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟକ୍ଷା ଆହ୍ଲାଦିନୀ ଦଲାଇଙ୍କ ତତ୍ତ୍ୱାବଧାନରେ ଏବଂ ପ୍ରଶାସକ ଭରତ ସାହୁଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ସୁନ୍ଦର ଭାବରେ ପରିଚାଳିତ ହୋଇଥିଲା। ଶିଶୁମାନଙ୍କ ଚିତ୍ତାକର୍ଷକ ନୃତ୍ୟ ମନ ମୋହିଥିଲା।

# ଗୋପାଳପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭଟଲି,୧୫ ।୨(ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ଗୋପାଳପୁର ସ୍ଥିତ ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରାମ ହନୁମନ୍ତ ରେଡ୍ଡୀଙ୍କ ସଭାପତିତ୍ୱରେ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମଙ୍ଗଳ ଅଧିକାରୀ ମଳୟ କୁମାର ଶତପଥୀ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଶ୍ରୀ ମହାନ୍ତି, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ଗଡତିଆ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନୀଳିମା ଧରୁଆ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପ୍ରଧାନ, ସମାଜ ସେବିକା ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ, ସିଆରସିସି ଲୋକନାଥ ମେହେର, ପ୍ରକୃତିବନ୍ଧୁ ଆନନ୍ଦ ସାହୁ ଯୋଗ ଦେଇଥିଲେ। ଦ୍ୱିତୀୟଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଭଟଲି ବ୍ଲକ ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ, ସମ୍ମାନିତ ଅତିଥି ଭାବରେ ବିଜ୍ଞାନ ଶିକ୍ଷକ ତଥା ପରିବେଶବିତ୍ ସଞ୍ଜୟ ଖମାରୀ,ସାମ୍ବାଦିକ ନରସିଂହ ଚରଣ ସାହୁ,ସାମ୍ବାଦିକ ମାଧବ ଚନ୍ଦ୍ର ସାହୁ, ସ୍ୱେଚ୍ଛାସେବୀ କୁଶ ସାହୁ,ଶିକ୍ଷକ କୈଳାସ ଦାଶ, ଶିକ୍ଷକ ଯୋଗେଶ୍ୱର ପଧାନ,ଅବସରପ୍ରାପ୍ତ ଶିକ୍ଷକ ରୂପାନନ୍ଦ ନାଏକ ଯୋଗ ଦେଇଥିଲେ। ଅତିଥିବୃନ୍ଦ ନିଜ ଅଭିଭାଷଣରେ ଆମ ସଂସ୍କୃତି ଆମ ଖେଳଣା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଉଚ୍ଛବ ଭୁଏ,ଦିଲ୍ଲୀପ ପଧାନ,ଅଷ୍ଟମନ୍ୟୁ ବାରିକ,ଶିକ୍ଷୟିତ୍ରୀ ମମତା ସାହୁ,ଦୀପ୍ତି ତ୍ରିପାଠୀ,ପଞ୍ଚମୀ ନାଏକ, ସାବିତ୍ରୀ ସା, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଅନନ୍ତ ସାହୁ,ସଦସ୍ୟ ଅନ୍ତର୍ଯ୍ୟାମୀ ପଧାନ, କ୍ଷେତ୍ରମୋହନ ସାହୁ,ପଞ୍ଚୁଲାଲ ନାଏକ,ସଦସ୍ୟା ସୁଦେଷ୍ଣା ନାଏକ, ସରସ୍ୱତୀ ନାଏକ,ପଦ୍ମିନୀ ବାଗ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଉଚ୍ଛବ ଭୁଏ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଷ୍ଟମନ୍ୟୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଇକମାଳ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି

**ପାଇକମାଳ, ୧୫ ।୨ (ସମିସ) :** ପାଇକମାଳ ବ୍ଲକ ମିଟିଂ ହଲ ଠାରେ ବ୍ଲକସ୍ତରୀୟ ଜନଶୁଣାଣି କାର୍ଯକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ସହକାରୀ ଜିଲ୍ଲାପାଳ ସନ୍ତୋଷ ପତି,ଜିଲ୍ଲା ଓଅମ୍ବୁଡ୍ସମ୍ୟାନ ପ୍ରଦୀପ କୁମାର ନନ୍ଦ, ଜିଲ୍ଲା ସାମାଜିକ ଓଡିଟର ଆନନ୍ଦ ପ୍ରଧାନ , ଜିଲ୍ଲା ଆଇଏନଆରଏମ୍ ଏକ୍ସପର୍ଟ ଦେବେନ୍ଦ୍ର ନେଗି ଓ ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଅଦୁ ମଞ୍ଚାସୀନ ଥିବାବେଳେ ସମସ୍ତ ଲାଇନ୍ ଅଫିସର୍ ସହ ଆଜକା ଅନୁଷ୍ଠାନ କର୍ମକର୍ତ୍ତା, ସରପଞ୍ଚ , ବ୍ଲକ୍ କର୍ମଚାରୀ, ଜିଆରଏସ୍, ଜବକାର୍ଡଧାରୀମାନେ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗ କରିଥିଲେ। ତାହାର ଉତ୍ତର ମଧ୍ୟ ଅଫିସରଙ୍କ ଠାରୁ ପାଇଥିଲେ । ୨୦୨୪/୨୫ରେ ୧୪୮୩ ଗୋଟି ପ୍ରୋଜେକ୍ଟ ନିଆଯାଇଥିବା ବେଳେ ୮୯୭ ଗୋଟି ପ୍ରୋଜେକ୍ଟ କାମ ହୋଇଥିଲା। ସେହିପରି ୧୪୬୦.୩୭ ଲକ୍ଷ ଟଙ୍କାର ଅନୁଦାନ ଆସିଥିବା ବେଳେ ସବୁ ଟଙ୍କା ଖର୍ଚ୍ଚ କରାଯାଇଛି। ୧୭,୧୧୮ ପରିବାରର ଜବକାର୍ଡ ଦିଆଯାଇଥିବା ବେଳେ ସେଥିମଧ୍ୟରୁ ୮୫୨୩ ପରିବାର କାମ କରିଛନ୍ତି। ୧୦୦ ଦିନର କାମ ୧୦୪୭ ପରିବାର, ୨୦୦ ଦିନର କାମ ୧୮୪ ପରିବାର, ୩୦୦ ଦିନର କାମ ୧୮ ଟି ପରିବାର ସମ୍ପୂର୍ଣ୍ଣ କରିଥିବା ଜଣାପଡ଼ିଥିଲା। ଏହି କାମଗୁଡିକ ୧/୪/୨୪ ରୁ ୩୦/୯/୨୪ପର୍ଯ୍ୟନ୍ତ ହୋଇଥିବା ଆକଳନ କରାଯାଇଛି।

# ରାଷ୍ଟ୍ରୀୟ ବୈଦିକ ବାର୍ଷିକ ଉତ୍ସବ

**ପଦ୍ମପୁର, ୧୫।୨ (ସମିସ):** ଆର୍ଯ୍ୟ ସନ୍ନ୍ୟାସୀ ପୂଜ୍ୟ ସ୍ୱାମୀ ବିବେକାନନ୍ଦ ସରସ୍ୱତୀ, କୁଳପତି ଗୁରୁକୁଳ ପ୍ରଭାତ ଆଶ୍ରମ ମେରଠଙ୍କ ଆଶୀର୍ବାଦରେ ପ୍ରଥମ ରାଷ୍ଟ୍ରୀୟ ବୈଦିକ ଶୋଧ ସଂଗୋଷ୍ଠୀ ଗୁରୁକୁଳ ନବପ୍ରଭାତ ବୈଦିକ ବିଦ୍ୟାପୀଠରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଭାରତର ବିଭିନ୍ନ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ପ୍ରଫେସର, ଶିକ୍ଷକ ଏବଂ ପ୍ରଖ୍ୟାତ ବିଦ୍ୱାନମାନେ ଗବେଷଣା ପ୍ରବନ୍ଧ ପାଠ କରିଥିଲେ । ଏହି ଅବସରରେ ପ୍ରଫେସର ଶ୍ରୀନିବାସ ବରଖେଡ଼ୀ (କୁଳପତି, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ) ଗୁରୁକୁଳ ପରମ୍ପରାକୁ ବୈଦିକ ସଂସ୍କୃତିର ମୂଳଦୁଆ ଭାବରେ ବର୍ଣ୍ଣନା କରିଥିଲେ । ବିଶେଷ ଅତିଥି ପ୍ରଫେସର ଭାଗୀରଥି ନନ୍ଦ, ଡକ୍ଟର ବିଶ୍ୱନାଥ ସ୍ୱାଇଁ, ଡକ୍ଟର ବାଚସ୍ପତି ମିଶ୍ର, ଡକ୍ଟର ଚକ୍ରଧର ମେହେର, ଡକ୍ଟର ରବି ପ୍ରଭାତ, ଡକ୍ଟର ବେଦବ୍ରତ, ଡକ୍ଟର ପରାମ୍ବା ଶ୍ରୀ ଯୋଗମାୟା, ପ୍ରଫେସର ଶ୍ରୀବତ୍ସ ଶାସ୍ତ୍ରୀ, ସାଧ୍ୱୀ ରେଣୁକା, ପ୍ରଫେସର ପ୍ରତିଭା ମଞ୍ଜରୀ ରଥ ବୈଦିକ ସଂସ୍କୃତିର ଉତ୍କୃଷ୍ଟ ସ୍ୱରୂପ ଉପସ୍ଥାପନ କରିଥିଲେ। ଆଚାର୍ଯ୍ୟ ବୃହସ୍ପତି ଜୀଙ୍କ ସଭାପତିତ୍ୱ ଅଭିଭାଷଣ ଏବଂ ଆଚାର୍ଯ୍ୟ ଭଗବାନ ଦେବ ଜୀଙ୍କ ଧନ୍ୟବାଦ ଅର୍ପଣ ସହିତ ରାଷ୍ଟ୍ରୀୟ ବୈଦିକ ଶୋଧ ସଂଗୋଷ୍ଠୀ ଶେଷ ଅଧିବେଶନ ସଫଳତାର ସହିତ ସମାପ୍ତ ହୋଇଥିଲା । ଶେଷରେ ଆଚାର୍ଯ୍ୟ ବୃହସ୍ପତି ଜୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ନିଷ୍ଠା ପରିବାରର ରେଡ୍ ଡ୍ରପ୍ ମାରାଥନ

# ୩୫ ୟୁନିଟ୍ ରକ୍ତ ସଂଗୃହୀତ



**ବରଗଡ଼,୧୫ ।୨(ସମିସ):** ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ କଦଳୀପାଲି ଗ୍ରାମର ଉପରପଡ଼ା, ମିର୍ଦ୍ଧାପଡ଼ାର କଲ୍ୟାଣ ମଣ୍ଡପଠାରେ ବକ୍ସି ଜଗବନ୍ଧୁ କ୍ଲବ, ବୀର ବଜରଙ୍ଗ ବଳୀ କ୍ଲବ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ନିଷ୍ଠା ପରିବାରର ୫୧ ଦିନ ଧରି ଚାଲିଥିବା ରେଡ୍ ଡ୍ରପ୍ ଅଲଟ୍ରା ମାରାଥନର ୪୬ ଦିନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ସ୍ୱେଚ୍ଛାସେବୀ ନିତ୍ୟାନନ୍ଦ ମିର୍ଦ୍ଧା, ଲେନ୍ଦା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ରବି ସାହୁ, ସମିତି ସଭ୍ୟା ବିମଳା ବିଶି, କ୍ଷିତିପତି ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ। ଏହି ଶିବିରରୁ ସର୍ବମୋଟ ୩୫ୟୁନିଟ୍ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଶିବିରକୁ କ୍ଷିତି ପତି ପ୍ରଧାନ, ରତ୍ନାକର ବିଶି,ଭକ୍ତ ବେହେରା, ବିଶ୍ୱ ବେହେରା, ପରେଶ ପ୍ରଧାନ ଓ ନିଷ୍ଠା ପରିବାରର ସମସ୍ତ ସଦସ୍ୟ ସଦସ୍ୟା ସୁପରିଚାଳନା କରିଥିଲେ।

# ପ୍ରଧାନଶିକ୍ଷକଙ୍କ ମାସିକ ସମୀକ୍ଷା ବୈଠକ



**ପଦ୍ମପୁର,୧୫।୨ (ସମିସ) :** ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ସତ୍ୟସେବା ଉଚ୍ଚ ବିଦ୍ୟାଳୟ କନସିଂହାଠାରେ ପ୍ରଧାନଶିକ୍ଷକଙ୍କ ୧୪ତମ ମାସିକ ସମୀକ୍ଷା ବୈଠକ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବରେ ଏବିଇଓ ଶିବପ୍ରସାଦ ଯୋଶୀ ଓ ସାଧନ କର୍ମୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦମପୁରର ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଓ ଜମରତଲା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେଶ ଖମାରୀ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ ବନିଆ ମଞ୍ଚାସୀନ ଥିଲେ। ସତ୍ୟସେବା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପାରମ୍ପରିକ ବାଦ୍ୟ ସହ ଫୁଲ ଚନ୍ଦନ ଦେଇ ସମସ୍ତ ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ କରି ସଭାଗୃହ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସଭା ପ୍ରାରମ୍ଭରୁ ଅତିଥିମାନଙ୍କ ଦ୍ୱାରା ଶ୍ରୀଗଣେଶ ଓ ମା’ ସରସ୍ୱତୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଛାତ୍ରୀମାନେ ସୁନ୍ଦର ଭାବରେ ମନ୍ତ୍ର ପାଠ କରିଥିଲେ। ଶିକ୍ଷକ ହରିହର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ନୂତନ ଭାବରେ ଯୋଗଦାନ କରିଥିବା ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁଙ୍କ ପ୍ରଦତ୍ତ ନିର୍ଦ୍ଦେଶାବଳୀକୁ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ଭୋଇ ପଠନ କରି ଶାନ୍ତିଶୃଙ୍ଖଳା ସହ ମାଟ୍ରିକ ପରୀକ୍ଷା ପରିଚାଳନା କରିବା ନିମନ୍ତେ ନିଜର ଅଭିମତ ରଖିଥିଲେ। ଶେଷରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

### ସାଙ୍ଗ ହେବ ତ ଏମିତି

# ଦିବ୍ୟାଙ୍ଗ ଜଗନ୍ନାଥଙ୍କ ପାଇଁ ଆଶାବାଡ଼ି ସାଜିଛନ୍ତି ପବିତ୍ର

**ମାଣ୍ଡୋସିଲ,୧୫ ।୨(ସମିସ)**

ଜୀବନରେ ଭଲ ବନ୍ଧୁଟିଏ ଥିଲେ ଅମୂଲ୍ୟ ସମ୍ପଦ ମିଳିଥାଏ। ବରଗଡ଼ ଜିଲ୍ଲା ପାଇକମାଳ ଜାମସେଠ ପଞ୍ଚାୟତ ଭେରୁଆମୁଣ୍ଡା ସ୍କୁଲ ପଡ଼ାରେ ରୁହନ୍ତି ଦୁଇ ବାଲ୍ୟବନ୍ଧୁ ଜଗନ୍ନାଥ ତାଣ୍ଡି(୧୬) ଓ ପବିତ୍ର ବାଗ (୧୬)। ଜଗନ୍ନାଥ ଜନ୍ମରୁ ଦିବ୍ୟାଙ୍ଗ ହୋଇଥିଲେ ବି ମନରେ ରହିଛି ଅପୂର୍ବ ଦମ୍ଭ। ପାଠପଢ଼ା ସହିତ ଗୀତ, ନାଚରେ ସେ ପାରଙ୍ଗମ। ନିଜ ସ୍କୁଲ ତଥା କଲେଜର ବାର୍ଷିକୋତ୍ସବ ବେଳେ ଗୀତନାଚରେ ସେ ବେଶ ଚର୍ଚ୍ଚାରେ ରହିଥାନ୍ତି। ହେଲେ ଜଗନ୍ନାଥଙ୍କ ପ୍ରତି ପବିତ୍ରଙ୍କ ରହିଛି ଅଗାଢ଼ ଭଲପାଇବା। ଦୁହେଁ ଏକାଠି ପଢ଼ନ୍ତି, ଖେଳନ୍ତି। ଜଗନ୍ନାଥଙ୍କ ପାଇଁ ପବିତ୍ର ସାଜିଛନ୍ତି ଆଶାବାଡ଼ି। ଭେରୁଆମୁଣ୍ଡାରୁ ମାଣ୍ଡୋସିଲ କଲେଜ ହେଉଛି ୭ କିଲୋମିଟର ବାଟ। ପ୍ରତିଦିନ ପବିତ୍ର ତା ସାଙ୍ଗ ଜଗନ୍ନାଥ ଘରକୁ ଯାଇ ତାଙ୍କୁ ବାଇକରେ ବସାଇ ପାଠ ପଢ଼ିବାକୁ ଯାଆନ୍ତି। ଦୁହେଁ କଲେଜକୁ ଗଲାବେଳେ ବାଟରେ ଯିଏ ବି ଦେଖନ୍ତି, କହନ୍ତି ସାଙ୍ଗ ହେବତ ଏମିତି। ଦୁହେଁ ଭଲ ପାଠପଢ଼ି ଶିକ୍ଷକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଜଗନ୍ନାଥ ଦିବ୍ୟାଙ୍ଗ ଭତ୍ତା ୧୨ ଶହ ଟଙ୍କା ପ୍ରତି ମାସରେ ପାଉଥିବା ବେଳେ ଏଯାଏ ନୂତନ ସରକାରଙ୍କ ବର୍ଦ୍ଧିତ ଭତ୍ତା ପାଇନାହାନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଜଗନ୍ନାଥଙ୍କ ପରିବାର ଦାବି କରିଛନ୍ତି।



ସୃଜନିକା
ସକାଳ
THE SAKALA
www.sakalaepaper.com

# ମୁକ୍ତି

ବିଚିତ୍ର ବିଶ୍ୱାଳ





ଦୀର୍ଘ ଚାରିଘଣ୍ଟା ହେଲା ଖଟ ଉପରେ ସ୍ଥିର ହୋଇ ବସି କାନ୍ଥ ଘଣ୍ଟାକୁ ଚାହିଁଛନ୍ତି ସୁନନ୍ଦା। ସତେ ଯେମିତି ତାଙ୍କ ଦେହରେ ଜୀବନ ନାହିଁ। ହାଡ଼ ମାଂସରେ ଗଢ଼ା ଗୋଟେ ମଣିଷର ମୂର୍ତ୍ତି। ହଲ୍ ନାହିଁ କି ଚଲ୍ ନାହିଁ। ଆଖି ସ୍ଥିର ଅଛି କାନ୍ଥ ଘଣ୍ଟା ଉପରେ। ଟିକ୍‌ଟିକ୍ ହୋଇ ବୁଲୁଛି ସେକେଣ୍ଡ କଣ୍ଟା। କିନ୍ତୁ ତାଙ୍କ ପାଇଁ ସମୟ ଯେମିତି ସ୍ଥିର ହୋଇଯାଇଛି।

ବୟସର ଅପରାହ୍ଣରେ ତାଙ୍କ ହୃଦ୍‌ରୋଗର ହୃଦୟଟା ଏତେ ବଡ଼ ଅନୁତାପର ଅନଳକୁ ସହିପାରୁନଥିଲା। ବସିବା ସ୍ଥାନରୁ ଉଠିବାକୁ ସେ ବଳ ଠୁଳେଇ ପାରୁନଥିଲେ। ପଲକ ପଡୁନଥିବା ଆଖି ଯୋଡ଼ିକରେ ଲୁହ ଟଳମଳ ହେଉଥିଲା। ସେ କିନ୍ତୁ ତାକୁ ବୋହିବାକୁ ଦେଉନଥିଲେ। ବସିବସି ସେ ଭାବୁଛନ୍ତି, ସତରେ କ'ଣ ସେ ଭୁଲ୍ କରିଛନ୍ତି! ତାଙ୍କ ସ୍ତ୍ରୀ' ମନ କହୁଥିଲା ସେ ଠିକ୍ କରିଛନ୍ତି। କିନ୍ତୁ ତାଙ୍କ ବିବେକ ଆଙ୍ଗୁଠି ଦେଖେଇ କହୁଥିଲା, ସେ ଭୁଲ୍ କରିଛନ୍ତି।

ପକ୍ଷାଘାତ ରୋଗ ତାଙ୍କ ସ୍ୱାମୀଙ୍କର ଅଧା ଶରୀରକୁ ଅଚଳ କରିଦେଇଥିଲା। ତା' ସହିତ ଦେହ ଭିତରେ କେତେକ ଅଙ୍ଗ ଅଚଳ ହୋଇଯାଇଥିବାରୁ ଭୟଙ୍କର ଯନ୍ତ୍ରଣା ଭୋଗ କରୁଥିଲେ ସେ। ଦିନର ଅଧା ସମୟ ସେ କେବଳ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଯନ୍ତ୍ରଣା ସ୍ଥାନକୁ ଆଉଁଶିବା ପାଇଁ ବି ତାଙ୍କ ହାତ ଠିକ୍‌ରେ ଉଠୁନଥିଲା। ଦିନସାରା ସ୍ୱାମୀଙ୍କୁ ଜଗି ବସି ସେବା କରୁଥିଲେ ସୁନନ୍ଦା। ତଥାପି କଷ୍ଟର ଉପଶମ ହେଉନଥିଲା। ପୁଅ ବୋହୂ ତ ତାଙ୍କ କାମରେ ବ୍ୟସ୍ତ। ତାଙ୍କ ସଂସାର ତାଙ୍କୁ ଭାରୀ। ଥରେ ଡାକ୍ତର ପାଖକୁ ନେଲେ ପୁଣି ପନ୍ଦର ଦିନ ଯାଏ ସମୟ ନାହିଁ। ପ୍ରାଥମିକତା ବଦଳିଗଲେ କିଛି ଲୋକଙ୍କର କିଛି ଲୋକଙ୍କ ପାଇଁ ସମୟ ନିଅଣ୍ଟ ପଡ଼ିଯାଏ। ତେଣିକି ସେ ବାପା, ମା' ହୁଅନ୍ତୁ ପଛେ।

ଡାକ୍ତରଖାନାକୁ ଯାଇଛନ୍ତି ସୁନନ୍ଦାଙ୍କ ସ୍ୱାମୀ ଶରତଚନ୍ଦ୍ର। ସୁନନ୍ଦାଙ୍କୁ କେବଳ ଗୋଟିଏ ଚିନ୍ତା ଖାଇଯାଉଛି, ଡାକ୍ତରଖାନାରୁ ଫେରିବା ପରେ ତାଙ୍କ ସ୍ୱାମୀ ତାଙ୍କୁ ପୂର୍ବ ପରି ଭଲପାଇବେ ତ!

ଚାରିଘଣ୍ଟା ପୂର୍ବରୁ...

ଖୁବ୍ ଶାନ୍ତ ଭାବେ ଅବିଚଳିତ ହୋଇ ପାଣି ଗ୍ଲାସ୍‌ଟା ପିଇଲେ ଶରତଚନ୍ଦ୍ର। ପିଇବାର ପନ୍ଦର ମିନିଟ୍ ପରେ ପ୍ରଥମେ ସେ ଟିକେ ଭିଡ଼ିମୋଡ଼ି ହେଲେ। ତାପରେ ତାଙ୍କର ସମଗ୍ର ଶରୀର ଯନ୍ତ୍ରଣାରେ ଚିର୍‌ଚିରେଇ ଉଠିଲା। ପକ୍ଷାଘାତର ଶିକାର ହୋଇନଥିବା ତାଙ୍କ ବାଁ ପଟ ଗୋଡ଼ ହାତକୁ ଖୁବ୍ ଜୋର୍‌ରେ ବାଡ଼େଇ କଚାଡ଼ି ଛଟପଟ ହେଲେ ସେ। ଉପର ଘରୁ ପୁଅ ବୋହୂ ଭାବୁଥିଲେ, ବାପା ନିତିଦିନିଆ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। କିନ୍ତୁ ତାଙ୍କର ଏମିତି ଯନ୍ତ୍ରଣା ସୁନନ୍ଦା କେବେ ଦେଖିନଥିଲେ। ଆଖି ଦି'ଟା ତାଙ୍କର ଡିମା ଡିମା ହୋଇ ବାହାରକୁ ବାହାରି ଆସୁଥିଲା। ପାଟିରୁ ଧଳା ଧଳା ଫେଣ ବୋହି ଆସିଲା। ମୋତେ ବଞ୍ଚେଇଦିଅ, ବଞ୍ଚେଇଦିଅ ଚିତ୍କାର କଲେ। ହାତ ଯୋଡ଼ି ବିକଳ ହୋଇ ତୁରନ୍ତ ଡାକ୍ତରଖାନାକୁ ନେବା ପାଇଁ ସେ ସୁନନ୍ଦାଙ୍କୁ ଅନୁରୋଧ କଲେ।

ସୁନନ୍ଦାଙ୍କ ସ୍ତ୍ରୀ' ମନ ଆଉ ସହିପାରିଲା ନାହିଁ। ପୁଅକୁ ଡାକି ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେବାକୁ କାକୁତି ମିନତି ହେଲେ। ପୁଅ ସାଙ୍ଗେ ସାଙ୍ଗେ ବାପାଙ୍କୁ ଡାକ୍ତରଙ୍କ ପାଖକୁ ନେଇଗଲା। ଡାକ୍ତରଖାନାକୁ ଯିବା ବେଳେ ଶରତଚନ୍ଦ୍ର ସୁନନ୍ଦାଙ୍କ ଆଡ଼କୁ ଭୀଷଣ ରାଗ ଓ ଅବିଶ୍ୱାସଭରା ଆଖିରେ ଚାହିଁଥିଲେ। ତାଙ୍କ ପାଟିରୁ ବାହାରୁଥିବା ଫେଣ ପ୍ରମାଣ କରୁଥିଲା ବିଷ ତାଙ୍କ ଦେହ ଭିତରେ ଭୀଷଣ ପ୍ରତିକ୍ରିୟା ଆରମ୍ଭ କରିଦେଇଥିଲା। ଆଉ ସେ ବିଷମିଶା ପାଣି ଗ୍ଲାସ୍‌ଟା ଦେଇଥିଲେ ସୁନନ୍ଦା।

ଡାକ୍ତରଖାନାକୁ ଯିବା ବେଳେ ସ୍ୱାମୀଙ୍କ ଆଖିରେ ଥିବା ସେହି କ୍ରୋଧ, ଅବିଶ୍ୱାସ ଓ ବଞ୍ଚିରହିବାର ଦୁର୍ବାର ଇଚ୍ଛା ସୁନନ୍ଦାଙ୍କୁ ପ୍ରଚୁର ପାପବୋଧରେ ପୋତି ପକାଉଥିଲା। ସେ ବାରମ୍ବାର ଭାବୁଥିଲେ, ଡାକ୍ତରଖାନାରୁ ଫେରିବା ପରେ ଶରତଚନ୍ଦ୍ର ତାଙ୍କୁ ପୂର୍ବପରି ଭଲପାଇବେ ତ!

ପନ୍ଦର ବର୍ଷ ତଳେ...

ପାର୍କରେ ସାଥି ହୋଇ ପ୍ରାତଃଭ୍ରମଣ କରୁଥିଲେ ସୁନନ୍ଦା ଓ ଶରତଚନ୍ଦ୍ର। ସୁନ୍ଦର ସ୍ୱାସ୍ଥ୍ୟବାନ୍ ପୌଢ଼ ଉଭୟ। ପ୍ରାତଃଭ୍ରମଣ ସମୟରେ ଉଭୟ ପାଖାପାଖି ଚାଲନ୍ତି ଓ ଦୁନିଆ ଯାକର କଥା ଗପନ୍ତି। ପିଲାମାନଙ୍କର ପାଠପଢ଼ାର ନିଷ୍ପତ୍ତିରୁ ଆରମ୍ଭ କରି ରାଜନୀତି ଚର୍ଚ୍ଚା ଯାଏ। ସେଦିନ ଚାଲିବା ବେଳେ କଥା ଲମ୍ବୁ ଲମ୍ବୁ ପହଞ୍ଚିଗଲା ତାଙ୍କର ଜଣେ ପାରିବାରିକ ବନ୍ଧୁଙ୍କର ରୋଗଗ୍ରସ୍ତ ବୃଦ୍ଧ ବାପାଙ୍କ ପାଖରେ। ଯାହାକୁ ସେମାନେ ପୂର୍ବଦିନ ଦେଖିବାକୁ ଯାଇଥିଲେ ତାଙ୍କ ଘରକୁ। ତାଙ୍କର ଜରାଜୀର୍ଣ୍ଣ ରୋଗଗ୍ରସ୍ତ ଦୁଃସ୍ଥ ଜୀବନର ବାସ୍ତବତାକୁ ବର୍ଣ୍ଣନା କଲା ବେଳେ ଅଟକି ଗଲେ ଶରତଚନ୍ଦ୍ର। ହଠାତ୍ ସୁନନ୍ଦାଙ୍କର ହାତଟାକୁ ତାଙ୍କ ମୁଣ୍ଡ ଉପରକୁ ଉଠେଇ ଆଣି କହିଲେ, ମୋତେ କଥା ଦିଅ ସୁନନ୍ଦା, ଯଦି ଭବିଷ୍ୟତରେ କେବେ ବି ମୋର ଜୀବନ ଏମିତି ଯନ୍ତ୍ରଣାମୟ ଓ ଦୁଃସ୍ଥ ହୋଇଯିବ, ତେବେ ମୋତେ ସେମିତି ରହିବାକୁ ଦେବନି। ତୁମେ ମୋତେ ନିଜ ହାତରେ ସବୁ ଯନ୍ତ୍ରଣାରୁ ମୁକ୍ତ କରିଦେବ। ମୋର ତଣ୍ଟି ଚିପିଦେଇ ନହେଲେ ଚିମୁଟାଏ ବିଷ ଦେଇ। ସ୍ୱାମୀଙ୍କ ମୁଣ୍ଡ ଉପରୁ ଚଟ୍ କରି ହାତଟାକୁ କାଢ଼ି ଆଣିଥିଲେ ସୁନନ୍ଦା। କିନ୍ତୁ ବାକି ଚାଲିବା ସମୟତକ ଶରତଚନ୍ଦ୍ର କେବଳ ସେହି କଥା ଘୋଷି ହେଲେ ଓ ସୁନନ୍ଦାଙ୍କ ପାଖରୁ ମୁକ୍ତିଦାତା ହେବାର ଶପଥ ନେଇଗଲେ ନିଜ ସ୍ୱାମୀପଣିଆର ଦାୟରେ।

ସେ ସପ୍ତାହ ସାରା ସେହି କଥାକୁ ବାରମ୍ବାର କହିଥିଲେ ଶରତଚନ୍ଦ୍ର। ସୁନନ୍ଦାଙ୍କୁ ଏକାଧିକ ଥର ଚେତେଇ ଦେଉଥିଲେ ଭବିଷ୍ୟତରେ ତାଙ୍କ କର୍ତ୍ତବ୍ୟ ବିଷୟରେ।

ଚାରିଘଣ୍ଟା ତିରିଶ ମିନିଟ୍ ପୂର୍ବରୁ...

ସ୍ୱାମୀଙ୍କର ପକ୍ଷାଘାତ ଜନିତ ଅସହାୟତା ସହିତ ଯନ୍ତ୍ରଣାଭରା ଚିତ୍କାରକୁ ଆଉ ସହ୍ୟ କରିପାରିଲେନି ସୁନନ୍ଦା। ଶରତଚନ୍ଦ୍ର ମନେ ପକେଇଦେଲେ ପନ୍ଦର ବର୍ଷ ତଳର ଶପଥକୁ। ହାତ ଯୋଡ଼ି ଅନୁରୋଧ ବି କରିଥିଲେ।

ସ୍ୱାମୀଙ୍କର ତଣ୍ଟି ଚିପିବାକୁ କେମିତି ସାହସ କୁଳେଇ ପାରିଥାନ୍ତେ ସୁନନ୍ଦା! ତେଣୁ ପାଣି ଗ୍ଲାସ୍‌ରେ ମିଶେଇ ଦେଲେ କେଇଟା ଦାନା ସାଇନାଇଡ୍।

ଏବେ ଡାକ୍ତରଖାନାରେ ଶରତଚନ୍ଦ୍ର। ଡାକ୍ତରଖାନାରୁ ପୁଅ ଫୋନ୍ କରୁଥିଲା, ବାପା ଧୀରେ ଧୀରେ ଠିକ୍ ହେଉଛନ୍ତି। ଫୁଡ୍ ପଏଜନ୍ ହୋଇଯାଇଥିଲା ବୋଧେ।

ଖଟ ଉପରେ ସ୍ଥାଣୁ ହୋଇ ବସି ସୁନନ୍ଦା ଭାବୁଛନ୍ତି, ସ୍ୱାମୀ ଡାକ୍ତରଖାନାରୁ ଫେରିଲେ ତାଙ୍କୁ କିପରି ସାମ୍ନା କରିବେ!

ଏବେ, ଏଇ ମୁହୂର୍ତ୍ତରେ...

ଘର ସାମ୍ନାରେ ଗୋଟେ ଆମ୍ବୁଲାନ୍‌ସ ଲାଗିଲା। ସେଥିରୁ ଓହ୍ଲାଇଲା ଶରତଚନ୍ଦ୍ରଙ୍କ ଶବ। ଝରକା ପଟେ ଯନ୍ତ୍ରଣାମୁକ୍ତ ଶରତଚନ୍ଦ୍ରଙ୍କୁ ଦେଖପାରିଲେ ସୁନନ୍ଦା।

ମା'କୁ ସାନ୍ତ୍ୱନା ଦେବା ପାଇଁ ଘର ଭିତରକୁ ଆସିଲା ପୁଅ। ଦେଖିଲା, ନିଶ୍ଚଳ ମା'। ■

ଭିରଙ୍ଗ, ତିରଣ
ଜଗତ୍‌ସିଂହପୁର-୭୫୪୧୩୮
ମୋ: ୯୪୩୮୪୬୮୪୭୪

## ମାଟିର ମଣିଷ

ସୁଶାନ୍ତ କୁମାର ନାୟକ





କାଉର କଣ୍ଠରେ ଶୁଭେ
ସ୍ୱଚ୍ଛତାର ସ୍ୱର।

ଛାଇଙ୍କ ଲମ୍ବା ହାତରେ
ବର୍ଷା ଛୁଏଁ ମାଟିର ଦେହ।

ଲୁହର ଗଭୀରତାରେ
ଓଦା ହୁଏ ନିରଳସ ମନ।

ମୁହୂର୍ତ୍ତମାନଙ୍କ ନିରବତାରେ
ଆକାଶକୁ ଚାହିଁଥାଏ ସଡ଼କ।

ଶବ୍ଦମାନଙ୍କ ଜଙ୍ଗଲରେ
ଫଳେ ବିଶ୍ୱାସର ଫସଲ।

ରାତିର ନଅଙ୍କ ଦୁର୍ଭିକ୍ଷରେ
ଗଢ଼ାହୁଏ ସ୍ୱପ୍ନର ସଂସାର।

ସ୍ମୃତିର ନରମ କୋଠରିରେ
ଚେଇଁଉଠେ କଅଁଳ ସକାଳ।

ସମୟର ଶେଷ ପ୍ରହରରେ
ଅନ୍ତିମ ବିଦାୟ ନିଏ ମାଟିର ମଣିଷ। ■

ପଞ୍ଚବଟୀ ନଗର-୨ୟ ଲେନ୍
ରାୟଗଡ଼-୭୬୫୦୦୧
ମୋ: ୭୬୦୮୦୨୫୬୧୬

## ରଙ୍ଗ

ଅଜୟ ସ୍ୱାଇଁ





ନୀଳ ସ୍ୟାହିରେ ଲେଖା
ପ୍ରେମର ହରଫ୍‌ରେ ଚିତ୍ରିତ
ତୁମ ଚିଠି ଆସେନା...
କିମ୍ବା ଫେରିଯାଏ
ଠିକଣା ନପାଇ?
କିମ୍ବା ଗୋଟେ ଯାଯାବରୀ
ଠିକଣା ପଛରେ ଧାଇଁଧାଇଁ
ତୁମ ଚିଠି ପବନ ହେଇ
ମିଳେଇ ଯାଏ ପବନରେ ?

ଯଦି ମୁଁ ବଜାଏ ନାଗେଶ୍ୱରୀ
ଯଦି ମୁଁ ବଜାଏ ବାଁଶୁରୀ...
ତା' ହେଲେ ତୁମେ ପୁଣି ରୂପ ପାଇବ
ଯମୁନାର କଳାଘୁମର ପାଣିରେ...
ପୁଣି ଦେଖିବ ମତେ,
ତୁମ କଜଳପାତି ଆଖିରେ।
ନୀଳ ସ୍ୟାହି ନହେଲେ ବି
କ'ଣ ଚିଠି ଲେଖି ହେବନି
ଯମୁନା ପାଣିରେ?
ରତରତ ଗୋଠବାହୁଡ଼ା ବେଳେ ?

ତୁମ ଅଲିଅଳ ଉଆସ,
ଚାରୁ ଚନ୍ଦ୍ରାତପର ମଲ୍ଲୀବାସ୍ନା ରାତି
ସରିଆସୁଥିବା
ନିଜ ଚୋରା ଚଇତାଳି
ଝଡ଼ି ଆସୁଥିବା କାଶତଣ୍ଡୀ
ପୋତି ହେଇ ଆସୁଥିବା
ନଈପଠାରେ
ତୁମେ ଉଡ଼େଇବ
ତୁମ ସୋରିଷ ଫୁଲର ପଣତ...

ଆହା!
ଏତେ ରଙ୍ଗ ନେଇ ମୁଁ କରିବି କ'ଣ ?
ପାଗଳ ହୋଇ
ଉଡ଼େଇ ଦେବି
ତୁମ ଗାଁ ଆଡ଼େ। ■

# ଓଡ଼ିଆ ଅବ୍ୟୟର ବୈଶିଷ୍ଟ୍ୟ

ଡକ୍ଟର ଦେବାଶିଷ ମହାପାତ୍ର



ଆମେ ଯଦି ଅଭିଧାନ ଦେଖିବା, ତେବେ 'ଅବ୍ୟୟ' ଶବ୍ଦଟିର ଅର୍ଥ ଅବିନାଶୀ, ଅକ୍ଷୟ ବୋଲି ପାଇବା। ତେବେ, ବ୍ୟାକରଣରେ ଏହା ରୂପାନ୍ତର ପାଉନଥିବା ଶବ୍ଦ। ଆମେ ଯଦି ଆଉ ଥରେ ଶବ୍ଦଟିକୁ ଉଚ୍ଚାରଣ କରିବା ବା ଲେଖିବା ତା'ହେଲେ ଏମିତି- ଯେଉଁ ପଦର ବ୍ୟୟ ନାହିଁ, ତାହା ହେଉଛି ଅବ୍ୟୟ। ବ୍ୟାକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଅବ୍ୟୟରେ କୌଣସି ହ୍ରାସ କି ବୃଦ୍ଧି ହୁଏ ନାହିଁ। ଅନ୍ୟ ଭାଷାରେ କହିଲେ, ଯେଉଁ ପଦରେ କୌଣସି ପ୍ରତ୍ୟୟ ଯୋଗ ହୁଏ ନାହିଁ କି ଯେଉଁ ପଦରୁ କୌଣସି ଭାଗକୁ ଅଲଗା କରି ହୁଏ ନାହିଁ, ତାହା ହେଉଛି ଅବ୍ୟୟ। ବ୍ୟାକରଣର ଅନ୍ୟାନ୍ୟ ବିଭାଗ ଯେମିତିକି ବିଶେଷ୍ୟ, ବିଶେଷଣ, କ୍ରିୟା, ସର୍ବନାମ ଆଦିର ହ୍ରାସ ହୋଇପାରେ ଅଥବା ପ୍ରତ୍ୟୟ ଯୋଡ଼ା ଯାଇ ବୃଦ୍ଧି କରାଯାଇ ହୁଏ, ହେଲେ ଅବ୍ୟୟ ପଦଗୁଡ଼ିକ ଅପରିବର୍ତ୍ତିତ। ଏଥିରେ ଆଗ ବା ପଛ ପ୍ରତ୍ୟୟ ଯୋଡ଼ା ଯାଇନଥାଏ। କାଳ, ବିଭକ୍ତି, ବଚନ କି ପୁରୁଷ ଏସବୁର ପ୍ରଭାବ ଅବ୍ୟୟ ଉପରେ ପଡ଼ିନଥାଏ। ଇଂରାଜୀରେ ଅବ୍ୟୟ (Conjuction) ଭାବେ ପରିଚିତ। ଓ, ଏବଂ, ଆଉ, ଯଦି, କିନ୍ତୁ, ଅଥଚ, ଅଥବା, ଆହୁରି, ଆଦି, ଯଥା, ତଥାପି ଏସବୁ ଅବ୍ୟୟ। ଆମ ବ୍ୟାକରଣରେ ସଂଯୋଜକ ଅବ୍ୟୟ ଓ ବିଯୋଜକ ଅବ୍ୟୟ ଆଦି ମୁଖ୍ୟ ଦୁଇଭାଗ ସହ ସମ୍ବୋଧନସୂଚକ, ସମ୍ଭାବନାର୍ଥକ, ସମଷ୍ଟିସୂଚକ, ସମ୍ମତିସୂଚକ, ସାଦୃଶ୍ୟସୂଚକ, କାଳସୂଚକ, କାରଣସୂଚକ, ଦୁଃଖସୂଚକ, ଧ୍ୱନ୍ୟାତ୍ମକ, ବିସ୍ମୟସୂଚକ, ବିକଳ୍ପସୂଚକ, ବୀପ୍‌ସାର୍ଥକ, ପ୍ରଶ୍ନାର୍ଥକ, ଘୃଣାସୂଚକ, ନିଷେଧାର୍ଥକ ଓ ନିଶ୍ଚୟାର୍ଥକ ଆଦି ଅନେକ ପ୍ରକାରର ଅବ୍ୟୟର ବ୍ୟବହାର ଦେଖାଯାଏ। ଓଡ଼ିଆ ବ୍ୟାକରଣରେ ବାକ୍ୟଗଠନର ତିନୋଟି ମୁଖ୍ୟ ବିଭାଗ ହେଉଛି- ବିଶେଷ୍ୟ, କ୍ରିୟା ଓ ଅବ୍ୟୟ। ଏହି ଅବ୍ୟୟଗୁଡ଼ିକ ବାକ୍ୟରେ ବିଭିନ୍ନ ପଦ ସହ ସମ୍ପର୍କ ରକ୍ଷା କରିବା ପାଇଁ ବ୍ୟବହାର କରାଯାଇଥାଏ। ବାକ୍ୟର ଆରମ୍ଭ ବା ଶେଷରେ ଏବଂ ବାକ୍ୟରେ କର୍ତ୍ତା, କର୍ମ ଓ କ୍ରିୟା ଭିତରେ ସମ୍ପର୍କ ସ୍ଥାପନ କରିବାକୁ ଅବ୍ୟୟ ପଦଗୁଡ଼ିକ ସ୍ଥାନ ଗ୍ରହଣ କରିଥାଏ। ଅବ୍ୟୟ ସହିତ ଆଉ କୌଣସି ପ୍ରତ୍ୟୟ ଯୋଗ ହୁଏ ନାହିଁ ଆମ ବାକ୍ୟରେ ବ୍ୟବହାର ହେଉଥିବା କାରକ, ଲିଙ୍ଗ, ବଚନ ପ୍ରଭୃତି ପ୍ରତ୍ୟୟ ଯୋଗ ହେଲେ ମଧ୍ୟ ଅବ୍ୟୟର ରୂପ ଅପରିବର୍ତ୍ତିତ ରହିଥାଏ।



ବ୍ୟାକରଣରେ ଅବ୍ୟୟଗୁଡ଼ିକ ବି କ୍ରିୟା ବିଶେଷଣାତ୍ମକ ଭାବେ ଜଣାଯାଏ। ଆମେ କହିଲା ବେଳେ ଅନେକ ସମୟରେ କହୁ - ଅବିକା ଆସୁଛି, ଏବେ ଘରୁ ଆସିଲି, ବର୍ତ୍ତମାନ ଯାଇ ପାରିବିନି, ଅବିକା, ଏବେ, ବର୍ତ୍ତମାନ ହେଉଛି ସମୟସୂଚକ ବା କାଳବୋଧକ ଅବ୍ୟୟ। ବାକ୍ୟରେ ଆମେ ଦେଖୁ ବା କହୁ- ଏମିତି ଭାଇ ଜଗତେ ନାହିଁ। ସେମିତି ସୁନ୍ଦରୀ ଝିଅ ମିଳିବା ମୁସ୍କିଲ। ଏପରି ଘଟଣା ଆଗରୁ ଘଟିନି। ସେପରି ଅଭ୍ୟାସ ମୋର ନାହିଁ। ଏସବୁ ବାକ୍ୟଗୁଡ଼ିକରେ ବ୍ୟବହାର ହୋଇଥିବା ଏମିତି, ସେମିତି, ଏପରି, ସେପରି, ଏଭଳି, ସେଭଳି ଅବ୍ୟୟ। ଏହାକୁ ସାଦୃଶ୍ୟସୂଚକ ଅବ୍ୟୟ କୁହାଯାଏ।


ସେମିତି ପରିମାଣସୂଚକ ଅବ୍ୟୟ- ଏତିକି, ସେତିକି, ଏତେ, ସେତେ, ଯଥେଷ୍ଟ, କମ, ବେଶି। କ୍ରମସୂଚକ ଅବ୍ୟୟ-ତରତର, କ୍ରମେକ୍ରମେ, ଥରେଥରେ। ନିଷେଧ ସୂଚକ ଅବ୍ୟୟ-ନା, ନଚେତ, ନହେଲେ। ସମ୍ମତିସୂଚକ ଅବ୍ୟୟ- ହଁ, ହଉ, ଆଚ୍ଛା, ଆଜ୍ଞା। ପ୍ରଶ୍ନବାଚକ ଅବ୍ୟୟ- କିଏ, କେବେ, କେମିତି, କାହିଁ। ସମ୍ଭାବନା ଓ ସର୍ତ୍ତସୂଚକ ଅବ୍ୟୟ-ଯଦି, କାଳେ, ବୋଧେ, ସିନା, କିନ୍ତୁ। ବିସ୍ମୟସୂଚକ ଅବ୍ୟୟ- ଓଃ, ଆଃ, ବାଃ, ବାପ୍‌ରେ। ସମ୍ବୋଧନସୂଚକ ଅବ୍ୟୟ- କିଓ, ହଇଓ, କିରେ, ଆରେ, ଆହେ, କିହେ, ଆଲେ ପ୍ରୟୋଗ ଅନୁସାରେ ବାକ୍ୟରେ ବ୍ୟବହାର ହେଉଥିବା ଅବ୍ୟୟଗୁଡ଼ିକରେ ଏମିତି ପ୍ରକାର ଭେଦ ଦେଖାଦେଇଥାଏ। ଆମେ ଟିକେ ମୂଳଭାଗକୁ ଏଥର ଆସିବା। ଧରାଯାଉ ବାକ୍ୟଟିଏ- କୁହୁ ଓ ପିହୁ ଭଲ ନାଚିଲେ ବା ମମତା ଆଉ ମାନିନୀ ମାଲେସିଆ ଯିବେ। ବାକ୍ୟରେ ଓ, ଏବଂ, ଆଉ, ତଥାପି, କେବଳ, ମାତ୍ର ଆଦି ବ୍ୟବହାର ହୋଇଥିଲେ ଏହା ସଂଯୋଜକ ଅବ୍ୟୟର ଉଦାହରଣ। ଅବ୍ୟୟ, ଆମ ବ୍ୟାକରଣର ଏକ ଅବିଚ୍ଛେଦ୍ୟ ଅଙ୍ଗ। ବାକ୍ୟରେ ବିଭିନ୍ନ ପଦ ସହ ସମ୍ପର୍କ ପାଇଁ ଅବ୍ୟୟର ପ୍ରୟୋଗ ହୋଇଥାଏ। ଅବ୍ୟୟର ରୂପ ସର୍ବଦା ଅପରିବର୍ତ୍ତିତ। ଆମେ କହିପାରିବା ଯେ, ଯେଉଁପଦରେ ରୂପ, ବଚନ, କାଳ, ବିଭକ୍ତି, କାରକ, କି ଲିଙ୍ଗ ଆଦିର କୌଣସି ପରିବର୍ତ୍ତନ ହୋଇନଥାଏ ତାହା ଅବ୍ୟୟ। ■

ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ
ଏନ୍.ସି.ଇ.ଆର୍.ଟି, ଭୁବନେଶ୍ୱର-୨୨
ମୋ: ୬୩୭୨୦୮୨୬୯୦

## ପୁସ୍ତକ ପରିଚୟ

### ବାଲ୍ମୀକି

ଚିତ୍ତରଞ୍ଜନ ଚିରଞ୍ଜିତ





ବିଦ୍ୟାପୁରୀ
ବାଲୁ ବଜାର, କଟକ-୭୫୩୦୦୨
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୪୦୦ ଟଙ୍କା

କଥାକାର ଚିତ୍ତରଞ୍ଜନ ଚିରଞ୍ଜିତଙ୍କ ଉପନ୍ୟାସ 'ବାଲ୍ମୀକି' ପ୍ରକାଶ ପାଇଛି। ଉପନ୍ୟାସର ନାମକରଣରୁ ଅନେକ ଭାବୁଥିବେ ଯେ, ଏହା ପୌରାଣିକ କଥାବସ୍ତୁ ଆଧାରିତ ଏକ ଉପନ୍ୟାସ ନିଶ୍ଚୟ ହୋଇଥିବ। ଏଥିରେ ମୁଖ୍ୟ ଚରିତ୍ର ଥିବେ 'ବାଲ୍ମୀକି', କିନ୍ତୁ, ଏହି ଉପନ୍ୟାସର କାହାଣୀ ଟିକିଏ ଅଲଗା। ଉପନ୍ୟାସରେ ଲୋଧା ଜନଜାତିର କାହାଣୀ ରହିଛି, ଯେଉଁମାନେ ବାସ୍ତବ ଜୀବନରେ ଡକାୟତି କରୁଥିଲେ। ବର୍ଷ ବର୍ଷ ଧରି ଡକାୟତିକୁ ସେମାନେ ନିଜ ଜୀବନ ଓ ବଞ୍ଚିବାର ମାଧ୍ୟମ ବୋଲି ଧରି ନେଇଥିଲେ। ଏହା ସହିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯୋଡ଼ି ହୋଇଯାଇଛି। ପ୍ରଥମ ହେଉଛି, ବ୍ରିଟିଶ୍ ସରକାର ଯେତେବେଳେ ଭାରତକୁ ଶାସନ କରୁଥିଲେ, ସେମାନେ ଏହି ଜନଜାତିର ମଣିଷଙ୍କୁ ଡକାୟତି ଜାତି ଭାବେ ସ୍ୱୀକୃତି ଦେଇଥିଲେ। ଯେଉଁମାନଙ୍କୁ ବ୍ରିଟିଶ୍‌ମାନେ କହୁଥିଲେ, 'ଅରେ ଅପରାଧୀ ଅର୍ଥାତ୍ ସବୁବେଳେ ଅପରାଧୀ'। ଦ୍ୱିତୀୟ ହେଉଛି, ସେମାନେ ଦସ୍ୟୁ ରତ୍ନାକରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ହିଁ ଡକାୟତିକୁ ବୃତ୍ତି ଭାବେ ଆଦରି ନେଇଥିଲେ। 'ବାଲ୍ମୀକି' ଉପନ୍ୟାସରେ ଲୋଧା ଜନଜାତିର ତିନି ପିଢ଼ିର ସଂଘର୍ଷମୟ କାହାଣୀ ରହିଛି। 'ବାଲ୍ମୀକି' ଏକ ପ୍ରତୀକ। ଗୋଟିଏ ପୁନର୍ଜନ୍ମ କହିଲେ ଅତ୍ୟୁକ୍ତ ହେବ ନାହିଁ। ଔପନ୍ୟାସିକଙ୍କ ବିଶ୍ୱାସ ଯେ ସେହି ଜାତିର ମଣିଷଙ୍କ ଭିତରୁ ନିଶ୍ଚୟ ଦିନେ କେହି ବାଲ୍ମୀକି ଭଳି ଉଭା ହେବେ। ନିଜ ଯଶ ଓ କୀର୍ତ୍ତିରେ ସାରା ଜଗତକୁ ବିମୋହିତ କରିବେ। କାହାଣୀରେ ନୂତନତା, ନିଆରା ଉପସ୍ଥାପନା ଶୈଳୀ, ଚରିତ୍ର ଚିତ୍ରଣରେ ସଫଳତା ଉପନ୍ୟାସଟିକୁ ଅଧିକ ସୁଖପାଠ୍ୟ କରିଛି। 'ବାଲ୍ମୀକି' ଉପନ୍ୟାସର କାହାଣୀ ପାଠକମାନଙ୍କ ହୃଦୟକୁ ଛୁଇଁପାରିବ ବୋଲି ଆଶା କରାଯାଏ। ■

### ଲଳିତ ଲଗ୍ନ

ସୁଶ୍ରୀ ପଲ୍ଲବିତା ସାହୁ




ଏଥେନା ବୁକ୍‌ସ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୨୦୦ ଟଙ୍କା

ସୁଶ୍ରୀ ପଲ୍ଲବିତା ସାହୁଙ୍କ କବିତା ପୁସ୍ତକ 'ଲଳିତ ଲଗ୍ନ' ପ୍ରକାଶ ପାଇଛି। ଏହି ପୁସ୍ତକରେ ୪୦ଟି କବିତା ସଂକଳିତ ହୋଇଛି। "କେତେ ଭଲ ଲାଗେ, ସଞ୍ଜବେଳେ ଶୁଭୁଥିବା ଶଗଡ଼ିଆ ଗୀତ/ ପଉଷର ନିଆଁପୁଆଁ ଥରଥର ହାତ/ ସେନେହପଣରେ ଭିଜା/ ବୋଉର ପଣତ,/ କେନ୍ଦରାଯୋଗୀର ପ୍ରିୟ/ 'ଭଜୁକିନା ରାମନାମ' ସତ/ ପୁନେଇଁରେ ଦିଅଁଙ୍କର ହରିବୋଲ ଗୀତ;/ମୋ ସୁଖ ଶରତ!' (କେତେ ଭଲଲାଗେ) ଜୀବନ ତ ଅନେକ ଲଗ୍ନର ସମାହାର। ଜୀବନରେ ସୁଖ ଅଛି ଦୁଃଖ ଅଛି, ହସ ଅଛି, କାନ୍ଦ ଅଛି। ତେବେ ଜୀବନର ଅସଲ ମର୍ମାର୍ଥକୁ କବି ଗଭୀର ଭାବେ ହୃଦୟଙ୍ଗମ କରିଛନ୍ତି। ସେଥିପାଇଁ କବି ଜୀବନ ଓ ଜଗତର ନାନାବିଧ ରୂପକୁ ବର୍ଣ୍ଣିଳ ଭାବେ ଏହି ପୁସ୍ତକର ଅନେକ କବିତାରେ ରୂପାୟିତ କରିଛନ୍ତି। ଗଭୀର ଅନୁଭବ ଓ ନିଆରା ଅନୁଭୂତିର କାବ୍ୟିକ ପରିପ୍ରକାଶ ଘଟିଛି। 'ସଂସାର', 'ତୃଷ୍ଣା ଓ ସନ୍ତ୍ରମତା', 'ବିଜିତ ମୋକ୍ଷ', 'ଭବ୍ୟ ସ୍ୱାଗତ', 'କଳାପଟା', 'ପଚାରନି କିଛି', 'ପ୍ରଲେପିତ ସ୍ୱଭାବ', 'ବାପାଙ୍କ ହସ', 'ମୋତେ ହଜିବାକୁ ପଡ଼େ', 'ଶୂନ୍ୟତାର ଦୁଇ ସ୍କେଚ୍', 'ଲାବଣ୍ୟ କୁହୁକ', 'ନିରୋଳା ଆଳାପ', 'ମୁହୂର୍ତ୍ତର ସ୍ୱର', 'ମୋହରୁ ପ୍ରାପ୍ତି' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକର ଅନେକ କବିତାରେ ମାନବୀୟ ସଂପର୍କ, ପ୍ରକୃତି ପ୍ରୀତି, ଗ୍ରାମ୍ୟ ପରମ୍ପରା, ସଂସ୍କୃତି, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି। ସରଳ ଓ ବୋଧଗମ୍ୟ ଭାଷା, ନିଆରା ଭାବ ଓ ଅନୁଭବ କବିତାଗୁଡ଼ିକୁ ଅଧିକ ମାର୍ମିକ କରିଛି। ଏହି ପୁସ୍ତକର କବିତାଗୁଡ଼ିକ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

### ଖଳନାୟକ

ଭାଗୀରଥି ବେହେରା




ପଶ୍ଚିମା ପବ୍ଲିକେଶନ୍ସ
ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୩୯ ଟଙ୍କା

ଗାଳ୍ପିକ ଭାଗୀରଥି ବେହେରାଙ୍କ ଗଳ୍ପ ପୁସ୍ତକ 'ଖଳନାୟକ' ପ୍ରକାଶ ପାଇଛି। ଏହି ପୁସ୍ତକରେ ମୋଟ ୧୪ଟି ଗପ ସଂକଳିତ ହୋଇଛି। ସମାଜରେ ଅନେକ ଖଳପ୍ରକୃତିର ବ୍ୟକ୍ତି ରହିଛନ୍ତି, ସେଭଳି କିଛି ଖଳ ଚରିତ୍ରକୁ ନେଇ ଏହି ପୁସ୍ତକର ଅନେକ ଗପର କାହାଣୀ ଗତିଶୀଳ। 'ବହିଚୋର', 'ବଳାତ୍କାର', 'ଭିକ୍ଷୁ', 'ଜହ୍ନିକୁଦାର ଜହ୍ନ', 'ପୁଣ୍ୟମାଟି', 'ନଈକୂଳ ବୁଢ଼ାବୃକ୍ଷ', 'ସାହାଡ଼ା ସୁନ୍ଦରୀ', 'ସହଯାତ୍ରୀ', 'ସତ୍ୟପାଠ', 'ଠିକଣା ଭୁଲିଯାଉଥିବା ଲୋକଟି', 'ଖଳନାୟକ' ଆଦି ଗପ ମନଛୁଆଁ ହୋଇଛି। ପ୍ରତିଟି ଗପର ଚରିତ୍ରରେ ଭିତରେ କିଛି ନା କିଛି ବିଶେଷତ୍ୱକୁ ଗାଳ୍ପିକ ବର୍ଣ୍ଣନା କରିଛନ୍ତି। ନିଜ ବିପଥଗାମୀ ପୁତ୍ର ବିଷ୍ଣୁକୁ ଠିକ୍ ରାସ୍ତାରେ ଆଣିବା ପାଇଁ ବାପା ଅତିନ୍ଦ୍ରିୟ ଖଳନାୟକର ଭୂମିକା ନିର୍ବାହ କରି କିଭଳି ପ୍ରକୃତରେ ନାୟକର ପରିଚୟ ଦେଇଛନ୍ତି ତାହା 'ଖଳନାୟକ' ଗପରେ ବର୍ଣ୍ଣିତ ହୋଇଛି। ସେହିପରି ଦୁଷ୍କର୍ମର ଶିକାର ହୋଇଥିବା ଜଣେ ନାରୀର ଅନ୍ତର୍ବେଦନା, ଜୀବନ ଯନ୍ତ୍ରଣାର କଥାକୁ ଗାଳ୍ପିକ ସମ୍ବେଦଶୀଳନ ହୋଇ 'ବଳାତ୍କାର' ଗଳ୍ପରେ ଚିତ୍ରଣ କରିଛନ୍ତି। ଏହି ପୁସ୍ତକର ଅନେକ ଗପରେ ମାନବୀୟ ଭାବାବେଗ, ପାରିବାରିକ ସଂପର୍କ, ସାମାଜିକ ବାସ୍ତବତା, ସମାଜର ଖଳ ପ୍ରକୃତିର ବ୍ୟକ୍ତିଙ୍କ ନକାରାତ୍ମକ ଚିନ୍ତାଧାରା, କୁକର୍ମ ଆଦି ପ୍ରତିଫଳିତ ହୋଇଛି। ଭିନ୍ନ ସ୍ୱାଦର କାହାଣୀ, ସରଳ ଓ ନିରାଡ଼ମ୍ବର ଉପସ୍ଥାପନା ଶୈଳୀ, ଚରିତ୍ର ଚିତ୍ରଣରେ ଦକ୍ଷତା ଯୋଗୁଁ ଗପଗୁଡ଼ିକ ଅଧିକ ହୃଦୟସ୍ପର୍ଶୀ ହୋଇପାରିଛି। 'ଖଳନାୟକ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିପାରିବ ବୋଲି ଆଶା କରାଯାଏ। ■

# ପୁଲିସ୍‌ର ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ



**ପାଇକମାଲ, ୧୫ ।୨ (ସମିସ) :** ବରଗଡ଼ ଜିଲ୍ଲା ପାଇକମାଲ ମୁଖ୍ୟ ଛକଠାରେ ଶନିବାର ଅପରାହ୍ନରେ ପାଇକମାଲ ପୁଲିସ ତରଫରୁ ଏକ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛକରେ ଯାଉଥିବା ବାଇକ୍, କାର ସହ ଅନ୍ୟାନ୍ୟ ଯାନବାହନକୁ ଅଟକାଇ ଚାଳକଙ୍କୁ ଟ୍ରାଫିକ ନିୟମ ବିଷୟରେ ଅବଗତ କରାଇବା ସହ ହେଲମେଟ ପିନ୍ଧିବା , ସିଟ୍ ବେଲ୍ଟ ଲଗାଇବା, ଗାଡ଼ିର କାଗଜ ପତ୍ର ଠିକ୍ ହିସାବରେ ରଖିବା, ଡ୍ରାଇଭିଂ ଲାଇସେନ୍ସ ନେଇ ଗାଡ଼ି ଚଳେଇବା ବିଷୟରେ ବୁଝାଇଥିଲେ। ଯେଉଁମାନେ ହେଲମେଟ ପିନ୍ଧି ବାଇକ୍ ଚଳାଉ ଥିଲେ , ଯେଉଁମାନେ ସିଟ୍ ବେଲ୍ଟ ବାନ୍ଧି ଗାଡ଼ି ଚଳାଇଥିଲେ, ସେମାନଙ୍କୁ ପୁଲିସ ତରଫରୁ ଧନ୍ୟବାଦ ଦେବା ସହ ଚକଲେଟ ବଣ୍ଟନ କରାଯାଇଥିଲା । ଏଥିରେ ପାଇକମାଲ ଥାନାର ପ୍ରାୟ ସମସ୍ତ ପୁଲିସ ଷ୍ଟାଫ ସହ ପାଇକମାଲର ସାମ୍ବାଦିକମାନେ ସହଯୋଗ କରିଥିଲେ। ନୂତନ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ଆସିବା ଦିନଠାରୁ ବିଭିନ୍ନ କାମ ହାତକୁ ନେଇଥିବା ଦେଖିବାକୁ ମିଳିଛି ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଜରୁରୀ ବୈଠକ

# ସହରର ବିଭିନ୍ନ ଜାଗାରେ ନିର୍ମାଣ ହେବ ଯାତ୍ରୀ ପ୍ରତୀକ୍ଷାଳୟ

**ବରଗଡ଼,୧୫ । ୨(ସମିସ):** ଆଜି ସନ୍ଧ୍ୟାରେ ବରଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ଏଇ ମିଶନ ପବ୍ଲିକ ସ୍କୁଲ ଚେୟାରମ୍ୟାନ ଜଶବୀର ସିଂ ନୂତନ ଭାବରେ ଗାନ୍ଧିଛକ,ଗୁରୁଦ୍ୱାରା ଛକରେ ଲାଗିଥିବା ଟ୍ରାଫିକ ସିଗନାଲକୁ ଜନସାଧାରଣ ଗ୍ରହଣ କରିଛନ୍ତି। ଛାତ୍ରଛାତ୍ରୀମାନେ ଖୁବ୍ ଉତ୍ସାହିତ ହୋଇଛନ୍ତି ଏହି ଲାଇଟ ଲାଗିବା ଦ୍ୱାରା। ଅଳ୍ପ




ଦିନ ମଧ୍ୟରେ ସମସ୍ତେ ସିଗନାଲ ମାନିବାକୁ ଲାଗିଲେଣି ଓ ତା ସହ ଟ୍ରାଫିକ ପୁଲିସ ପକ୍ଷରୁ ଅମାନିଆଙ୍କୁ ଜରିମାନା ମଧ୍ୟ କରାଯାଉଛି। ତେବେ ଗାନ୍ଧୀ ଛକଠାରେ ଏକ ସ୍ଥାୟୀ ଯାତ୍ରୀ ପ୍ରତୀକ୍ଷାଳୟ ଟିଏ ନିର୍ମାଣ ପାଇଁ ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାନାନ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ଜାଗା ନିରୂପଣ ହେଲା ପରେ ଖୁବ୍ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଭଟଲି ଛକରେ ସବୁଠୁ ବେଶୀ ଭିଡ଼ ହେଉଥିବାରୁ ସେଥିପାଇଁ ଏକ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବ। ସହର ମଧ୍ୟରେ ନୋ ପାର୍କିଂ ଜାଗାରେ ଯେଉଁମାନେ ଯାନବାହନ ରଖୁଛନ୍ତି, ସମସ୍ତଙ୍କଠାରୁ ଜରିମାନା ଆଦାୟ କରାଯିବ। ଆଜିର ବୈଠକରେ ଟ୍ରକ୍ ମାଲିକ ସଂଘ ସଭାପତି ନିର୍ମଳ କର, ପିଡବ୍ଲୁଡି ଏକଜିକ୍ୟୁଟିଭ ଇଂଜିନିୟର ଅରୁଣ ପାଣ୍ଡେ, ଟ୍ରାଫିକ ଇନ୍ସପେକ୍ଟର ମଙ୍ଗଳ କିସ୍କୋ, ଏମଭିଆଇ ସୁଷମା ସାହୁ, ପ୍ରଦୀପ ପଟ୍ଟନାୟକ,ସାମ୍ବାଦିକ ସତ୍ୟଜିତ ଦାଶ,ସାମ୍ବାଦିକ ସରୋଜ କୁମାର ଷଡ଼ଙ୍ଗୀ,ସାମ୍ବାଦିକ ଲଲାଟେନ୍ଦୁ ଦାଶଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ୨୦୧୩ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



**ଗୁଡେରପାଲି,୧୫।୨(ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଡେରପାଲି ବାପୁଜୀ ହାଇସ୍କୁଲରେ ୨୦୧୩ ମସିହାରେ ଶିକ୍ଷା ଅଧ୍ୟୟନ କରିଥିବା ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅଭିଷେକ ଦେବତାଙ୍କ ଉଦ୍ୟମରେ ସ୍ଥାନୀୟ ଘେଁସାଲି ନଦୀ କୂଳରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଛାତ୍ରଛାତ୍ରୀ ୨୦୦୪ ମସିହାଠାରୁ ସ୍ଥାନୀୟ ୟୁଜିୟୁପି ସ୍କୁଲରେ ପ୍ରଥମ ଶ୍ରେଣୀରେ ନାମଲେଖାଇ ଦୀର୍ଘ ଦଶବର୍ଷ ଧରି ସମସ୍ତେ ଏକାଠି ଶିକ୍ଷା ଅଧ୍ୟୟନ କରିଥିଲେ। ସମସ୍ତ ଛାତ୍ରଛାତ୍ରୀ ସେ ସମୟର ସ୍ମୃତିଚାରଣ କରିଥିଲେ। ଏଥିରେ ପ୍ରୀୟବ୍ରତ ପାତ୍ର, ସଂଜୟ ନାୟକ, ଅନଙ୍ଗ ପ୍ରଧାନ, ଅଜିତ ସାହୁ, ଅମି ପ୍ରଧାନ, ଇତିଶ୍ରୀ ବିଶ୍ୱାଳଙ୍କ ସମେତ ସସ୍ମିତା ପଧାନ ଯୋଗଦାନ କରିଥିଲେ।

## ଅତାବିରା ଡାକ୍ତରଖାନାରେ ଚାରାରୋପଣ କାର୍ଯ୍ୟକ୍ରମ

**ଅତାବିରା, ୧୫। ୨(ସମିସ):** ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଂଯୁକ୍ତ ସଂସ୍ଥା ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ୍ବ, ନିମ୍ବ, ଅଁଳା, ପିଜୁଳି ଇତ୍ୟାଦି ପ୍ରାୟ ୯ ପ୍ରକାରର ୧୨ ଗୋଟି ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଡାକ୍ତରଖାନାର କାର୍ଯ୍ୟକର୍ତ୍ତାଙ୍କ ସମେତ ସଂସ୍ଥାର ମାନସ ରଣା, ଅଭିଷେକ କମ୍ପ, ସଚିନ ନାୟକ, ନୀତୀନ କମ୍ପ, ମୋହିତ ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

## ଅଞ୍ଚଳ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ପଦ୍ମପୁର, ୧୫।୨ (ସମିସ):** ଅଞ୍ଚଳ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ପ୍ରାଧ୍ୟାପକ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଅଧ୍ୟକ୍ଷ ଅତିଥିବୃନ୍ଦଙ୍କୁ ସ୍ୱାଗତ ଜଣାଇ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ଓ ମହାବିଦ୍ୟାଳୟର ପ୍ରମୁଖ କୃତିତ୍ୱ ଉପସ୍ଥାପନ କରିଥଲେ। ଛାତ୍ର ସଂସଦ ଉପଦେଷ୍ଟା ପ୍ରାଧ୍ୟାପକ ଖଗେଶ୍ୱର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ପ୍ରଭାତ କୁମାର ମହାପାତ୍ର ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କୃତିତ୍ୱ ବିଷୟରେ ଅବଗତ କରିଥିଲେ। ମୁଖ୍ୟ ଅତିଥି ଭାବରେ ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ଅଶୋକ ପୂଜାରୀ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ହାସ୍ୟକବି ରସରାଜ ଅଚ୍ୟୁତ ପୁରୋହିତ ଯୋଗଦେଇ ନିଜସ୍ୱ ହାସ୍ୟ କବିତାଗୁଡ଼ିକୁ ଗାନକରି ସମସ୍ତଙ୍କୁ ଆନନ୍ଦିତ କରିବା ସଙ୍ଗେସଙ୍ଗେ ଛାତ୍ରଛାତ୍ରୀଙ୍କୁ ପ୍ରତିଜ୍ଞାବଦ୍ଧ ହୋଇ ଜୀବନରେ ଆସୁଥିବା ସମସ୍ୟାକୁ ହସିହସି ସମ୍ମୁଖୀନ ହେବାପାଇଁ ପ୍ରେରଣା ଦେଇଥିଲେ । ଏହା ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ପ୍ରଦର୍ଶନ ପୂର୍ବକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ସାଂସ୍କୃତିକ ସଂସଦ ଉପଦେଷ୍ଟା ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜନା ଡଃ ସରୋଜ କୁମାର ନାଏକ କରିଥିଲେ। କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ତ୍ରିପାଠୀ, ପ୍ରମୋଦ କୁମାର ପାଣିଗ୍ରାହୀ, ତାରା ପ୍ରସାଦ ଶତପଥୀ, ନବକୃଷ୍ଣ ମିଶ୍ର, ଝୁନୁ ପରିଡ଼ା, ଶର୍ମିଳା ପଣ୍ଡା ଆଦିଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ଥିଲେ।

## ଆବୁଧାବିରେ ନୂଆଖାଇ ପରିବାର ପକ୍ଷରୁ ପୁଷପୁନି ତିହାର



**ବରଗଡ,୧୫ ।୨(ସମିସ):** ୟୁଏଇରେ ପଶ୍ଚିମ ଓଡ଼ିଶାର ସ୍ୱାଦ ଓ ସଂସ୍କୃତି, କଳା ଓ ପରମ୍ପରାର ଦର୍ଶନ। ଦୁବାଇରେ ରହୁଥିବା ଓଡ଼ିଆମାନେ ନିଜର ପରମ୍ପରା ଏବଂ ଉତ୍ସବଗୁଡ଼ିକ ପାଳନ କରୁଥିବା ବେଳେ ଆଜି ପୁଷପୁନି ଭେଟଘାଟ କାର୍ଯକ୍ରମ କରିଛନ୍ତି । 'ନୂଆଖାଇ ପରିବାର ୟୁ ଏ ଇ' ଦ୍ୱାରା ଅବୁଧାବିରେ ଖୁବ୍ ଯାକଜମକରେ ଆୟୋଜିତ ହୋଉଛି ପୁଷପୁନି ଉତ୍ସବ। ନୂଆଖାଇ ପରେ ପଶ୍ଚିମ ଓଡ଼ିଶାର ଦ୍ୱିତୀୟ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କୃଷି ଉତ୍ସବ ହେଉଛି ପୁସପୁନି। କୃଷକ ପରିବାର ପାଇଁ ଏହି ଉତ୍ସବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ, ଯେଉଁଠି ଚାଷୀମାନେ ନିଜ ଧାନ ଉତ୍ପାଦନ କରି ସଫଳତା ସହ ଘରକୁ ଆଣିଲା ପରେ ଏହି ତିହାର ପାଳନ କରନ୍ତି। ରବିବାର ଏ ଆଇ ରାହେବ ଫାର୍ମ ହାଉସ ଆବୁଧାବିରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଏହି ଉତ୍ସବର ଆକର୍ଷଣ ଥିଲା । ଉପସ୍ଥିତ ଲୋକମାନେ ବହୁତ ଉତ୍ସାହିତ ଥିଲେ। ୟୁ ଏ ଇ ର ଏକାଧିକ ଏମିରେଟ୍ ରେ ରହୁଥିବା ଓଡ଼ିଆମାନେ ନିଜ ଷ୍ଟିଅରିଂ ଏବଂ ପିଲାମାନଙ୍କ ସହିତ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଏକ ଜୋରଦାର କ୍ରିକେଟ୍ ମ୍ୟାଚ୍ ମଧ୍ୟ ଆୟୋଜିତ ହୋଇଥିଲା, ଯାହା ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା। ଉତ୍ସବର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ପାରମ୍ପରିକ ଓଡ଼ିଆ ଖାଦ୍ୟ। ବିଶେଷ ପରମ୍ପରାଗତ ଓଡ଼ିଆ ପିଠା ପଣା ସହିତ ନିରାମିଷ ଏବଂ ଆମିଷ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା। ଦିନ ଭରି ଉତ୍ସବ ସମ୍ବଲପୁରୀ ନାଚ ସହିତ ଶେଷ ହୋଇଥିଲା।

## ନବମ କ୍ଲଷ୍ଟରସ୍ତରୀୟ ବୈଠକ



**ବରଗଡ,୧୫। ୨(ସମିସ):** ଶନିବାର ଅତାବିରା ବ୍ଲକ୍ ଅନ୍ତର୍ଗତ ବୁଗବୁଗା କ୍ଲଷ୍ଟର ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାଞ୍ଜିପାଲି ଠାରେ ନବମ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସିଆରସିସି. ନନ୍ଦିଘୋଷ ଭୁଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କ୍ଲଷ୍ଟରର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଏବଂ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶ୍ରେଣୀ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି ବୈଠକରେ ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ବରଗଡ଼ର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁ ପରିଦର୍ଶନ କରି ପିଲାମାନଙ୍କ ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ଗୁରୁଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବପ୍ରସାଦ ପଣ୍ଡା, ସହକାରୀ ଶିକ୍ଷକ ଜଗମୋହନ ଭୁଏ , ଶିକ୍ଷୟିତ୍ରୀ ରଞ୍ଜିତା କ୍ଷେତି ଏବଂ ପୁଷ୍ପାଞ୍ଜଳି ଭୁଏ ସହଯୋଗ କରିଥିଲେ।

## ଲରମ୍ଭା ମହାବିଦ୍ୟାଳୟ ଓଡ଼ିଆ ବିଭାଗର ପାଠଚକ୍ର

**ଅତାବିରା,୧୫। ୨(ସମିସ):** ଅତାବିରା ବ୍ଲକସ୍ଥିତ ଲରମ୍ଭା ମହାବିଦ୍ୟାଳୟ ଓଡ଼ିଆ ବିଭାଗରେ ଓଡ଼ିଆ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ.ପ୍ରମୋଦ କୁମାର ଭୋଇଙ୍କ ସଭାପତିତ୍ୱରେ ଆଲୋଚକ ବିଶିଷ୍ଟ ସାରସ୍ୱତ ସାଧକ ସୌଭାଗ୍ୟବନ୍ତ ମହାରଣା ଯୋଗଦେଇ ଆଧୁନିକ କବିତାର ଭିତ୍ତି ଓ ବ୍ୟାପ୍ତି ଉପରେ ଆଲୋଚନା କରି ତାଙ୍କ ରଚିତ କବିତା ଓ ଆଲୋଚନା ପୁସ୍ତକ ପାଠାଗାରକୁ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପ୍ରାଧ୍ୟାପକ ଅଶୋକ କୁମାର ମହାନ୍ତି ଯୋଗଦେଇ ବ୍ରଜମୋହନ ଓ ଗଙ୍ଗାଧରଙ୍କ କବିତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭାଗ ମୁଖ୍ୟ ଡ. ଶାନ୍ତିଲତା



ବାରିକ, ଅଧ୍ୟାପିକା ସଂଘମିତ୍ରା ମହାକୁର, ଯୋଶବନ୍ତୀ ସା, ଅଧ୍ୟାପକ ଡ.ଅଜିତ କୁମାର ନାଥ,ଡ.ରଂଜିତ ପ୍ରଧାନ, ଚୂଳାରାଜ ମେହେର ମଞ୍ଚାସୀନ ରହି ଆଲୋଚନାଚକ୍ରରେ ଭାଗନେଇଥିଲେ। ବିଭାଗର ଛାତ୍ରଛାତ୍ରୀ ପ୍ରୀତି ପ୍ରଧାନ, ବର୍ଷା ମେହେର, ସୋନାଲିକା ପ୍ରଧାନ, ସୁରେନ୍ଦ୍ର କୁମାର ଛୁରିଆ, ଅଞ୍ଜଳି ମେହେର, ଇନ୍ଦୁମତୀ ମାହାଣା, ସ୍ୱପ୍ନାରାଣୀ ପଧାନ, ଆକାଶ ଝାଙ୍କର, ଗୁଲଠୁ ମିନ ନିଜ ନିଜର ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଶେଷରେ ଯଶୋବନ୍ତୀ ସା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବିଙ୍କ ଧର୍ମପତ୍ନୀ ଭାରତୀ ମହାରଣା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ଓଡ଼ିଆ ସମ୍ମାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଶ୍ରୀ ସୋମନାଥ ବାବାଙ୍କ ପ୍ରତିଷ୍ଠା ମହୋତ୍ସବ

**ଅତାବିରା,୧୫। ୨(ସମିସ):** ଶନିବାର ଗମ୍ଭାରୀପାଲି ଶ୍ରୀ ସୋମନାଥ ବାବାଙ୍କ ପ୍ରତିଷ୍ଠା ମହୋତ୍ସବର ଦ୍ୱିତୀୟ ଦିନ ପୂଜା ଅବସରରେ ମଣ୍ଡପ ପୂଜା, ସୂର୍ଯ୍ୟ ପୂଜା, ଗୋ ପୂଜା, ପଞ୍ଚ ଦେବତାଙ୍କ ପୂଜା, ବିଗ୍ରହମାନଙ୍କ ମହାସ୍ନାନ, ଧାନ୍ୟାଭିଷେକ ଓ ଯୂପରାଜଙ୍କର ପ୍ରତିଷ୍ଠା ଏବଂ ସିଂହାସନ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି । ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମରେ ପଲସାନାଲିର ଭାଗବତ ପାରାୟଣ, ଭଜନ ସନ୍ଧ୍ୟା-ସମ୍ବଲପୁର, ନାରାୟଣୀ ସାଂସ୍କୃତିକ ଅନୁଷ୍ଠାନ, ଅନ୍ଧାରିପାଲିର ଭଜନ ସନ୍ଧ୍ୟା ଏବଂ ରାବଣ ଦରବାର ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପ୍ରତିଷ୍ଠା କମିଟିର ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳିତ କରୁଛନ୍ତି।

## ମାଟ୍ରିକ ପରୀକ୍ଷା ପାଇଁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ କର୍ମଶାଳା

**ବରଗଡ଼,୧୫। ୨(ସମିସ):** ଆସନ୍ତା ୨୧ ତାରିଖରୁ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ହେବାକୁ ଯାଉଥିବା ବେଳେ ବରଗଡ଼ ରାଣା ପ୍ରତାପ ସ୍କୁଲରେ ଶୁକ୍ରବାର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ଉପାଦେୟ ପରାମର୍ଶ ଓ ସନ୍ଦେହ ମୋଚନ ପାଇଁ ବିଦ୍ୟାଳୟ ତରଫରୁ ସ୍ୱତନ୍ତ୍ର ଏକ ଦିବସୀୟ କର୍ମଶାଳା ହୋଇଛି । ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଏହି ଏକ ଦିବସୀୟ କର୍ମଶାଳାରେ ୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ମନରେ ରହିଥିବା ବିଭିନ୍ନ ସନ୍ଦେହ ଗୁଡ଼ିକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ମୋଚନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସତ୍ୟେନ୍ଦ୍ରିୟ ଦେବତା ଇଂରାଜୀ ଓ ଗଣିତ ବିଷୟ ପାଇଁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଦୀପିକା



କୁଲୁ,ଜ୍ୟୋତ୍ସ୍ନା ତ୍ରିପାଠି,ନୀଳିମା ପ୍ରଧାନ, ଜ୍ୟୋତି ବେହେରା, ତପସ୍ୱିନୀ ତ୍ରିପାଠୀ, ଗୀତା ଜାଲ, ଭାରତୀ ସେଟ୍, ବବିତା ନାଏକ, ସୀମା ସାହୁ ପ୍ରମୁଖ ଉପସ୍ଥିତ ରହି କିପରି ସ୍କୁଲର ଶତପ୍ରତିଶତ ପରୀକ୍ଷା ଫଳ ହୋଇପାରିବ, ସେଥି ପାଇଁ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ବିଦାୟ ସମ୍ବର୍ଦ୍ଧନା ମଧ୍ୟ ପ୍ରଦାନ କରାଯାଇଥିଲା।

## ଲୁରୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବରଗଡ଼,୧୫। ୨(ସମିସ):** ଅତାବିରା ବ୍ଲକ ଅଧୀନ ଲୁରୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୁଦ୍ଧଦେବ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ



ଅତିଥି ଭାବେ ଦୁଲ୍ଲଭ ପଧାନ,ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ଜାହ୍ନବୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ସର୍ବପ୍ରଥମେ ଦେବୀ ସରସ୍ୱତୀଙ୍କୁ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟସଦସ୍ୟା ସହଯୋଗ କରିଥିଲେ।

## ତୈଳବୀଜ ଫସଲ ଉପରେ କୃଷକ ତାଲିମ ଶିବିର

# ଜୈବିକ ପଦ୍ଧତି ଅବଲମ୍ବନ କରିବା ଉପରେ ଗୁରୁତ୍ୱ

**ମାଣ୍ଡୋସିଲ,୧୫ ।୨(ସମିସ):** ପାଇକମାଳ ବ୍ଲକ ପୁରେନା ଗ୍ରାମରେ କୃଷି ବିଭାଗ ପକ୍ଷରୁ ତୈଳବୀଜ ଫସଲ ଉପରେ ଦ୍ୱି-ଦିବସୟ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପାଇକମାଳ ବ୍ଲକ କୃଷି ଅଧିକାରୀ ସୋମନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ପଦ୍ମପୁର କୃଷି ଜିଲ୍ଲା ଅଧିକାରୀ ପ୍ରଭାସ କୁମାର ପଣ୍ଡା ଆନୁଷ୍ଠାନିକ ଭାବେ ଉଦଘାଟନ କରି ଚାଷୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ବର୍ତ୍ତମାନ ସମୟରେ ଖାଇବା ଜିନିଷ ମଧ୍ୟରେ ସମୟେ ସମୟେ ତେଲ ଦର ହୁ ହୁ ବଢୁଥିବା ବେଳେ ଉତ୍ପାଦନ କ୍ଷେତ୍ରରେ ତୈଳଜାତ କଞ୍ଚାମାଲ ସଂଗ୍ରହ ଅଞ୍ଚଳରେ ସେତେଟା ଉନ୍ନତି ହେଉନାହିଁ। ଏପରି କ୍ଷେତ୍ରରେ କିପରି ତୈଳ




ଜାତୀୟ କଞ୍ଚାମାଲ ଉତ୍ପାଦନ ହୋଇପାରିବ, ତାହା ଆଜିର ମୁଖ୍ୟ ଆଲୋଚନା ବିଷୟବସ୍ତୁ ରହିଥିବାରୁ ଚାଷୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଓଡ଼ିଶାର ଭାତହାଣ୍ଡି ବରଗଡ଼ ଜିଲ୍ଲା ହୋଇଥିବା ବେଳେ ତୈଳ ଜାତୀୟ ଫସଲ ମଧ୍ୟ କିପରି ଆଗେଇ ପାରିବ ଆସିଥିବା ବରିଷ୍ଠ କୃଷି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।
ମୁଖ୍ୟତଃ ତୈଳ ଜାତୀୟ ଫସଲ ଚିନାବାଦାମ ,ସୋରିଷ,ରାଶି,ସୂର୍ଯ୍ୟମୁଖୀ, ସୋୟାବିନ ଆଦି କରାଯାଇ ଚାହିଦା ପୂରଣ କରାଯାଇ ପାରିବ ବୋଲି କହି ଉପସ୍ଥିତ ଚାଷୀମାନଙ୍କୁ କୃଷି ଅଧିକାରୀମାନେ ତାଲିମ ପ୍ରଦାନ କରିଥିଲେ। ଚାଷୀମାନେ କିପରି ରାସାୟନିକ ସାର କମ କରି ଜୈବିକ ପଦ୍ଧତି ଅବଲମ୍ବନ କରି ବିହନ ବିଶୋଧନ କରିବା,ମୃତ୍ତିକା ପରୀକ୍ଷା କରିବା, ଚାଷୀଙ୍କ ପାଇଁ ମିଳୁଥିବା ସରକାରୀ ସୁବିଧା ସୁଯୋଗ ଠିକ୍ ଭାବେ ପାଇପାରିବେ, ସେନେଇ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ଝାରବନ୍ଧ ବ୍ଲକ କୃଷି ଅଧିକାରୀ ନିତା ଶବର, ପଦ୍ମପୁର ସହକାରୀ କୃଷି ଅଧିକାରୀ ଜିତେନ୍ଦ୍ର ମୁର୍ମୁ, ପାଇକମାଳ ସହକାରୀ କୃଷି ଅଧିକାରୀ ନୂତନ କୁମାର ସୋରେନ,ବରତୁଣ୍ଡା ଗ୍ରାମ୍ୟ କୃଷି ଅଧିକାରୀ ଯୁଗାନ୍ତ ଛତ୍ରିଆ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ତୈଳ ଜାତୀୟ ଫସଲ ଅମଳ ଉପରେ ଆଲୋକପାତ କରିଥିଲେ। ଶେଷରେ କୃଷକ ସାଥୀ ଦୁର୍ଯୋଧନ ପୁଟା ଚାଷୀମାନଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସିମେଣ୍ଟ ନଗର କ୍ଲଷ୍ଟରର ମାସିକ ବୈଠକ ଓ ବିଦାୟ ସମ୍ବର୍ଦ୍ଧନା ସଭା




**ବରଗଡ଼,୧୫। ୨(ସମିସ):** ବରଗଡ଼ ବ୍ଲକ ଅନ୍ତର୍ଗତ ସିମେଣ୍ଟ ନଗର କ୍ଲଷ୍ଟର ପିପିଲି ପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଓ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରେଣୀଗୃହ ପାଠ୍ୟଦାନ କିପରି ଆକର୍ଷଣୀୟ ହୋଇପାରିବ, ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିବା ବେଳେ ଶିକ୍ଷୟିତ୍ରୀ ମୋନାଲିସା ଗଡ଼ତିଆ ଏକ ମଡେଲ କ୍ଲାସ୍ ପ୍ରଦର୍ଶନ କରିଥିଲେ । ଦେଓଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚୁଙ୍ଗୀଲାଲ ସେଟଙ୍କ ଅଧ୍ୟକ୍ଷତା ଓ ସିଆରସିସି ଦୀପ୍ତିମାନ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କପିଳ ବାଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଭୋଇ ଯୋଗ ଦେଇଥିଲେ । ଏହି କ୍ଲଷ୍ଟରରୁ ଲେଉନିପଦର୍ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମାକାନ୍ତ ପାଣିଗ୍ରାହୀ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡାଙ୍ଗର ପ୍ରଧାନଶିକ୍ଷକ ମାଧୁରୀ ଦାଶ,ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦେଓଗାଁର ଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନ ପ୍ରମୁଖ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବାରୁ କ୍ଲଷ୍ଟର ତରଫରୁ ମାନପତ୍ର ଓ ଉପଢୌକନ ଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଗୁଡ଼ ମର୍ଣ୍ଣିଂ ରିପୋର୍ଟର




ଶ୍ରୀନିବାସ ସାହୁ

**ବୌଦ୍ଧ ସହର ନିକଟସ୍ଥ ଯୋଗୀ ବନ୍ଧ ଏକ କିମ୍ବଦନ୍ତୀ କହିଲେ ଅତ୍ୟୁକ୍ତି ହେବନାହିଁ । ବୌଦ୍ଧ ହେଉଛି ଦେବ ଭୂମି ଓ ବେଦଭୂମି । ଯେଉଁ ବୌଦ୍ଧଗଡ଼ଜାତ ରାଜ୍ୟ ଦେବତାମାନଙ୍କ ଭୂମି ଥିଲା ସେଇଠି ଅତୀତରେ ତାଙ୍କର ପୂଜାର୍ଚ୍ଚନା କରିବା ନିମନ୍ତେ ଓ ତପସ୍ୟା କରିବା ନିମନ୍ତେ ଅନେକ ସ୍ଥାନରେ ଯୋଗୀମାନେ ନିଜର କୁଟୀର ନିର୍ମାଣ କରି ତପସ୍ୟା କରି ବେଦମନ୍ତ୍ରରେ ବୌଦ୍ଧ ଗଡ଼ଜାତ ରାଜ୍ୟକୁ ଗୁଞ୍ଜରିତ କରୁଥିଲେ ।**



## ବୌଦ୍ଧର ଅନନ୍ୟ ପ୍ରାଚୀନ କୀର୍ତ୍ତି

# ଯୋଗୀ ମୁଣ୍ଡିଆର ପଥର ଗୁମ୍ଫା




ବୌଦ୍ଧ ଗଡ଼ଜାତ ରାଜ୍ୟରେ ଯୋଗୀମାନଙ୍କୁ ନେଇ ଅନେକ କିମ୍ବଦନ୍ତୀ ଓ ପ୍ରାଚୀନ କୀର୍ତ୍ତିମାନ ରହିଛି । ସେଥିମଧ୍ୟରୁ ଯୋଗୀ ମୁଣ୍ଡିଆର ପଥର ଗୁମ୍ଫା ଅନ୍ୟତମ ଅଟେ । ସୂଚନା ମୁତାବକ ବର୍ତ୍ତମାନ ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ଛତ୍ରଙ୍ଗ ପଞ୍ଚାୟତର ନେଡିସାହି ଓ ଝାରଖମଣ ରାଜସ୍ୱ ଗ୍ରାମର ମଧ୍ୟଭାଗରେ ରହିଛି ଯୋଗୀ ମୁଣ୍ଡିଆ ।ସେଇଠି ଦୁଇଟି ମୁନିଋଷିଙ୍କ ଗୁମ୍ଫା ସହ ଏକ ଯଜ୍ଞ କୁଣ୍ଡ ରହିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଖ୍ରୀଷ୍ଟାବ୍ଦ ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରୁ ଶେଷ ଭାଗ ମଧ୍ୟରେ ଏହି ପାହାଡ଼ରେ ମୁନିଋଷି ଗଣ ପ୍ରସ୍ତରରେ ନିଜର ପଥର ଗୁମ୍ଫା ନିର୍ମାଣ କରି ଜଗତ କଲ୍ୟାଣ ପାଇଁ କଠୋର ତପସ୍ୟା ଓ ସାଧନା କରୁଥିଲେ କ୍ଷ ଯାହାଫଳରେ ସେହି ଅଞ୍ଚଳରେ ବେଦମନ୍ତ୍ର ଗୁଞ୍ଜରିତ ହେଉଥିଲା । ସେମାନେ ନିଜର କ୍ଷୁଧାମେଣ୍ଟାଇବା ପାଇଁ ସ୍ଥାନୀୟ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ଖାଉଥିଲେ ଓ ସତେବେଳେ ତୃଷ୍ଣା ମେଣ୍ଟାଇବା ନିମନ୍ତେ ଏକ କୂପ ମଧ୍ୟ ଖନନ କରିଥିଲେ ଯାହା ଆଜି ବିଜ୍ଞାନ ମତରେ ଭୁକମ୍ପ ଓ ସାମାଜିକ ଏବଂ ଧାର୍ମିକ ମତରେ ମାରା ବା ଅଶୌଚ ହେଇଯିବାରୁ ତାହା ପତନ ହଇଯାଇଛି । ତେବେ ସମୟାନୁକ୍ରମେ ସେହି ଋଷିମୁନି ମାନେ କୁଆଡେ ଅଦୃଶ୍ୟ ହେଇଯାଇଛନ୍ତି । କିଛି ଲୋକଙ୍କ କହିବା ଅନୁସାରେ ଏହି ପାହାଡ଼ରେ ଚାରିଜଣ ଋଷି ରହୁଥିଲେ ଏବଂ ଆଉ କେହିକେହି କୁହନ୍ତି ଯେ ଜଣେ ଋଷି ଓ ତାଙ୍କ ଭଉଣୀ ମିଶି ରହୁଥିଲେ ।ଋଷି ଜଣକ ତଳ ଗୁମ୍ଫାରେ ବିଶ୍ରାମ କରୁଥିବା ବେଳେ ଋଷିଙ୍କ ଭଉଣୀ ଉପର ଗୁମ୍ଫାରେ ବିଶ୍ରାମ କରୁଥିଲେ । ସମୟର ଅବର୍ତନରେ ସେହି ମୁନିଋଷିଙ୍କ ଆନ୍ତର୍ଧ୍ୟାନ ପରେ ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଝାରଖମଣ ଗ୍ରାମର ତତ୍କାଳୀନ ଗଉତିଆ ରାମ ମଲ୍ଲିକ ଜଣେ ଧାର୍ମିକ ବ୍ୟକ୍ତି ଓ ବାବା ଅଭିରାମ ପରମ ହଂସଙ୍କ ପରମ ଭକ୍ତ ଥିଲେ ।ସେତେବେଳେ ପ୍ରତିବର୍ଷ ଅକାଳ ମରୁଡି ପଡୁଥିବାରୁ ସେ କିଛିଲୋକଙ୍କୁ ନେଇ ଏହି ଯୋଗୀ ମୁଣ୍ଡିଆର ପାହାଡ଼ ଗୁମ୍ଫାରେ ଇନ୍ଦ୍ରଯଜ୍ଞ ଆରମ୍ଭ କରିଥିଲେ ।କିଛି ବର୍ଷ ଇନ୍ଦ୍ରଯଜ୍ଞ କଲାପରେ ଉନବିଂଶ ଶତାବ୍ଦୀର ମଧ୍ୟ ଭାଗ ପାଖାପାଖି ତାଙ୍କ ଦେହାନ୍ତ ହେଲା ।ତାପରେ ଏହି ଇନ୍ଦ୍ରଯଜ୍ଞ ପୂଜା କିଛି ବର୍ଷ ପାଇଁ ବନ୍ଦ ରହିଲା । ପରବର୍ତ୍ତି ସମୟରେ ତାଙ୍କର ପର ପିଢ଼ି ଅର୍ଥାତ ତାଙ୍କ ନାତି ବିନୋଦ ମଲ୍ଲିକଙ୍କ ସମୟରେ ୨୦୦୪-୦୫ ମସିହାରୁ ଏହି ପାହାଡ଼ରେ ଝାରଖମଣ ଗ୍ରାମର ଲୋକମାନେ ୨୦୧୨ ମସିହା ପର୍ଯ୍ୟନ୍ତ ଇନ୍ଦ୍ରଯଜ୍ଞ ଓ ଗିରି ପୂଜା କରିଆସୁଥିଲେ ।କାଳକ୍ରମେ ସେମାନେ ବୃଦ୍ଧ ବୟସରେ ଅବତୀର୍ଣ୍ଣ ହେବାରୁ ପାହାଡ଼ ଚଢିନପାରିବାରୁ ଏହି ଯୋଗୀ ମୁଣ୍ଡିଆ ତଳେ ପୂଜା କରି ଆସୁଛନ୍ତି । ବୌଦ୍ଧର ଏଭଳି ଏକ ପ୍ରାଚୀନ କିମ୍ବଦନ୍ତି ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ଆଜି ମଧ୍ୟ ଝାରଖମଣ ଲୋକଙ୍କ ସ୍ୱପ୍ନରେ ସେହି ମୁନି ଋଷିଗଣ ଆସି ଦର୍ଶନ ଦିଅନ୍ତି ବୋଲି ଗ୍ରାମର ବରିଷ୍ଠ ନାଗରିକ ମିଟୁ ସାହୁ ସୂଚନା ଦେଇଛନ୍ତି । କର୍ପୁର ସିନା ଉଡିଯାଇଛି କିନ୍ତୁ କନା ଏବେ ବି ପଡ଼ି ରହିଛି । ତେବେ ଆଜି ଏହି ଅଞ୍ଚଳର ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ସୁଧିର ଦୀପ ଏହି ସ୍ଥାନକୁ ଯାଇ ସବୁକିଛି ଅନୁଧ୍ୟାନ କରି ଭାଙ୍ଗି ଯାଇଥିବା ଯଜ୍ଞକୁଣ୍ଡକୁ ପଥରରେ ସଜାଡିବା ସହ ଏହି ଯୋଗୀମୁଣ୍ଡିଆର ପଥର ଗୁମ୍ଫାକୁ ଲୋକ ଲୋଚନକୁ ଆଣିଛନ୍ତି ସୂଚନା ଗଣମାଧ୍ୟମକୁ ଦେଇଛନ୍ତି । ଅତଏବ ବୌଦ୍ଧ ଗଡ଼ଜାତ ରାଜ୍ୟର ଇତିହାସରେ ଏହି ଐତିହାସ୍ୟମୟୀ ପ୍ରାଚୀନ କୀର୍ତ୍ତିରାଜିର ବାସ୍ତବିକ ତଥ୍ୟ ପ୍ରତ୍ନ ତତ୍ତ୍ୱବିତ୍‌ମାନେ ଅନୁଧ୍ୟାନ କରି ଉନ୍ନତି କରଣ କରିବା ସହ ଜିଲ୍ଲା ଓ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସାମିଲ କରିବାକୁ ସ୍ଥାନୀୟ ଗ୍ରାମବାସୀ, ବୁଦ୍ଧିଜୀବୀ ପ୍ରଶାସନ ନିକଟରେ ଦାବି ଉଠାଇଛନ୍ତି । ■

---

**ଫୁଟବଲ୍ ଖେଳ ଦେଇଛି ସ୍ୱତନ୍ତ୍ର ପରିଚୟ । କେବଳ ଜିଲ୍ଲା କାହିଁକି ରାଜ୍ୟ ବାହାରେ ମଧ୍ୟ ନାମ ଶୁଣିଲେ ପ୍ରତିପକ୍ଷ ଖେଳାଳିଙ୍କ ପାଇଁ ଭୟ ସାଜୁଥିଲେ ବଲାଙ୍ଗିର ଜିଲ୍ଲା ଖଲିଆପାଲି ଗାଁର ଫୁଟବଲ୍ ଖେଳାଳି ଅଭିମନ୍ୟୁ ପାଣ୍ଡେ । ପେଶାରେ ସେ ଜଣେ ପୁଲିସ କର୍ମଚାରୀ କିନ୍ତୁ ଫୁଟବଲ୍ ଖେଳ ହିଁ ତାଙ୍କୁ ସମାଜରେ ପ୍ରତିଷ୍ଠିତ କରିଛି । ୪୦ ବର୍ଷ ବୟସରେ ବି ସେ ଜଣେ ଯୁବ ଖେଳାଳି ଭଳି ଫିଟ୍ ଆଣ୍ଡ ଫାଇନ । ଆଜି ବି ପଡ଼ିଆରେ ତାଙ୍କ ଫୁଟବଲ୍ ଖେଳ ଦେଖିବା ପାଇଁ ପ୍ରଶଂସକମାନେ ଚାହିଁ ରହିଥାନ୍ତି । ବଲାଙ୍ଗିର ଜିଲ୍ଲା ପୁଲିସ ବିଭାଗରେ କାର୍ଯ୍ୟରତ ଥିବା ଅଭିମନ୍ୟୁ ରାଜ୍ୟ ତଥା ଜାତୀୟସ୍ତରରେ ଫୁଟବଲ୍ ମ୍ୟାଚ୍ ଖେଳିସାରିଛନ୍ତି । ବର୍ତ୍ତମାନ ସେ ଲୋଇସିଂହା ଥାନାରେ କାର୍ଯ୍ୟରତ ଥିବାରୁ ଲୋଇସିଂହା ଅଞ୍ଚଳରେ ଫୁଟବଲ୍ ଖେଳକୁ ପ୍ରୋତ୍ସାହିତ କରୁଛନ୍ତି ।**





ଅଭିଲାଶ ହୋତା

# ଫୁଟବଲ୍ ନିଶାରେ ପୁଲିସ କର୍ମଚାରୀ

ଦିନ ଥିଲା ପ୍ରତିକୂଳ ପରିସ୍ଥିତିରେ ପଡି ଅଭିମନ୍ୟୁ ଫୁଟବଲ ଖେଳରୁ ମୁହଁ ମୋଡିଦେବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ତାଙ୍କ ଆତ୍ମବିଶ୍ୱାସ, ଫୁଟବଲ ଖେଳ ପ୍ରତି ରହିଥିବା ଅନୁରକ୍ତି ଆଜି ଜଣେ ଦକ୍ଷ ଫୁଟବଲ ଖେଳାଳିର ପରିଚୟ ପ୍ରଦାନ କରିଛି । ବଲାଙ୍ଗିର ସହର ଉପକଣ୍ଠ ଖଲିଆପାଲି ଗାଁର ଅଭିମନ୍ୟୁ ପାଣ୍ଡେ । ନିକଟସ୍ଥ କୁରୁଲ ରାମଜୀ ଉଚ୍ଚ ବିଦ୍ୟାଳୟରେ ସେ ପାଠ ପଢୁଥିବା ବେଳେ ଛୋଟବେଳ ରୁ ହିଁ ଫୁଟବଲ ଖେଳ ପ୍ରତି ତାଙ୍କର ଦୁର୍ବଳତା ରହିଥିଲା । ସ୍କୁଲରେ କାର୍ଯ୍ୟରତ ଥିବା ଶିକ୍ଷକ ଦିଗାମ୍ବର ନାଏକ ଅଭିମନ୍ୟୁଙ୍କ ଦକ୍ଷତାକୁ ଭଲ ଭାବେ ଚିହ୍ନିପାରିଥିଲେ । ତାଙ୍କର ପ୍ରୟାସ କ୍ରମେ ଅଭିମନ୍ୟୁ ସପ୍ତମ ପାସ କରିବା ପରେ ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲ ନାମ ଲେଖାଇବା ବ୍ୟବସ୍ଥା କରିଥିଲେ । ସେଥିପାଇଁ ସେ ଭୁବନେଶ୍ୱର ଯାଇ ଟ୍ରାଏଲ ଦେଇଥିଲେ । ମନୋନୀତ ହେବା ପରେ ୧୯୯୯ ମସିହାରେ ସେ ସ୍ପୋର୍ଟ୍ସ ହଷ୍ଟେଲରେ ରହି ପାଠ ପଢିବା ସହ ଫୁଟବଲ ଖେଳିଥିଲେ । ଏହି ସମୟରେ ତାଙ୍କର କୋଚ୍ ସ୍ୱର୍ଗତ ଶିବ ପ୍ରସାଦ ପଟ୍ଟନାୟକଙ୍କୁ ଠାରୁ ଅନେକ କିଛି ଶିଖିଥିଲେ । ଏହାରି ଭିତରେ ସେ ୨୦୦୧ ମସିହାରେ ସ୍କୁଲସ୍ତରୀୟ ଜାତୀୟ ପ୍ରତିଯୋଗିତାରେ ନିଜ ଛାପ ଛାଡିଥିଲେ ।ପରେ ସେ ଢେଙ୍କାନାଳ ସାଇ ହଷ୍ଟେଲ ପାଇଁ ଆବେଦନ କରିବା ସହ ଟ୍ରାଏଲ ଦେଇଥିଲେ । ୨୦୦୨ ରେ ସେ ଏଥିପାଇଁ ମନୋନୀତ ହୋଇ ସେଠାରେ ଚାରିବର୍ଷ ପାଠ ପଢିବା ସହ ଫୁଟବଲ ଖେଳିଥିଲେ । ୨୦୦୬ ମସିହାରେ ସେ ଓଡିଶା ପୁଲିସରେ କନଷ୍ଟବଲ ଚାକିରି ପାଇଥିଲେ । ଢେଙ୍କାନାଳରେ ରହୁଥିବା ସମୟରେ କୋଚ ସଞ୍ଜୟ ଗୌନ୍ତିଆଙ୍କ ତତ୍ତ୍ୱାବଧାନରେ ୨୦୦୪ରେ ଅଣ୍ଡର ୧୯ ଜାତୀୟ ଫୁଟବଲ ପ୍ରତିଯୋଗିତାରେ ଦୁଇ ଥର ଭାଗ ନେଇଥିବା ବେଳେ ୨୦୦୬ରେ ଅଣ୍ଡର ୨୧ ଜାତୀୟ ଫୁଟବଲ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଚାକିରି କରିବା ପରେ ମଧ୍ୟ ସେ ଫୁଟବଲ ଖେଳ ଉପରେ ଗୁରୁତ୍ୱ ଦେଇଥିଲେ । ୨୦୦୬ ରୁ ୨୦୧୮ ପର୍ଯ୍ୟନ୍ତ ୧୧ ବର୍ଷ ଧରି ସେ ଓଡିଶା ପୁଲିସ ଟିମ୍‌କୁ ପ୍ରତିନିଧିତ୍ୱ କରିଥିଲେ । ୨୦୧୦ ରୁ ୨୦୧୩ ପର୍ଯ୍ୟନ୍ତ ସେ ଓଡିଶା ପୁଲିସ ଫୁଟବଲ ଟିମ୍‌ର ଅଧିନାୟକ ଦାୟିତ୍ୱ ମଧ୍ୟ ସମ୍ଭାଳି ଥିଲେ । ଏହି ସମୟରେ ଓଡିଶା ପୁଲିସ କୋଚ ମହମ୍ମଦ ସାହିଦ ଜୱାର(ଗୁଡେନ)ଙ୍କ ତତ୍ତ୍ୱାବଧାନରେ ସେ ଜାତୀୟ ସିନିୟର ସନ୍ତୋଷ ଟ୍ରଫି ପ୍ରତିଯୋଗିତାରେ ଓଡିଶା ପୁଲିସ ଟିମ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ବର୍ତ୍ତମାନ ସେ ଲୋଇସିଂହା ଥାନାରେ ନିୟୋଜିତ ଅଛନ୍ତି । ■

---



# ରଙ୍ଗୀନ କୋବିରେ ହସୁଛି କ୍ଷେତ



**ଉପାନ୍ତରେ ୟୁଟ୍ୟୁବର କମାଲ, ୟୁଟ୍ୟୁବ୍ ଦେଖି ରଙ୍ଗ ବେରଙ୍ଗର ଫୁଲ କୋବି ଚାଷକରି ଚର୍ଚ୍ଚାରେ କ୍ଷୁଦ୍ର ଚାଷୀ ପଦମନ ମାଳି । ନବରଙ୍ଗପୁର ଜିଲ୍ଲାରେ ପ୍ରଥମ ଥର ଦେଖିବାକୁ ମିଳିଛି ରଙ୍ଗବେରଙ୍ଗର ଫୁଲକୋବି ଚାଷ । ରଙ୍ଗ ବେରଙ୍ଗର ଫୁଲ କୋବି ଚାଷକରି ଚର୍ଚ୍ଚାରେ ଚାଷୀ ପଦମନ ମାଳୀ ରହିଛନ୍ତି । ଚାଷ ପାଇଁ ଅନ୍ୟକୁ ଉତ୍ସାହିତ ମଧ୍ୟ କରୁଛନ୍ତି ।**



ମୋହନ କୁମାର ସାହୁ

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଅଧୀନ ବିଏସପଦର ଗ୍ରାମର ପଦମନ ମାଳି ରଙ୍ଗ ବେରଙ୍ଗର ଫୁଲକୋବି ଚାଷ କରିଛନ୍ତି । ବାଇଗଣୀ ଓ ହଳଦିଆ ରଙ୍ଗର କୋବିରେ ହସୁଛି କ୍ଷେତ । ଏହି କୋବି ଚାଷକୁ ଦେଖିଲେ ଲାଗୁଛି ସତେ ଯେମିତି, ରଙ୍ଗ ବେରଙ୍ଗର ଫୁଲ ଫୁଟିଛି । ପରିବା ଭିତରେ ଫୁଲ କୋବି କହିଲେ ଆମ୍ଭେମାନେ କେବଳ ଧଳା ଫୁଲକୋବି ହିଁ ଜାଣିଥାଉ ।କିନ୍ତୁ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍‌ର ବିଏସପଦର ଗ୍ରାମରେ ପ୍ରାୟ ଦେଢ଼ ଏକର ଜମିରେ ଲାଗିଛି ରଙ୍ଗିନ କୋବି । ଏହି କଲର କୋବିକୁ ଦେଖିବା ପାଇଁ ଚାଷୀଙ୍କ ଲୋକଙ୍କ ଭିଡ଼ ଜମୁଛି । ବଜାରରେ ଧଳା କୋବି ଅପେକ୍ଷା ରଙ୍ଗିନ୍ କୋବିକୁ କିଣିବା ପାଇଁ ଲୋକଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳୁଛି । ଲୋକଙ୍କ ଚାହିଦାକୁ ନଜରରେ ରଖି ଏହି ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢୁଛି । ବିଏସ ପଦର ଗ୍ରାମର ପଦମନ ମାଳି ୟୁଟ୍ୟୁବ୍‌ରୁ ଏହି ଚାଷ ବିଷୟରେ ଜାଣିବାକୁ ପାଇଥିଲେ ଏବଂ ସ୍ଥାନୀୟ ବ୍ୟବସାୟୀଙ୍କୁ କହି ବିହନ ମଞ୍ଜି ଆଣି ଚାଷ କରିଥିଲେ । ପ୍ରଥମ ଥର ପାଇଁ ଏହି ପରିବା ଚାଷ କରି ବେଶଲାଭ ମଧ୍ୟ ପାଇଛନ୍ତି । ଏହି ରଙ୍ଗବେରଙ୍ଗ ଫୁଲକୋବି ଚାଷରେ ଏକ ଲକ୍ଷରୁ ଦେଢ଼ ଲକ୍ଷ ଟଙ୍କା ରୋଜଗାର କରିବାର ଲକ୍ଷ ରଖିଛନ୍ତି ପଦମନ ମାଳୀ ଚାଷୀ ଲୋକେ ଏହିଭଳି ରଙ୍ଗ ବେରଙ୍ଗ ର କୋବି ଦେଖି ଟିକେ ଆଶ୍ଚର୍ଯ୍ୟ ହେଉଛନ୍ତି କିନ୍ତୁ ତଥାପି ଲୋକେ ଏହାର ଉପକାରୀତାକୁ ବୁଝି ରଙ୍ଗ ବେରଙ୍ଗର ଫୁଲକୋବି କିଣି ନେଉଛନ୍ତି । ସାଧାରଣ ଧଳା କୋବି ଓଜନ ଅପେକ୍ଷା ଏହି କୋବିର ଓଜନ ଅଧିକା ରହୁଛି । ବଜାରରେ ଏବେ କୋବି ୫୦ ରୁ ୬୦ ଟଙ୍କାରେ ବିକ୍ରି ହେଉଛି । ଏହି ଫୁଲକୋବି ଫଳିବାକୁ ପ୍ରାୟ ୭୦ରୁ ୭୫ଦିନରେ ଲାଗୁଛି । ଆଗାମୀ ଦିନରେ ଭଲ ବ୍ୟବସାୟ ହେବ ବୋଲି ଆଶା କରିଛନ୍ତି । ଏହି ଚାଷୀ ଏବଂ ଅନ୍ୟ ଚାଷୀଙ୍କୁ ମଧ୍ୟ ରଙ୍ଗ ବେରଙ୍ଗ ଚାଷ କରିବାକୁ ଉତ୍ସାହିତ କରୁଛନ୍ତି ପଦମନ ମାଳୀ । ଏହି କୋବିରେ ଭିଟାମିନ ରହିଛି, ଘରକୁ ଅନେକ ଥର ନେଇଛି, ପରିବା ବାଡି ମୋ ଘର ପାଖରେ ରହିଛି ତେଣୁ ମୁଁ ଫ୍ରେସ ପରିବା ପାଇଁ ଏଠାକୁ ଆସି ବାରମ୍ବାର ବାଇଗଣୀ ଓ ହଳଦିଆ ଫୁଲ କୋବି ନେଇଛି ବୋଲି କହିଛନ୍ତି ଖାଉଟି ବିଜୟ ଭୂୟାଁ ପୂର୍ବରୁ ଏହିଭଳି ଚାଷ ଜିଲ୍ଲାରେ କେହି କରି ନଥିଲେ । ଆଉ ଜଣେ ପରିବା ଚାଷୀ ସପନ ମିସ୍ତ୍ରୀ କହିଛନ୍ତି ବଜାରରେ ଏହାର ଚାହିଦା ବେଶ ଅଧିକ ରହିଛି ତେଣୁ ମୁଁ ମଧ୍ୟ ଆଗାମୀ ଦିନରେ ଚାଷ କରିବି । ଏହି ଫୁଲକୋବି ଦେହ ପାଇଁ ବେଶ ଉପଯୋଗୀ, ଏଥିରେ ଭିଟାମିନ ସି ଓ କେ ରହିଛି, ଏବଂ ଭରପୁର ନିୟୁଟ୍ରିନ୍ ରହିଛି ।ଏହି ରଙ୍ଗିନ କୋବି ଗର୍ଭବତୀ ମହିଳାଙ୍କ ପାଇଁ ବେଶ ଉପଯୋଗୀ ଏବଂ ଏହି ରଙ୍ଗବେରଙ୍ଗ ଫୁଲକୋବି ଚାଷ ଦେଖି ଅନ୍ୟ ଚାଷୀ ମଧ୍ୟ ଚାଷ କରନ୍ତୁ ବୋଲି କହିଛନ୍ତି ଉଦ୍ୟାନ ବିଭାଗ ଅଧିକାରୀ ସରୋଜ ସେନାପତି । ■





# ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କ କ୍ଲଷ୍ଟରସ୍ତରୀୟ ବୈଠକ

ଝାରସୁଗୁଡ଼ା,୧୫।୨(ସମିସ): ଝାରସୁଗୁଡ଼ା ପୌରାଞ୍ଚଳସ୍ଥିତ ନକ୍ସୁଲ ସରକାରୀ ହିନ୍ଦୀ ପ୍ରାଥମିକ ବିଦ୍ୟାଳୟରେ ନବମ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସିଆରସିସି ରାମକୃଷ୍ଣ ପୁରୋହିତ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରିଥିଲେ। ଆଜିର ବୈଠକରେ ୧୩ ଟି ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦେଇ ଅଭିନବ ଶିକ୍ଷାଦାନ ପ୍ରଣାଳୀର ପ୍ରଦର୍ଶନ, ସଚେତନତା ସୃଷ୍ଟି, ଗୋଷ୍ଠୀ ସମ୍ପୃକ୍ତି ଓ ସର୍ବୋତ୍ତମ ଅଭ୍ୟାସର ଆଦାନ ପ୍ରଦାନ ଆଦି ବିଷୟରେ ଆଲୋଚନା କରିଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବୁରୋମାଲର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା ମୌଳିକ ସାକ୍ଷରତା ସମ୍ପର୍କିତ ଶ୍ରେଣୀ କାର୍ଯ୍ୟ ପରିଚାଳନା କରିଥିଲେ। ସରକାରୀ ପ୍ରାଥମିକ ବିଦ୍ୟାଳୟ,ବୁରୋମାଲ ହରିଜନ ପଡ଼ାର ପୂଜାରିଣୀ ନାୟକ ସଂଖ୍ୟା ଜ୍ଞାନ ସମ୍ପର୍କିତ ଶ୍ରେଣୀ କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ତାପସ କୁମାର ମିଶ୍ର ଓ ସରୋଜ ବାଗ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।


● ପୃଥକପୃଥକ ସ୍ଥାନରେ ଦୁର୍ଘଟଣା

## ୨ ବାଇକ୍ ଆରୋହୀ ମୃତ, ଜଣେ ଆହତ

ଝାରସୁଗୁଡ଼ା, ୧୫।୨(ସମିସ): ଝାରସୁଗୁଡ଼ା ଜିଲ୍ଲାର ଦୁଇଟି ପୃଥକପୃଥକ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ଲଖନପୁର ବ୍ଲକ ରେଙ୍ଗାଲି ଥାନା ଅଧୀନ କଦମଡ଼ିହି ଛକରେ ଭାରୀଯାନ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲଖନପୁର ବ୍ଲକ ଡୁଙ୍ଗିରିପଡ଼ାର ତସିଲ ବାରିକ (୨୨)। ଘଟଣାସ୍ଥଳରେ କ୍ଷତିପୂରଣ ଦାବିରେ ଉତ୍ତେଜନା ଦେଖାଦେଇଥିବା ବେଳେ ରେଙ୍ଗାଲି ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ତସିଲଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଅନ୍ୟପଟେ ଦୁର୍ଘଟଣାଗ୍ରସ୍ତ ଭାରୀଯାନ ଏବଂ ବାଇକ୍‌କୁ ଜବତ କରିବାସହ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ରେଙ୍ଗାଲି ପୁଲିସ ସୂଚନା ଦେଇଛି। ସେହିପରି ଉକ୍ତ ଥାନା ଅଧୀନ ମହାସିଂ ଛକରେ ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଆହତ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଇନ୍ଦ୍ରପୁର ଗ୍ରାମର ସନ୍ତୋଷ ବିଶ୍ୱାଳ (୧୯) ଏବଂ ଆହତ ସେହି ଗ୍ରାମର ଅଙ୍କିତ ତ୍ରିପାଠୀ ବୋଲି ପୁଲିସ ସୂଚନା ଦେଇଛି। ସୂଚନାନୁଯାୟୀ, ଶନିବାର ସନ୍ଧ୍ୟା ପ୍ରାୟ ୫ଟାରେ ଇନ୍ଦରପୁର ଗ୍ରାମରୁ ସନ୍ତୋଷ ଓ ଅଙ୍କିତ ଏକ ବାଇକ୍‌ରେ ମହାସିଂ ପଟକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହେଇଯାଇଥିଲେ। ରେଙ୍ଗାଲି ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଲଖନପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଆହତ ଅଙ୍କିତଙ୍କ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି। ପୁଲିସ ଏନେଇ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

● ଗୁଜାହୁଳି ଗାଁରେ ହାତୀ ଉପଦ୍ରବ

## ଘର ଭାଙ୍ଗି ନଷ୍ଟକଲେ ତରଭୁଜ ଚାଷ



ରିଆମାଳ, ୧୫।୨(ସମିସ): ରିଆମାଳ ବ୍ଲକ ଅଧୀନ ଡଙ୍ଗାଘାଟସ୍ଥିତ ଗୁଜାହୁଳି ଗ୍ରାମରେ ହାତୀ ଉପଦ୍ରବରେ ଘର ଭାଙ୍ଗିବା ସହ ବ୍ୟାପକ ତରଭୁଜ ଚାଷ ନଷ୍ଟ ହୋଇଛି। ସୂଚନା ଅନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ଅଞ୍ଚଳରେ ହାତୀ ଆସି ଉପଦ୍ରବ କରିଛନ୍ତି। ଗ୍ରାମର ହୃଦାନନ୍ଦ ଦାଶଙ୍କ ଘରର ଆଜବେଷ୍ଟସ ଭାଙ୍ଗିଥିଲେ।ଶବ୍ଦ ଶୁଣି ଘରୁ ସେ ବାହାରକୁ ଆସି ଚିତ୍କାର କରିଥିଲେ। ନିକଟରେ ଥିବା ଜନସାଧାରଣ ଆସି ହାତୀ ଘଉଡ଼ାଇଥିଲେ। ପରେ ତରଭୁଜ ଚାଷ କିଆରିକୁ ଯାଇ ଦଳି ମକଚି ନଷ୍ଟ କରିଛନ୍ତି। ଗଛଗୁଡ଼ିକ ବାହାରି ଆସୁଥିବା ବେଳେ ନଷ୍ଟ ଯୋଗୁଁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ତୁରନ୍ତ ଏହାର ତଦନ୍ତ କରି କ୍ଷତି ପୂରଣ ଯୋଗାଇ ଦେବାକୁ ଚାଷୀ ଦାବି କରିଛନ୍ତି। ଏହି ଅଞ୍ଚଳର ପ୍ରାୟ ଜନସାଧାରଣ ତରଭୁଜ ଚାଷ କରିଥାନ୍ତି। ଏହି ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ହାତୀ ଉପଦ୍ରବରେ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି।



ଭେଣ୍ଡିଂଜୋନ୍ କାନ୍ଥ ଭାଙ୍ଗି ପିଲର ଉଠାଇବା ପ୍ରସଙ୍ଗ

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ତଦନ୍ତ

ଝାରସୁଗୁଡ଼ା, ୧୫ ।୨(ସମିସ):

ବ୍ରଜରାଜନଗର ପୌରପରିଷଦ ଗାନ୍ଧୀଛକ ନିକଟରେ ଭେଣ୍ଡିଂ ଜୋନର କାନ୍ଥ ଭାଙ୍ଗି ପ୍ରାଇଭେଟ୍ ଘର ନିର୍ମାଣ ପାଇଁ ପିଲର ଉଠାଯାଇଥିବା ପ୍ରସଙ୍ଗରେ ତଦନ୍ତ ଆରମ୍ଭ ହୋଇଛି। ଝାରସୁଗୁଡା ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେଙ୍କ ନିର୍ଦ୍ଦେଶରେ ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଏହା ସରକାରୀ ଜମି ବୋଲି ପ୍ରକାଶ କରାଯାଇଛି। ଏହାର ରିପୋର୍ଟ ବ୍ରଜରାଜନଗର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଠାଯାଇଥିବା ରାଜସ୍ୱ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଧିକ ସୂଚନା ପାଇଁ ବ୍ରଜରାଜନଗର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନାହାନ୍ତି। ଯେଉଁ ଠିକାଦାର ଭେଣ୍ଡିଂ ଜୋନ କାନ୍ଥ ଭାଙ୍ଗି ପିଲର କରିଛନ୍ତି ତାଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଦେଖିବାକୁ ବାକି ରହିଛି।ଏହି ବେଆଇନ ନିର୍ମାଣରେ ପୌରପରିଷଦ କର୍ତ୍ତୃପକ୍ଷଙ୍କ ପରୋକ୍ଷ ସହଯୋଗ ଥିବା ଅଭିଯୋଗ କରିଛନ୍ତ ବ୍ରଜରାଜନଗର ପୌର ପରିଷଦବାସୀ।ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ବ୍ରଜରାଜନଗରର ପ୍ରମୁଖ ଛକ ଗାନ୍ଧୀଛକର ରାସ୍ତାକଡରେ ଥିବା ଭେଣ୍ଡିଙ୍ଗ ଜୋନର କାନ୍ଥ ଭାଙ୍ଗି ଜଣେ ବ୍ୟକ୍ତି ନିଜସ୍ୱ ଘର ତିଆରି ପାଇଁ ପିଲର ଉଠାଇ ସାରିଥିବା ବେଳେ ସବୁ ଜାଣି ପୌରପରିଷଦ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଛନ୍ତି। ନିଜସ୍ୱ ଘର ତିଆରି ପାଇଁ ଜଣେ ବ୍ୟକ୍ତି ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେଲାଣି ଭେଣ୍ଡିଂ ଜୋନର କାନ୍ଥ ଭାଙ୍ଗିଲେ ହେଲେ ସେ ସମୟରେ ପୌରପରିଷଦ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ୪୬ ଲକ୍ଷ ୯ ହଜାର ୪ ଶହ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ଭେଣ୍ଡିଙ୍ଗ ଜୋନକୁ ଗତ ୨୦୨୩ ମସିହା ଫେବୃଆରୀ ୧୬ ତାରିଖ ଉଦ୍‌ଘାଟନ କରାଯାଇଥିଲା। ଏହାର ପ୍ରାୟ ୨ ବର୍ଷ ପରେ ଏବେ ଗତ ଜାନୁଆରୀ ମାସରେ ଜଣେ ବ୍ୟକ୍ତି ନିଜ ଘର ତିଆରି କରିବା ପାଇଁ ଭେଣ୍ଡି ଜୋନର କାନ୍ଥକୁ ଭାଙ୍ଗି ଦେଇଛନ୍ତି। ଜାନୁଆରୀରୁ ଫେବୃଆରୀ ଏକ ମାସ ମଧ୍ୟରେ ଘର ନିର୍ମାଣ ପାଇଁ ଶ୍ରମିକ, ମିସ୍ତ୍ରୀ ନିଯୁକ୍ତି କରାଇବା ସହ ବାଲି, ଗୋଡ଼ି, ଚିପ୍ସ ପଡ଼ିସାରିଛି। ସେହିସ୍ଥାନକୁ ମିକ୍ସଚର ମେସିନ ଆଣି ଭଙ୍ଗାଯାଇଥିବା ଭେଣ୍ଡିଜୋନର କାନ୍ଥ ମଝିରେ ପିଲର ଉଠା ସରିଲାଣି। ହେଲେ ପୌର କର୍ତ୍ତୃପକ୍ଷଙ୍କୁ କିଛି ଦେଖାଯାଉ ନାହିଁ। ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।




# ଜିଲ୍ଲାସ୍ତରୀୟ 'ନିପୁଣ ଓଡ଼ିଶା' ମେଳା



**ଦେବଗଡ଼, ୧୫।୨(ସମିସ):** ସମଗ୍ର ଶିକ୍ଷା ଆନୁକୂଲ୍ୟରେ ବାଳକ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁରଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ ଗୌଡ଼, ରିଆମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଯୁକ୍ତା ସାମଲ ଯୋଗଦେଇ ଶିଶୁମାନଙ୍କ ମୌଳିକ ଶିକ୍ଷଣସ୍ତର ଦୃଢ଼ୀକରଣ ନିମନ୍ତେ ଭାଷା ଓ ସଂଖ୍ୟା ଜ୍ଞାନର ସ୍ତରକୁ ସୁଦୃଢ଼ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ଭାଷା ଓ ଗଣିତର ମୌଳିକସ୍ତରକୁ ଯେପରି ଉପଲବ୍ଧି କରିପାରିବେ ସେଥିପାଇଁ କ୍ଲଷ୍ଟର, ବ୍ଲକ ଓ ଜିଲ୍ଲାସ୍ତରରେ ନିପୁଣ ଓଡ଼ିଶା ମେଳା ଆୟୋଜନ କରାଯାଇ ଏହା ମାଧ୍ୟମରେ ଅଭିଭାବକ, ଅଭିଭାବିକା, ଛାତ୍ରଛାତ୍ରୀ ଜନପ୍ରତିନଧିଙ୍କୁ ସଚେତନତା କରାଯିବା ପାଇଁ ଏହାକୁ ଆୟୋଜନ କରାଯାଉଅଛି। ପ୍ରାରମ୍ଭରେ ମନ୍ଦାକିନୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ନିପୁଣ ଓଡ଼ିଶା ସଙ୍ଗୀତ ଗାନ କରିଥିଲେ। ଟାଇଁସର ସିଆରସିସି ଭେନସ ପ୍ରଧାନ ଶପଥ ପାଠ କରାଇଥିଲେ। ସୁଗୁଡ଼ା ସିଆରସିସି ପ୍ରାଣବନ୍ଧୁ ଘଡ଼େଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରାଇଥିଲେ। କାର୍ଯ୍ୟକ୍ରମକୁ ଶୈକ୍ଷିକ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ତିନୋଟି ବ୍ଲକର ଭାଷା, ଗଣିତ ଓ ସୃଜନାତ୍ମକ ଜ୍ଞାନ ସମ୍ବନ୍ଧୀୟ ଶିକ୍ଷଣ ସାମଗ୍ରୀ ମେଳାକୁ ଅତିଥି ଅଧିକାରୀମାନେ ଉଦ୍‌ଘାଟନ କରିଥିଲେ। ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବରିଷ୍ଠ ପ୍ରଶିକ୍ଷିକା ଅନିମା ତାର୍କୀ, ମନ୍ଦାକିନୀ ଟୁଡ୍ଡୁ, ନିବେଦିତା ବେହେରା ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରି ପ୍ରଥମ ଶ୍ରେଷ୍ଠ ବ୍ଲକ ଭାବେ ତିଳେଇବଣି, ଦ୍ୱିତୀୟ ଶ୍ରେଷ୍ଠ ବ୍ଲକ ଭାବେ ବାରକୋଟ ଓ ତୃତୀୟ ଶ୍ରେଷ୍ଠ ବ୍ଲକ ଭାବେ ରିଆମାଳ ବ୍ଲକକୁ ଚୟନ କରିଥିଲେ। ସେହିପରି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ତତ୍ତ୍ୱବଧାନରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା, ପ୍ରଶିକ୍ଷିକା ସୁରମା ମିର୍ଦ୍ଧା, ପାର୍ଥିବୀ ପ୍ରିୟଦର୍ଶିନୀ, କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଚନା ସିଂ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣା ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଭାଷା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ, ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମନ୍ତ ଯୋଗଦେଇ କୃତୀ ପ୍ରତିଯୋଗୀ ଓ ବ୍ଲକଗୁଡ଼ିକୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସୁଗୁଡା ସିଆରସିସି ସଂଯୋଜନା କରିଥିବାବେଳେ ଶୈକ୍ଷିକ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ 'ନିପୁଣ ପ୍ରଶିକ୍ଷଣ' ମେଳା



**ଝାରସୁଗୁଡ଼ା, ୧୫।୨(ସମିସ):** ଆଞ୍ଚଳିକ ସାଧନକେନ୍ଦ୍ର ତାଲପଟିଆ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ ତାଲପଟିଆ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଓ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ବୈଦ୍ୟନ୍ତି ନାଏକ, ସଭାପତି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ ଘୁଟା ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ହୋତା, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଖିରୋଦ୍ର ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବେଣୁଧର ଚୌଧୁରୀ, ପ୍ରଧାନଶିକ୍ଷୟିତ୍ରୀ ଅହଲ୍ୟା କୁମାରୀ ନାଏକ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ମୁଣ୍ଡାଡିପାର ପ୍ରଧାନଶିକ୍ଷକ ଅଶୋକ ମହାପାତ୍ର ଯୋଗଦେଇଥିଲେ। ଉତ୍ସବକୁ ସିଆରସିସି ଯଦୁମଣି ପ୍ରଧାନଙ୍କ ସମେତ ଝାରସୁଗୁଡ଼ା ବ୍ଲକର ସମସ୍ତ ସିଆରସିସି ପରିଚାଳନା କରିଥିଲେ। ତାଳପଟିଆ କ୍ଲଷ୍ଟର୍‌ର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଉକ୍ତମେଳାରେ ସ୍ଥାନୀୟ କ୍ଲଷ୍ଟର୍‌ର ପ୍ରତ୍ୟେକ ବିଦ୍ୟାଳୟ ଓ ଝାରସୁଗୁଡ଼ା ବ୍ଲକରୁ ୩୦୦ ଛାତ୍ରଛାତ୍ରୀ ଓ ଅଭିଭାବକ ତଥା ସମସ୍ତ ସିଆରସିସି, ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ, ସୃଜନୀ ବିଭାଗରେ ମୋଟ ୧୦୦ଟି ଶିକ୍ଷଣ ଉପକରଣ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସମସ୍ତ ବିଭାଗରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ତଥା ସମସ୍ତ ଅଂଶଗ୍ରହଣ କରିଥିବା ପିଲାଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ମେଳାରେ ନିପୁଣ ଓଡ଼ିଶା ଅଧୀନ ପିଲାମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସହ ସୃଜନାତ୍ମକ କାର୍ଯ୍ୟକଳାପର ବିକାଶ ଦିଗରେ ସମସ୍ତ ଅତିଥି ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ତଥା ଅଭିଭାବକଙ୍କୁ ପିଲାଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ବିକାଶ ପାଇଁ ସମସ୍ତଙ୍କ ଯୋଗଦାନ ଲାଗି ଆହ୍ୱାନ କରିଥିଲେ। ବିଜୟିନୀ ଗନ୍ଧା ଓ ନନ୍ଦ କିଶୋର ଦେବତା ମଞ୍ଚ ପରିଚାଳନା କରିଥିଲେ।

ଏକଦିବସୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ମାଲିବେଡଁରା ଟିମ୍ ବିଜୟୀ

ଝାରସୁଗୁଡ଼ା, ୧୫।୨(ସମିସ): ଝାରସୁଗୁଡ଼ା ବନଖଣ୍ଡ ଅଧୀନ ବାଗଡ଼ିହି ବନାଞ୍ଚଳର ହଣ୍ଡାତୋପା ଖେଳପଡ଼ିଆରେ ବନାଞ୍ଚଳ ଅଧିକାରିଣୀ ବନ୍ଦନା ପସାୟତଙ୍କ ତତ୍ତ୍ୱାବଧାନତାରେ ଜଙ୍ଗଲ ନିଆଁ ନିରାକରଣ ଏବଂ ସଚେତନତା ନିମନ୍ତେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ବାଗଡ଼ିହି ବନାଞ୍ଚଳ ଅନ୍ତର୍ଗତ ମୋଟ ୮ଟି ଦଳ ଯଥା ବାଙ୍କି, କାଦୋବାହଲ, ହଣ୍ଡାତୋପା, ମାଲିବେଡଁରା, ବୁଙ୍ଗାବେର୍ଣ୍ଣା, ସାରସମାଲ, ସୁଲେହି ଏବଂ ଜଟିପଡ଼ା ଗ୍ରାମର ଟିମ୍ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ମାଲିବେଡଁରା ବିଜୟ ଲାଭ କରିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୀମଜୋର ସରପଞ୍ଚ ମନ ବାଗ, କିର୍ମିରା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ସାବିତ୍ରୀ ମାଝୀ ଯୋଗଦେଇଥିଲେ। ସମସ୍ତ ଯୁବଖେଳାଳି ତଥା ହଣ୍ଡାତୋପା ଗ୍ରାମବାସୀଙ୍କୁ ବାଗଡ଼ିହି ବନାଞ୍ଚଳ ଦ୍ୱାରା ଚଳିତ ବର୍ଷ କିପରି ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲରେ ନିଆଁ ଲାଗିବା କମିପାରିବ ସେ ବିଷୟରେ 'ଆସନ୍ତୁ ସମସ୍ତେ ମିଳିମିଶି ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା' ସଚେତନତା ତଥା ଶପଥ ପାଠ କରାଯାଇଥିଲା। ବନାଞ୍ଚଳ ଅଧିକାରୀଣି ବନ୍ଦନା ପଶାୟତ, ଫରେଷ୍ଟର ମୁରାରୀ ପ୍ରାସାଦ ସାହୁ, ଅମୀର ପଟେଲ, ଟିମ ଲିଡର ଚୁଡାମଣି ବେହେରା ଏବଂ ବାଗଡ଼ିହି ବନାଞ୍ଚଳର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଦ୍ୱିତୀୟ ବେଲପାହାଡ଼ କପ୍ ଫୁଟବଲ ପ୍ରତିଯୋଗିତା

# ସମ୍ବଲପୁରକୁ ହରାଇ ସେମିରେ ଉବୁଡ଼ା ଗୋଲ୍ଡେନ କ୍ଲବ୍




ଝାରସୁଗୁଡ଼ା,୧୫।୨(ସମିସ):

ବେଲପାହାଡ଼ ରେଫରୀ ଆସୋସିଏସନ ପକ୍ଷରୁ ରତନ ଟାଟା ଷ୍ଟାଡିୟମ୍‌ରେ ଚାଲିଥିବା ଦ୍ୱିତୀୟ ବେଲପାହାଡ଼ କପ୍ ଫୁଟବଲ ପ୍ରତିଯୋଗିତା ଆଜି ଚତୁର୍ଥ ଦିନରେ ପହଞ୍ଚିଛି । କ୍ୱାର୍ଟର ଫାଇନାଲ୍ ଖେଳ ଉବୁଡ଼ା ଗୋଲ୍ଡେନ କ୍ଲବ ଓ ସମ୍ବଲପୁର ମୁଣ୍ଡା ଏଫସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉବୁଡ଼ା ଦଳ ୬-୧ ଗୋଲରେ ସମ୍ବଲପୁର ଦଳକୁ ପରାସ୍ତ କରି ସେମି ଫାଇନାଲକୁ ପ୍ରବେଶ କରିଛି । ଆସନ୍ତା ରବିବାର ପ୍ରଥମ ସେମିଫାଇନାଲ୍ ଖେଳ ବେଲପାହାଡ଼ ପିଆର ଚାକି କ୍ଲବ ଓ ସୁନ୍ଦରଗଡ଼ ଅର୍ମାନ ଏକାଦଶ ଦଳ ମଧ୍ୟରେ ଅନୁଷ୍ଠିତ ହେବ । ସେହିପରି ଦ୍ୱିତୀୟ ସେମିଫାଇନାଲ୍ ଖେଳ ବ୍ରଜରାଜନଗର କାର୍ତ୍ତିକପଡ଼ା କାହ୍ନା ଏକାଦଶ ଓ ଉବୁଡ଼ା ଗୋଲ୍ଡେନ କ୍ଲବ ଦଳ ମଧ୍ୟରେ ଅନୁଷ୍ଠିତ ହେବାପରେ ଫାଇନାଲ୍ ଖେଳ ଅନୁଷ୍ଠିତ ହେବ ।

ବଜରଙ୍ଗ କପ୍ କ୍ରିକେଟ୍ ପ୍ରତିଯୋଗିତା

# ଫାଇନାଲରେ ରାଉରକେଲା




**ଦେବଗଡ଼, ୧୫।୨(ସମିସ):** ପୌରାଞ୍ଚଳ ଅଧୀନ ମହୁଲଡିପା ସାହିନାଳପଡ଼ିଆରେ ମହାବୀର କ୍ଲବ ପକ୍ଷରୁ ଆୟୋଜିତ ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରାଜଗାଙ୍ଗପୁର ସହିତ ରାଉରକେଲା ମଧ୍ୟରେ ମୁକାବିଲା ହୋଇଯାଇଛି। ମ୍ୟାଚ୍‌ରେ ରାଉରକେଲା ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରାଜଗାଙ୍ଗପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ସମସ୍ତ ୱିକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲା। ଜବାବରେ ରାଉରକେଲା ଦଳ ୧୬.୧ ଓଭରରେ ୪ ୱିକେଟ ହରାଇ ୧୩୬ ରନ ସଂଗ୍ରହ କରି ମ୍ୟାଚ୍‌ରେ ବିଜୟୀ ହୋଇଛି। ମ୍ୟାଚକୁ ମୁକେଶ ଦଳେଇ ଓ ଦିଲୁ ଦାସଭାୟା ପରିଚାଳନା କରିଥିଲେ। ଆଲୋକ ମହାପାତ୍ର ସ୍କୋରର ଥିବାବେଳେ ରାଜେନ୍ଦ୍ର ଦେବ ଧାରାବିବରଣୀ ପ୍ରଦାନ କରିଥିଲେ। କ୍ଲବର ସଭାପତି କାର୍ତ୍ତିକ ମହାକୁଳ ଏବଂ ଉପସଭାପତି ପ୍ରିତମ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସୁଶାନ୍ତ ନନ୍ଦ, ଶ୍ରୀକାନ୍ତ ସାହୁ, ଅରୁଣ ଭଞ୍ଜ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଗଣ ରାଉରକେଲା ଦଳର ରିସବ ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ୍‌ର କୋଷାଧ୍ୟକ୍ଷ ରାକେଶ ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର ସମ୍ପାଦକ ରାଜୀବ ଗଡ଼ନାୟକ, ସୌମ୍ୟକାନ୍ତ ପ୍ରଧାନ, ସୁଶୀଲ ଦେବ, ଲିପୁନ ନାଏକ, ଚିନ୍ମୟ ଦାଶ, ତନ୍ମୟ ପ୍ରଧାନ, ଆଶିଷ ଦଣ୍ଡିଆ, ରଞ୍ଜନ ସଂଖାରୀ, ରାଜେଶ ବେହେରା ଓ ତନ୍ମୟ ଘୋଷଙ୍କ ସମେତ କ୍ଲବର ସଦସ୍ୟ ସହଯୋଗ କରିଥିଲେ।

ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୯୦ • ପାଉଣ୍ଡ ୧୦୯.୮୪
- ୟୁରୋ ୯୧.୦୪ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୭୯,୦୯୦ (ଭୁବନେଶ୍ୱର)
- ରୁପା : ୧,୦୦,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ 75,939.00
- ନିଫ୍ଟି 22,929.00



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ନ୍ୟୁ-ଇଣ୍ଡିଆ କୋ-ଅପରେଟିଭ ବ୍ୟାଙ୍କ ଦୁର୍ନୀତି ମାମଲା

# ପୂର୍ବତନ ମ୍ୟାନେଜର ହିତେଶ ମେହେଟା ଗିରଫ

ମୁମ୍ବାଇ, ୧୫।୨ (ଏଜେନ୍ସି)





- ୧୨୨ କୋଟି ଦୁର୍ନୀତି କରିଥିବା ଅଭିଯୋଗ
- ବ୍ୟାଙ୍କରୁ ଟଙ୍କା ଉଠାଇ ପାରୁନାହାନ୍ତି ଗ୍ରାହକ
- ୨୦୨୪ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କରେ ଜମାଥିଲା ୨୪୩୬ କୋଟି ଟଙ୍କା

ନ୍ୟୁ-ଇଣ୍ଡିଆ କୋ-ଅପରେଟିଭ ବ୍ୟାଙ୍କକୁ ଆର୍‌ବିଆଇ ନିଷିଦ୍ଧ କରିବାର ଦିନକ ପରେ ମୁମ୍ବାଇ ପୁଲିସ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନ୍ୟୁ-ଇଣ୍ଡିଆ କୋ-ଅପରେଟିଭ ବ୍ୟାଙ୍କର ପୂର୍ବତନ ଜେନେରାଲ ମ୍ୟାନେଜର ତଥା ଆକାଉଣ୍ଟ ବିଭାଗର ମୁଖ୍ୟ ହିତେଶ ମେହେଟାଙ୍କୁ ମୁମ୍ବାଇ ପୁଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଶନିବାର ଗିରଫ କରିଛି। ତାଙ୍କ ଦହିସାର ବାସଭବନରେ ଚଢ଼ଉ ମଧ୍ୟ କରାଯାଇଛି। ଏଠାରୁ ଅନେକ କାଗଜପତ୍ର ଜବତ କରାଯାଇଛି। ପୂର୍ବରୁ ମୁମ୍ବାଇ ପୁଲିସ ତାଙ୍କ ବିରୋଧରେ ଧାରା ୩୧୬ (୫) ଏବଂ ୬୧ (୨) କୋଡ ଅଧିନରେ ମାମଲା ରୁଜୁ କରିଥିଲା। ପରେ ଏହି ମାମଲାକୁ ମୁମ୍ବାଇ ପୁଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)କୁ ପଠାଇ ଦିଆଯାଇଥିଲା। ହିତେଶ ନିଜ ସହଯୋଗୀଙ୍କ ସହ ମିଶି ବ୍ୟାଙ୍କର ପ୍ରଭାଦେବୀ ଏବଂ ଗୋରେଗାଁଓ ଶାଖାରୁ ୧୨୨ କୋଟି ଟଙ୍କା ହରିଲୁଟ୍ କରିଥିଲେ ବୋଲି ଅଭିଯୋଗ ହୋଇଛି।

ଏହା ପୂର୍ବରୁ ଶୁକ୍ରବାର ଆର୍‌ବିଆଇ ଏହି ବ୍ୟାଙ୍କର ବୋର୍ଡକୁ ୧୨ ମାସ ପାଇଁ ଭଙ୍ଗ କରିଦେଇଥିଲା। ଆରବିଆଇ ନିୟମ ଅନୁସାରେ ଗ୍ରାହକ ଏବେ କେବଳ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉଠାଇପାରିବେ। ନ୍ୟୁ ଇଣ୍ଡିଆ କୋ-ଅପରେଟିଭ ବ୍ୟାଙ୍କରେ ବ୍ୟାପକ ଅନିୟମିତତା ଯୋଗୁ ବ୍ୟାଙ୍କର କାର୍ଯ୍ୟ ଉପରେ ଆରବିଆଇ ରୋକ୍ ଲଗାଯାଇଛି। ଆରବିଆଇ ଦ୍ୱାରା କଟକଣା ଲାଗୁ କରାଯିବା ପରେ ବ୍ୟାଙ୍କର ଗ୍ରାହକ ନିଜ ଜମା ଅର୍ଥ ଉଠାଇପାରିବେ ନାହିଁ। ନ୍ୟୁ ଇଣ୍ଡିଆ କୋ-ଅପରେଟିଭ ବ୍ୟାଙ୍କ ଏବେ କୌଣସି ଋଣ ଦେଇପାରିବ ନାହିଁ କି ଜମା ରଖିପାରିବନାହିଁ। ଏହି କଟକଣା ଆଗାମୀ ୬ ମାସ ଯାଏ ବଳବତ୍ତର ରହିବ। ୬ ମାସ ପରେ ଆରବିଆଇ ପୁଣି ଥରେ ନିଷ୍ପତ୍ତିର ସମୀକ୍ଷା କରିବ। ତେବେ ବ୍ୟାଙ୍କ କର୍ମଚାରୀଙ୍କ ଦରମା, ଭଡ଼ା ଏବଂ ବିଜୁଳି ବିଲ୍ ପରି ଜରୁରୀ ଖର୍ଚ୍ଚ କରିବା ପାଇଁ ଅନୁମତି ଦିଆଯାଇଛି।

ଅନ୍ୟପକ୍ଷରେ ଆରବିଆଇ କଟକଣା ପରେ ବ୍ୟାଙ୍କର ସବୁ ଶାଖାରେ ଟଙ୍କା ଉଠାଇବା ଲାଗି ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହାକୁ ନେଇ ଲୋକେ ଚିନ୍ତିତ ଅଛନ୍ତି। କଷ୍ଟ ଅର୍ଜିତ ଧନ ଏବେ ବ୍ୟାଙ୍କରେ ଅଟକି ରହିଛି। କାହାର ଲକ୍ଷେ ତ ପୁଣି କାହାର ପୂରା ଅବସରକାଳୀନ ଟଙ୍କା ଫସି ରହିଛି। ସୂଚନାଯୋଗ୍ୟ ଯେ ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ଏହି ସମବାୟ ବ୍ୟାଙ୍କ ନିକଟରେ ୨୪୩୬ କୋଟି ଟଙ୍କା ଜମା ଥିଲା।

# ନୂଆ ଇନ୍‌କମ ଟ୍ୟାକ୍ସ ବିଲ୍ ପାଇଁ ୩୧ ଜଣିଆ କମିଟି ଗଠିତ

ନୂଆଦିଲ୍ଲୀ, ୧୫।୨ (ଏଜେନ୍ସି): ନୂଆ ଇନ୍‌କମ୍ ଟ୍ୟାକ୍ସ ବିଲ୍ (ଆୟକର) ସମୀକ୍ଷା ପାଇଁ ଶୁକ୍ରବାର ଲୋକସଭା ବାଚସ୍ପତି ଓମ୍ ବିର୍ଲା ୩୧ ଜଣିଆ କମିଟି ଗଠନ କରିଛନ୍ତି। ଏମାନଙ୍କ ମଧ୍ୟରେ ଶାସକ ମେଣ୍ଟ (ଏନ୍‌ଡିଏ)ର ୧୭ ସାଂସଦ ଏବଂ ୧୩ ବିରୋଧୀ ସାଂସଦ ସାମିଲ ଅଛନ୍ତି। ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଏହାର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏହି କମିଟି ଆଗାମୀ ଅଧିବେଶନର ପ୍ରଥମ ଦିନରେ ସମୀକ୍ଷା କରି ରିପୋର୍ଟ ପ୍ରଦାନ କରିବ।

### ଏନ୍‌ଡିଏର ୧୭ ଓ ୧୩ ବିରୋଧୀ ସାଂସଦ ସାମିଲ

ଚଳିତ ବଜେଟ ଅଧିବେଶନ ଏପ୍ରିଲ ୪ରେ ଶେଷ ହେବ। ଜୁଲାଇ ତୃତୀୟ କିମ୍ବା ଚତୁର୍ଥ ସପ୍ତାହରେ ମୌସୁମୀ ଅଧିବେଶନ ଆରମ୍ଭ ହୋଇପାରେ। ଏହି କମିଟିରେ ନିଶିକାନ୍ତ ଦୁବେ, ଜଗଦୀଶ ସେଟ୍ଟାର, ପିପି ଚୌଧୁରୀ, ସୁଧୀର ଗୁପ୍ତା, ନବୀନ ଜିନ୍ଦଲ, ଅନିଲ ବଲୁନି, ଦୀପେନ୍ଦ୍ର ହୁଡ୍ଡା, ମହୁଆ ମୋଇତ୍ର, ସୁପ୍ରିୟା ସୁଲେ ପ୍ରମୁଖ ସାମିଲ ଅଛନ୍ତି। ଏହି କମିଟି ନୂଆ ଆୟକର ନିୟମର ସମୀକ୍ଷା କରି ସଂଶୋଧନ ପାଇଁ ସୁପାରିସ ଦେବ। ଏହା ଉପରେ ସରକାର ଅନ୍ତିମ ନିଷ୍ପତ୍ତି ନେଇ ପୁଣିଥରେ ଗୃହରେ ବିଲ୍ ଉପସ୍ଥାପନ କରିବେ। ଗତ କିଛି ବର୍ଷ ହେଲା ସରକାର ଆୟକର ନିୟମକୁ ସରଳ କରିବା ପାଇଁ ପ୍ରୟାସ କରିଆସୁଥିଲେ। ଏଥିପାଇଁ ୨୦୧୮ରେ ଏକ ଟାସ୍କ ଫୋର୍ସ ଗଠନ କରାଯାଇଥିଲା। ଏହା ୨୦୧୯ରେ ରିପୋର୍ଟ ପ୍ରଦାନ କରିଥିଲା। ସୂଚନାଯୋଗ୍ୟ ଯେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ୧୩ ତାରିଖରେ ଲୋକସଭାରେ ଏହି ନୂଆ ବିଲ୍ ଉପସ୍ଥାପନ କରିଥିଲେ। ୧୯୬୧ର ଆଇନକୁ ବଦଳାଇବା ପାଇଁ ୬୨୨ ପୃଷ୍ଠା ବିଶିଷ୍ଟ ଏହି ବିଲ୍ ଅଣାଯାଇଛି। ଏହାକୁ ଆୟକର ନିୟମ, ୨୦୨୫ କୁହାଯିବ। ଏହା ୨୦୨୬ ଏପ୍ରିଲରୁ ପ୍ରଭାବୀ ହୋଇପାରେ। ବର୍ତ୍ତମାନର ଆୟକର ଆଇନ ୧୯୬୧ରେ ପାରିତ ହୋଇଥିଲା। ଏହା ୧୯୬୨ ଏପ୍ରିଲ ୧ରୁ କାର୍ଯ୍ୟକାରୀ ହୋଇଥିଲା। ଏହି ଆଇନରେ ୬୫ ଥରରେ ୪ ହଜାରରୁ ଅଧିକ ସଂଶୋଧନ କରାଗଲାଣି।

- ଇପିଏଫ୍ ପେନ୍‌ସନ୍ ସଂଘର ବିକ୍ଷୋଭ

# ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶ୍ରମମନ୍ତ୍ରୀଙ୍କୁ ଦାବିପତ୍ର

ଭୁବନେଶ୍ୱର, ୧୫।୨ (ଏଜେନ୍ସି):

ଏଠାକାର ଭବିଷ୍ୟନିଧି କାର୍ଯ୍ୟାଳୟ ସମ୍ମୁଖରେ ଅଲ୍ ଓଡିଶା ଇପିଏଫ୍ ପେନସନରସ୍ ଆସୋସିଏସନ୍ ପକ୍ଷରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସର୍ବନିମ୍ନ ମାସିକ ପେନସନ ୯ହଜାର ଟଙ୍କା ସହ ମହଙ୍ଗାଭତ୍ତା ପ୍ରଦାନ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ଦେବା ଏବଂ ଇପିଏଫ୍ ପେନସନଭୋଗୀ ପରିବାରକୁ ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇଦେବାରେ କେନ୍ଦ୍ର ସରକାର ଓ ଇପିଏଫ୍ କର୍ତ୍ତୃପକ୍ଷଙ୍କ କ୍ରମାଗତ ଅବହେଳା ପ୍ରତିବାଦରେ ଆଜି ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥି ସହ ଏହି ଆଠ ଦଫା ଦାବି ପୂରଣ କରିବା ଲାଗି ସଙ୍ଘ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଭବିଷ୍ୟନିଧି ସଂଗଠନର ଅତିରିକ୍ତ କେନ୍ଦ୍ରୀୟ ଆୟୁକ୍ତଙ୍କୁ ପ୍ରଦାନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ ଜଣେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ଜାନୁଆରୀ ୨୦୧୬ ମସିହାରୁ ମାସିକ ପେନସନ ୯ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପାଉଥିବା ବେଳେ କେନ୍ଦ୍ର ସରକାର ଇପିଏଫ୍ ପେନସନ ଭୋଗୀଙ୍କ କ୍ଷେତ୍ରରେ ସେପ୍ଟେମ୍ବର ୨୦୧୪ ମସିହାରୁ ବିନା ମହଙ୍ଗା ଭତ୍ତାରେ ମାସିକ ସର୍ବନିମ୍ନ ୧ ହଜାର ଟଙ୍କା ପେନସନ ଲାଗୁ କରିଛନ୍ତି। ଏଥିଯୋଗୁ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ଲାଗି ଦେଶର ୮୦ଲକ୍ଷ ପେନସନଭୋଗୀ ପରିବାର ନାହିଁ ନଥିବା ଅଭାବ ଅନାଟନ ମଧ୍ୟରେ ଦିନ କାଟୁଛନ୍ତି। ପେନସନ ଏକ ସାମାଜିକ ସୁରକ୍ଷା ବ୍ୟବସ୍ଥା ହୋଇଥିବାରୁ ଇପିଏଫ୍ ପେନସନଭୋଗୀଙ୍କୁ ସର୍ବନିମ୍ନ ୯ହଜାର ଟଙ୍କା ପେନସନ ସହ ମହଙ୍ଗା ଭତ୍ତା ଦେବା ଲାଗି ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଛି। ଅନ୍ୟ ପକ୍ଷରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ଦେବାରେ ଇପିଏଫ୍ କର୍ତ୍ତୃପକ୍ଷ ଅହେତୁକ ବିଳମ୍ବ କରିବା ସହ ନାନା ଆଳରେ ବର୍ଦ୍ଧିତ ପେନସନ ପାଇବାରୁ ଉପଭୋକ୍ତା ମାନଙ୍କୁ ବଞ୍ଚିତ କରିବାକୁ ମସୁଧା ଚଳାଇ ଆସୁଛନ୍ତି। ଏ ବାବଦରେ ସଂଘ ପକ୍ଷରୁ କେନ୍ଦ୍ର ସରକାର ଓ ଇପିଏଫ୍ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁନଥିବା ବିଷୟ ଇପିଏଫ୍ ପେନସନ ସଂଘର ରାଜ୍ୟ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା ବିକ୍ଷୋଭ ସମାବେଶକୁ ଉଦବୋଧନ ଦେବା ଅବସରରେ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶ୍ରମ ମନ୍ତ୍ରୀ ଉପରୋକ୍ତ ଚାରି ଦଫା ଦାବି ପୂରଣ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଶ୍ରୀ ବ୍ରହ୍ମା ଦୃଢୋକ୍ତି ପ୍ରକାଶ କରିଥିଲେ।

### ବଢ଼ିପାରେ ପିଏଫ ସୁଧ ହାର




ନୂଆଦିଲ୍ଲୀ, ୧୫।୨ (ଏଜେନ୍ସି): ଘରୋଇ କ୍ଷେତ୍ରରେ କାମ କରୁଥିବା କର୍ମଚାରୀଙ୍କୁ ଖୁବଶୀଘ୍ର ଖୁସି ଖବର ମିଳିପାରେ। କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) ୨୦୨୪-୨୫ ପାଇଁ ସୁଧହାର ବୃଦ୍ଧି କରିପାରେ ବୋଲି କୁହାଯାଉଛି। ଏହାକୁ ୮ ପ୍ରତିଶତରୁ ୮.୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ। ଆସନ୍ତା ୨୮ ତାରିଖରେ ହେବାକୁ ଥିବା କେନ୍ଦ୍ରୀୟ ବୋର୍ଡ ଅଫ୍ ଟ୍ରଷ୍ଟିଜ (ସିବିଟି) ବୈଠକରେ ଏହି ବୃଦ୍ଧି ନିଷ୍ପତ୍ତି ନିଆଯାଇପାରେ। ସୂଚନାଯୋଗ୍ୟ ଯେ କୌଣସି ବର୍ଷ ପାଇଁ ପିଏଫ୍ ଜମା ଉପରେ ସୁଧ ହାର ନେଇ ଇପିଏଫଓ ପକ୍ଷରୁ ପ୍ରସ୍ତାବ ଦିଆଯାଇଥାଏ। ପରେ ସିବିଟି ଏହାକୁ ପାସ୍ କରି କେନ୍ଦ୍ର ଅର୍ଥମନ୍ତ୍ରାଳୟର ଅନୁମୋଦନ ପାଇଁ ପଠାଇ ଥାଏ। ଏବେ ଇପିଏଫଓର ୬୫ ନିୟୁତରୁ ଅଧିକ ସଦସ୍ୟ ଅଛନ୍ତି। ପ୍ରତ୍ୟେକ କର୍ମଚାରୀଙ୍କ ଏକ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର (ୟୁଏଏନ) ରହିଛି। ଏହି ଖାତାକୁ କର୍ମଚାରୀ ନିଯୁକ୍ତିଦାତାଙ୍କ ସହ ଲିଙ୍କ୍ କରାଇ ଥାଆନ୍ତି। ୟୁଏଏନ ମାଧ୍ୟମରେ ଇପିଏଫ ବାଲାନ୍ସ ଦେଖି ହେବ। ଏହା ସହିତ ଅନ୍ୟ ସେବାର ମଧ୍ୟ ଲାଭ ଉଠାଇ ହେବ। ଇପିଏଫଓ ପୋର୍ଟାଲ, ମିସ୍ଡକଲ୍, ଏସଏମ୍ଏସ ଦ୍ୱାରା ମଧ୍ୟ ଏହି ସେବାର ଲାଭ ଉଠାଇ ପାରିବେ।

# ନ୍ୟୁଜିଲାଣ୍ଡକୁ ବ୍ୟବସାୟ ସମ୍ପ୍ରସାରଣ କଲା ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ

ମୁମ୍ବାଇ, ୧୫।୨ (ସମିସ)



ବିଶ୍ୱର ସବୁଠାରୁ ବଡ଼ (ଷଷ୍ଠ) ଜୁଏଲାରୀ ଚେନ୍ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ନିଜର ବ୍ୟବସାୟକୁ ନ୍ୟୁଜିଲାଣ୍ଡକୁ ବୃଦ୍ଧି କରିଛି। ବାଣିଜ୍ୟ ସମ୍ପର୍କ ଏବଂ ଆର୍ଥିକ ସହଯୋଗକୁ ଅଧିକ ମଜବୁତ କରିବା ପାଇଁ କମ୍ପ୍ରିହେନସିଭ ଇକୋନମିକ ପାର୍ଟନରସିପ ଏଗ୍ରିମେଣ୍ଟ (ସିଇପିଏ) ଅଧିନରେ ୟୁଏଇ ଏବଂ ନ୍ୟୁଜିଲାଣ୍ଡ ସହ ଏହି ଚୁକ୍ତି ସ୍ୱାକ୍ଷର କରାଯାଇଛି। ସୂଚନାଯୋଗ୍ୟ ଯେ ଏ ପର୍ଯ୍ୟନ୍ତ ବିଶ୍ୱର ୧୩ ଦେଶରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡର ୩୭୫ଟି ଶୋ'ରୁମ୍ ରହିଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡର ସମସ୍ତ ଅନ୍ତର୍ଜାତୀୟ ବ୍ୟବସାୟ ଦୁବାଇର ଡେଇରା ସ୍ଥିତ ଗୋଲ୍ଡ ସୌକରୁ ପରିଚାଳିତ। ଏହି ଏସ୍‌ଇପିଏ ଚୁକ୍ତି ସହିତ ମାଲାବାରର ବ୍ୟବସାୟ ୧୪ ଦେଶକୁ ବୃଦ୍ଧି ପାଇବ। ଏହି ଚୁକ୍ତିକୁ ନେଇ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମପି ଅହମ୍ମଦ କହିଛନ୍ତି ଯେ ନ୍ୟୁଜିଲାଣ୍ଡ ଏବଂ ୟୁଏଇ ସହ ହୋଇଥିବା ଏହି ଚୁକ୍ତି କମ୍ପାନୀର ସମ୍ପ୍ରସାରଣକୁ ଦର୍ଶାଉଛି। ଏହି ପ୍ରୟାସ କମ୍ପାନୀର ସମ୍ପ୍ରସାରଣ ଯୋଜନାକୁ ଗତି ଦେବ। ଏହା କେବଳ ଆର୍ଥିକ ସମ୍ବନ୍ଧକୁ ମଜବୁତ କରିବ ନାହିଁ, ବରଂ ଉତ୍ପାଦ ଏବଂ ସେବାକୁ ନେଇ ନୂଆ ଗ୍ରାହକଙ୍କୁ ନୂତନ ସୁଯୋଗ ପ୍ରଦାନ କରିବେ। ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡର ବିଶ୍ୱର ଏକ ନମ୍ବର ଅଳଙ୍କାର ବିକ୍ରେତା ହେବାକୁ ଲକ୍ଷ୍ୟ ରଖିଛି। କମ୍ପାନୀ ଏହି ଚୁକ୍ତି ମାଧ୍ୟମରେ ଏ ଦିଗରେ ଆଉ ଗୋଟେ ପାଦ ଆଗକୁ ବଢ଼ିଛି।

ୟୁଏଇରେ ନ୍ୟୁଜିଲାଣ୍ଡର ଉଚ୍ଚାୟୁକ୍ତ ତଥା ନର୍ଦର୍ଣ୍ଣ ଏମିରେଟ୍ସ ଓ ଦୁବାଇ କନସୋଲ ଜେନେରାଲ ଅହମ୍ମଦ ଜକୌତ କହିଛନ୍ତି ଯେ ଦୁଇ ଦେଶର ବାଣିଜ୍ୟ ଏବଂ ନିବେଶ ଉପରେ ଏହି ଚୁକ୍ତିର ସକରାତ୍ମକ ପ୍ରଭାବ ପଡିଛି। ଏହାକୁ ନେଇ ଆମେ ଖୁବ ଉତ୍ସାହିତ। ନ୍ୟୁଜିଲାଣ୍ଡ ଏବଂ ୟୁଏଇରେ ନୂଆ ବ୍ୟାବସାୟିକ ସୁଯୋଗ ଏବଂ ନିବେଶ ପ୍ରକଳ୍ପ ଖୋଲିବା ପାଇଁ ଆମେ ଉତ୍ସୁକ। ଏହି ସମ୍ପ୍ରସାରଣ ଯୋଜନାରେ ମାଲାବାର ପ୍ରଥମେ ୪୦୦ କୋଟି ଟଙ୍କା ନିବେଶ କରିବ। ତିନୋଟି ବିଶ୍ୱସ୍ତରୀୟ ଶୋ'ରୁମ ଖୋଲାଯିବ। ଏହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ମାଲାବାରର ଅନ୍ତର୍ଜାତୀୟ ବ୍ୟବସାୟ ଏମଡି ସାମଲାଲ ଅହମ୍ମଦ, ନ୍ୟୁଜିଲାଣ୍ଡ ବାଣିଜ୍ୟ ମନ୍ତ୍ରୀ ଟୋଡ୍ ମ୍ୟାକ୍ଲେ, କନସୁଲ ଜେନେରାଲ ଅହମ୍ମଦ ଜୌକତ ଏବଂ ମାଲାବାରର ବ୍ୟାବସାୟିକ ମୁଖ୍ୟ ସୀତାରମଣ ବର୍ଦ୍ଧରାଜନ ଉପସ୍ଥିତ ଥିଲେ।

### ତିନି ମାସରେ ଅନିଲ ଅମ୍ବାନୀଙ୍କ ୮ ଗୁଣ କ୍ଷତି

ମୁମ୍ବାଇ, ୧୫।୨ (ଏଜେନ୍ସି): ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ବଡ଼ ଝଟ୍‌କା ଲାଗିଛି। ତୃତୀୟ ତ୍ରୈମାସିକରେ ତାଙ୍କର ପ୍ରିୟ କମ୍ପାନୀ ରିଲାଏନ୍ସ ଇନଫ୍ରାଷ୍ଟ୍ରକ୍ଚରର ବିପୁଳ କ୍ଷତି ହୋଇଛି। ସେୟାର ବଜାରକୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି କ୍ଷତି ଗତ ବର୍ଷର ସମାନ ତ୍ରୈମାସିକ ତୁଳନାରେ ୮ ଗୁଣ ଅଧିକ। ଏହା ପୂର୍ବରୁ ଶୁକ୍ରବାର କମ୍ପାନୀର ସେୟାର ପ୍ରାୟ ୭ ପ୍ରତିଶତ ହ୍ରାସ ପାଇଥିଲା। ଏବେ ଏହି ଫଳାଫଳ ଅନିଲଙ୍କ ପାଇଁ ଡବଲ୍ ଝଟକା ସାବ୍ୟସ୍ତ ହୋଇଛି।

### ୩ୟ ସପ୍ତାହରେ ବଢ଼ିଲା ବିଦେଶୀ ମୁଦ୍ରା ଭଣ୍ଡାର

# ୬୩୮ ବିଲିୟନ ଡଲାର ଟପିଲା




ମୁମ୍ବାଇ, ୧୫।୨ (ଏଜେନ୍ସି): ଭାରତର ବିଦେଶୀ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଧାରା ଜାରି ରହିଛି। ଗତ ୭ ତାରିଖରେ ଶେଷ ହୋଇଥିବା ସପ୍ତାହରେ ମୁଦ୍ରା ଭଣ୍ଡାର ୭.୬୫୪ ବିଲିୟନ ଡଲାର ବୃଦ୍ଧି ପାଇଛି। ପୂର୍ବ ସପ୍ତାହରେ ଏହା ୧.୧ ବିଲିୟନ ଡଲାର ବୃଦ୍ଧି ପାଇଥିଲା। ତିନି ସପ୍ତାହ ପୂର୍ବେ ଏହି ମୁଦ୍ରା ଭଣ୍ଡାରରେ ହ୍ରାସ ଧାରା ଜାରି ରହିଥିଲା। କ୍ରମାଗତ ସାତ ସପ୍ତାହ ପର୍ଯ୍ୟନ୍ତ ଏହା ହ୍ରାସ ପାଇ ଚାଲିଥିଲା। କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ ଏବେ ମୁଦ୍ରା ଭଣ୍ଡାର ୬୩୮.୨୬୧ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ସୂଚନାଯୋଗ୍ୟ ଯେ ୨୦୨୪ ସେପ୍ଟେମ୍ବର ୨୭ରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ସର୍ବୋଚ୍ଚ ସ୍ତରରେ ପହଞ୍ଚି ଯାଇଥିଲା। ଏହା ୭୦୪.୮୫ ବିଲିୟନ ଡଲାରରେ ପହଞ୍ଚି ଯାଇଥିଲା।

ସମୀକ୍ଷାଧିନ ସପ୍ତାହରେ ଭାରତର ଫରେନ କରେନ୍ସି ଆସେଟ (ଏଫସିଏ) ସର୍ବାଧିକ ବୃଦ୍ଧି ପାଇଛି। ଏହି ସମୟରେ ଏଫ୍‌ସିଏ ୬.୪୨୨ ବିଲିୟନ ଡଲାର ବଢ଼ିଥିଲା। ଏବେ ଏଫ୍‌ସିଏ ଭଣ୍ଡାର ୫୪୪.୧୦୬ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ସେହିପରି ଭାରତର ସ୍ୱର୍ଣ୍ଣ ଭଣ୍ଡାର ମଧ୍ୟ ବୃଦ୍ଧି ପାଇଛି। ଏହା ୧.୩୧୫ ବିଲିୟନ ଡଲାର ବଢ଼ି ୭୨.୨୦୮ ବିଲିୟନ ଡଲାରରେ ପହଞ୍ଚି ଯାଇଛି।

### ଆମେରିକା ଇନ୍‌ଫ୍ଲୁଏନ୍ସର ଏସେଲ୍ କ୍ଲେର୍‌ଙ୍କ ଦାବି

# ମୋ ସନ୍ତାନର ବାପା ଏଲନ୍ ମସ୍କ

ୱାଶିଂଟନ, ୧୫।୨ (ଏଜେନ୍ସି)





**ସୁରକ୍ଷା ପାଇଁ କରି ନ ଥିଲେ ଘୋଷଣା**

**ପୂର୍ବରୁ ଅଛନ୍ତି ମସ୍କଙ୍କ ୧୨ ଶିଶୁ**

ଆମେରିକା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ତଥା ଲେଖିକା ଏସ୍‌ଲେ ସେଣ୍ଟ କ୍ଲେୟର ବଡ଼ ଦାବି କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହଯୋଗୀ ତଥା କ୍ୟାବିନେଟ ସଦସ୍ୟ ବ୍ୟବସାୟୀ ଏଲନ ମସ୍କ ତାଙ୍କ ସନ୍ତାନର ବାପା ବୋଲି କହିଛନ୍ତି। ସେ ୫ ମାସ ତଳେ ଗୋପନୀୟ ଭାବେ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। କିନ୍ତୁ ସୁରକ୍ଷା ଏବଂ ଗୋପନୀୟତା ଦୃଷ୍ଟିରୁ ଏ ବିଷୟରେ ଘୋଷଣା କରି ନ ଥିଲେ। ଏବେ ସେ ଗୋପନୀୟତା ରଖା କରିବା ପାଇଁ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି। ଯଦି କ୍ଲେୟରଙ୍କ ଦାବି ସଠିକ୍ ସାବ୍ୟସ୍ତ ହୁଏ ତେବେ ଏହା ମସ୍କଙ୍କ ୧୩ତମ ସନ୍ତାନ ହେବ। ପୂର୍ବରୁ ମସ୍କଙ୍କ ୧୨ ସନ୍ତାନ ଅଛନ୍ତି। ୩ ମହିଳା ଏହି ଶିଶୁଙ୍କୁ ଜନ୍ମ ଦେଇଛନ୍ତି।

୨୬ ବର୍ଷୀୟ ସେଣ୍ଟଙ୍କ କ୍ଲେୟର ସୋସିଆଲ ମିଡିଆରେ ଖୁବ ସକ୍ରିୟ ଅଛନ୍ତି। ସେ 'ଏଲିଫ୍ୟାଣ୍ଟସ ଆଣ୍ଡ ନଟ୍ ବର୍ଡ୍ସ' ନାମକ ଏକ ପୁସ୍ତକ ଲେଖିଛନ୍ତି। ରିପୋର୍ଟ ଅନୁଯାୟୀ ଏସ୍‌ଲେ ନ୍ୟୁୟର୍କ ମ୍ୟାନ୍‌ହଟନରେ ଏକ ବଡ଼ ଆପାର୍ଟମେଣ୍ଟରେ ରହୁଛନ୍ତି। ମାସକୁ ଏହାର ଭଡ଼ା ୧୨ରୁ ୧୫ ହଜାର ଡଲାର ଅର୍ଥାତ୍ ପ୍ରାୟ ୧୩ ଲକ୍ଷ ଟଙ୍କା ରହିଛି। ଏସ୍‌ଲେ ରକ୍ଷଣଶୀଳ ଚିନ୍ତାଧାରର ସମର୍ଥକ। ଏକ୍ସରେ ତାଙ୍କର ୧୦ ଲକ୍ଷ ଫଲୋଅର୍ସ ଅଛନ୍ତି। ତାଙ୍କ ପାଖରେ ଟେସ୍‌ଲାର ଏକ ସାଇବର ଟ୍ରକ୍ ମଧ୍ୟ ଥିଲା। ଏ ପର୍ଯ୍ୟନ୍ତ ଏହି ଦାବି ଉପରେ ମସ୍କଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ଏବେ ସେ ନ୍ୟୁରାଲିଙ୍କର ମ୍ୟାନେଜର ସିଓ୍ୱାନ ଜିଲ୍‌ସଲ୍‌ଙ୍କ ସହ ସମ୍ପର୍କରେ ଅଛନ୍ତି। ଉଭୟଙ୍କର ତିନି ସନ୍ତାନ ଅଛନ୍ତି। ମସ୍କ ଗତ ବର୍ଷ ଦ୍ୱାଦଶ ସନ୍ତାନର ଜନକ ହୋଇଥିଲେ।

ମସ୍କ ସର୍ବପ୍ରଥମେ ୨୦୦୦ ମସିହାରେ ବିବାହ କରିଥିଲେ। କାନାଡ଼ା ବଂଶୋଦ୍ଭବ ଆଥର ଜଷ୍ଟିନ ୱିଲସନ୍‌ଙ୍କୁ ବିବାହ କରିଥିଲେ। ୨୦୦୨ରେ ଉଭୟେ ମାତାପିତା ହୋଇଥିଲା। ମାତ୍ର ୧୦ ସପ୍ତାହ ପରେ ଏହି ଶିଶୁର ମୃତ୍ୟୁ ହୋଇଥିଲା। ୨୦୦୮ରେ ମସ୍କ ୱିଲସନ୍‌ଙ୍କୁ ଛାଡ଼ପତ୍ର ଦେଇଥିଲେ। ପୁଣି ୨୦୧୦ରେ ବ୍ରିଟିଶ ଷ୍ଟାର ତାଲୁଲାହଙ୍କୁ ବିବାହ କରିଥିଲେ। ଏହି ବିବାହ ମାତ୍ର ଦୁଇ ବର୍ଷ ତିଷ୍ଠି ଥିଲା। ବିଚ୍ଛେଦ ପରେ ପୁଣି ଉଭୟେ ବିବାହ କରିଥିଲେ। ୨୦୧୪ରେ ତାଲୁଲାହ ଦ୍ୱିତୀୟ ଥର ଛାଡ଼ପତ୍ର ଆବେଦନ କରିଥିଲେ। କିନ୍ତୁ ଏହାର ବର୍ଷରେ ଆବେଦନ ପ୍ରତ୍ୟାହାର କରି ନେଇଥିଲେ। ଏହା ପରେ ୨୦୧୬ରେ ତୃତୀୟ ଛାଡପତ୍ର ଆବେଦନ କରି ମସ୍କଙ୍କଠାରୁ ଅଲଗା ହୋଇଥିଲେ। ଉଭୟଙ୍କର କୌଣସି ସନ୍ତାନ ନାହାନ୍ତି। ପୂର୍ବରୁ ମସ୍କ ଥରେ କହିଥିଲେ ଯେ ବିଶ୍ୱ ଜନସଂଖ୍ୟା ସଙ୍କଟର ସମ୍ମୁଖୀନ ହେଉଛି। ତେଣୁ ସେ ଉତ୍ତମ ବୁଦ୍ଧିମତା ଥିବା ଶିଶୁ ଜନ୍ମ କରିବାକୁ ଚାହୁଁଛନ୍ତି। ଯଦି ଲୋକ ଅଧିକ ସନ୍ତାନ ଜନ୍ମ ନ କରିବେ ତେବେ ପୃଥିବୀରେ ସଭ୍ୟତା ଧ୍ୱଂସ ହୋଇଯିବ।

# ଚଳିତ ସପ୍ତାହରେ ସୁନା ୧୨୯୯ ଟଙ୍କା ମହଙ୍ଗା

ମୁମ୍ବାଇ, ୧୫।୨ (ଏଜେନ୍ସି): ଚଳିତ ସପ୍ତାହରେ ସୁନା ଏବଂ ରୁପା ଦାମ୍ ବୃଦ୍ଧି ପାଇଛି। ୧୦ ଗ୍ରାମ ପିଛା ୨୪ କ୍ୟାରଟ ସୁନା ମୂଲ୍ୟ ୧୨୯୯ ଟଙ୍କା ଏବଂ ରୁପା କେଜି ୨୫୬୨ ଟଙ୍କା ବଢ଼ିଛି। ଇଣ୍ଡିଆ ବୁଲିୟନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଫେବୃଆରୀ ୮ରେ ସୁନା ମୂଲ୍ୟ ୮୪,୬୯୯ ଟଙ୍କା ଥିଲା। ଏବେ ଏହା ୮୫,୯୯୮ ଟଙ୍କାରେ ପହଞ୍ଚି ଯାଇଛି। ବର୍ତ୍ତମାନ ୧୦ ଗ୍ରାମ ପିଛା ୨୨ କ୍ୟାରଟ ସୁନା ମୂଲ୍ୟ ୭୮,୭୭୪ ଟଙ୍କା ଏବଂ ୧୮ କ୍ୟାରଟ ପିଛା ୬୪,୪୯୯ ଟଙ୍କା ରହିଛି। ଏହିପରି ଭାବେ ଚଳିତ ବର୍ଷ ଜାନୁଆରୀ ୧ରୁ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟ ୯,୮୩୬ ଟଙ୍କା ବୃଦ୍ଧି ପାଇଲାଣି।

ଅନ୍ୟପଟେ ଗତ ଶନିବାର ରୁପା କେଜି ୯୫,୩୯୧ ଟଙ୍କା ଥିଲା। ଏବେ ଏହା ୯୭,୯୫୩ ଟଙ୍କାରେ ପହଞ୍ଚି ଯାଇଛି। ଚଳିତ ବର୍ଷ ପ୍ରାରମ୍ଭରୁ ଏ ପର୍ଯ୍ୟନ୍ତ ରୁପା ୧୧,୯୩୬ ଟଙ୍କା ବୃଦ୍ଧି ପାଇଲାଣି। ସୂଚନାଯୋଗ୍ୟ ଯେ ଗତ ବର୍ଷ ଅକ୍ଟୋବର ୨୩ରେ ରୁପା ସର୍ବୋଚ୍ଚସ୍ତର (୯୯,୧୫୧ ଟଙ୍କା) ଛୁଇଁଥିଲା। ସେହିପରି ଗତ ୭ ତାରିଖରେ ସୁନା ମୂଲ୍ୟ ରେକର୍ଡସ୍ତରରେ ପହଞ୍ଚି ଥିଲା।


# ଚାମ୍ପିଅନ୍ସ ଟ୍ରଫି ଲାଗି ଡକେଟ୍ଟ ଫିଟ୍



**ଲଣ୍ଡନ, ୧୫।୨ (ଏଜେନ୍ସି):** ଆଗାମୀ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଇଂଲଣ୍ଡ ଦଳ ପାଇଁ ଖୁସି ଖବର। ବାମହାତୀ ଓପନର୍ ବେନ୍ ଡକେଟ୍ଟ ଫିଟ୍ ଘୋଷିତ ହୋଇଛନ୍ତି। ଫଳରେ ପାକିସ୍ତାନ ଓ ୟୁଏଇରେ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫିରେ ସେ ଇଂଲଣ୍ଡ ପକ୍ଷରୁ ଖେଳିବେ। ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ଅହମ୍ମଦାବାଦ୍‌ରେ ଭାରତ ବିପକ୍ଷ ଏକଦିବସୀୟ ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବାବେଳେ ଡକେଟ୍ଟଙ୍କ ଜଂଘରେ ଆଘାତ ଲାଗିଥିଲା। ଏହି ସିରିଜରେ ଡକେଟ୍ଟ ଭ୍ରମଣକାରୀ ଦଳ ପାଇଁ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଥିଲେ। ସେ ୩ଟି ମ୍ୟାଚ୍‌ରେ ୪୩.୬୬ ଆଭରେଜରେ ମୋଟ୍ ୧୩୧ ରନ କରିଥିଲେ।

ଜୋଶ୍ ବଟଲରଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ଦଳ ଫେବୃଆରୀ ୧୮ରେ ପାକିସ୍ତାନରେ ପହଞ୍ଚିବ। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଇଂଲଣ୍ଡ ଫେବୃଆରୀ ୨୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଏହି ମିନି ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ଏହାପରେ ୨୬ରେ ଆଫଗାନିସ୍ତାନ ଓ ମାର୍ଚ୍ଚ ୧ରେ ଦକ୍ଷିଣ ଆଫ୍ରିକା ସହ ଅନ୍ତିମ ଗ୍ରୁପ୍ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

# ୧୬ ବର୍ଷର ଜାତୀୟ ରେକର୍ଡ ଭାଙ୍ଗିଲେ ଗୁଲ୍‌ବୀର



**ନୂଆଦିଲ୍ଲୀ, ୧୫।୨ (ଏଜେନ୍ସି):** ହାଙ୍ଗଝୋଉ ଏସୀୟ କ୍ରୀଡ଼ା କାଂସ୍ୟ ପଦକ ବିଜେତା ଗୁଲ୍‌ବୀର ସିଂହ ୩୦୦୦ ମିଟର ପୁରୁଷ ଇଣ୍ଡୋର ରେସ୍‌ରେ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଆମେରିକାର ବୋଷ୍ଟନରେ ଅନୁଷ୍ଠିତ ବିୟୁ ଡେଭିଡ୍ ହେମେରୀ ଭାଲେଣ୍ଟାଇନ ଆମନ୍ତ୍ରଣୀୟ ପ୍ରତିଯୋଗିତାରେ ୨୬ ବର୍ଷୀୟ ଗୁଲ୍‌ବୀର ୭ ମିନିଟ୍ ୩୮.୨୬ ସେକେଣ୍ଡରେ ୩୦୦୦ ମିଟର ରେସ୍‌କୁ ଫିନିଶ କରିଥିଲେ। ଯାହାକି ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା ହୋଇଛି। ୨୦୦୮ରେ ସୁରେନ୍ଦର ସିଂହ ଏହି ଦୂରତାକୁ ୭ ମିନିଟ୍ ୪୯.୪୭ ସେକେଣ୍ଡରେ ଫିନିଶ କରି ୧୬ ବର୍ଷ ଧରି ଜାତୀୟ ରେକର୍ଡର ଅଧିକାରୀ ରହିଥିଲେ। ଉଲ୍ଲେଖଯୋଗ୍ୟ, ଗୁଲବୀରଙ୍କ ନାମରେ ପୂର୍ବରୁ ଉଭୟ ୫୦୦୦ ଓ ୧୦ ହଜାର ମିଟର ଇଣ୍ଡୋର ରେସରେ ଜାତୀୟ ରେକର୍ଡ ରହିଛି। ୨୦୨୩ରେ ସେ ଉଭୟ ୫୦୦୦ ମିଟର (୧୩:୧୧.୮୨) ଓ ୧୦ ହଜାର ମିଟର (୨୭:୧୪.୮୮) ଇଣ୍ଡୋର ରେସ୍‌ରେ ଜାତୀୟ ରେକର୍ଡ କରିଥିଲେ।

## ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ୧୯ରୁ

# ଦୁବାଇରେ ପହଞ୍ଚିଲେ ଭାରତୀୟ ଦଳ





**ଦୁବାଇ, ୧୫।୨(ଏଜେନ୍ସି):** ପାକିସ୍ତାନ ଓ ଦୁବାଇରେ ଖେଳାଯିବାକୁ ଥିବା ଚଳିତ ସଂସ୍କରଣର ଚାମ୍ପିଅନ୍ସ ଟ୍ରଫିରେ ଅଂଶଗ୍ରହଣ କରିବା ଲାଗି ଭାରତୀୟ କ୍ରିକେଟ ଦଳ ଶନିବାର ଏଠାରେ ପହଞ୍ଚିଛନ୍ତି। ମୁମ୍ବଇରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଏକସଙ୍ଗେ ଆସିଛନ୍ତି। ଏହି ସଂସ୍କରଣ ଆୟୋଜନ କରିବାକୁ ପାକିସ୍ତାନ ଅଧିକାର ପାଇଥିଲା। କିନ୍ତୁ ପାକିସ୍ତାନ ଯିବାକୁ ଭାରତ ସରକାର ଅନୁମତି ନ ଦେବାରୁ ହାଇବ୍ରିଡ୍ ମଡେଲରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ ନିଷ୍ପତ୍ତି ନେଇଥିଲା। ଏହା ଫଳରେ ଭାରତ ତାହାର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ ବୋଲି ନିଷ୍ପତ୍ତି ହୋଇଥିଲା। ପାକିସ୍ତାନର କରାଚିରେ ପାକିସ୍ତାନ-ନ୍ୟୁଜିଲାଣ୍ଡ ମୁକାବିଲାରୁ ଏହି ଟୁର୍ଣ୍ଣାମେଣ୍ଟ ଚଳିତମାସ ୧୯ରୁ ଆରମ୍ଭ ହେବ। ଦିନିକିଆ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ୮ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ଏହି ଦେଶଗୁଡ଼ିକ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ଭାରତ ସହ ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ସ୍ଥାନ ପାଇଛନ୍ତି। ଅନ୍ୟ ଗ୍ରୁପ୍ ବା ବି'ରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନକୁ ସ୍ଥାନ ମିଳିଛି। ଗ୍ରୁପ-ଏ'ରେ ଭାରତ ତାହାର ପ୍ରଥମ ମ୍ୟାଚ୍ ବାଂଲାଦେଶ ସହ ଫେବୃଆରୀ ୨୦ ବା ଗୁରୁବାର ଖେଳିବ। ଏହା ପରେ ଫେବୃଆରୀ ୨୩ ବା ରବିବାର ପାକିସ୍ତାନ ସହ ହାଇଭୋଲ୍ଟେଜ ମୁକାବିଲା ଅନୁଷ୍ଠିତ ହେବ। ଭାରତ ତାହାର ଶେଷ ଲିଗ୍ ମ୍ୟାଚ୍ ନ୍ୟୁଜିଲାଣ୍ଡ ସହ ଖେଳିବ। ଏହି ମ୍ୟାଚ୍‌ଟି ମାର୍ଚ୍ଚ ୨ ତାରିଖ ରବିବାର ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଗୁଡ଼ିକ ରାଉଣ୍ଡ ରବିନ ଫର୍ମାଟରେ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଭାରତ ଯଦି ସେମିଫାଇନାଲ କିମ୍ବା ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରେ, ତେବେ ଦୁବାଇରେ ସମସ୍ତ ମ୍ୟାଚ୍ ଗୁଡ଼ିକ ଖେଳିବ। ମାର୍ଚ୍ଚ ୪ ଓ ୫ରେ ସେମିଫାଇନାଲ ଓ ମାର୍ଚ୍ଚ ୯ରେ ଫାଇନାଲ ଖେଳାଯିବ। ଗ୍ରୁପ୍‌ରେ ପୋଜିସନ ଯାହା ହେଲେ ମଧ୍ୟ ଭାରତ ମାର୍ଚ୍ଚ ୪, ଦୁବାଇରେ ସେମିଫାଇନାଲ ଖେଳିବ।

### ଭାରତର ଖେଳସୂଚୀ

| | | |
|---|---|---|
| ୨୦।୨ | : | ବନାମ ବାଂଲାଦେଶ |
| ୨୩।୨ | : | ବନାମ ପାକିସ୍ତାନ |
| ୨।୩ | : | ବନାମ ନ୍ୟୁଜିଲାଣ୍ଡ |
| ମାର୍ଚ୍ଚ ୪ ଓ ୫ | : | ସେମିଫାଇନାଲ |
| ମାର୍ଚ୍ଚ ୯ | : | ଫାଇନାଲ |

### ଗୋଟିଏ ଲକ୍ଷ୍ୟ ଟାଇଟଲ ହାସଲ

ରୋହିତ ଶର୍ମାଙ୍କ ନେତୃତ୍ୱରେ ଗଠିତ ଭାରତୀୟ କ୍ରିକେଟ ଦଳର ଗୋଟିଏ ଲକ୍ଷ୍ୟ ହେଉଛି ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିବା। ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଦୁଇଥର ଚାମ୍ପିଅନ ଓ ଥରେ ରନର୍ସ ଅପ୍ ହୋଇଛି। କିନ୍ତୁ ୨୦୨୩ରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ସତ୍ତ୍ୱେ ଘରୋଇ ମାଟିରେ ଅଷ୍ଟ୍ରେଲିଆ ନିକଟରୁ ଫାଇନାଲରେ ହାରି ରନର୍ସ ଅପ୍ ହେବା, ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ଓ ବିଦେଶରେ ଅଷ୍ଟ୍ରେଲିଆ ନିକଟରୁ ଟେଷ୍ଟ ସିରିଜ୍ ହାରିଯିବା ପରେ ଭାରତର ସମ୍ମାନ ଓ ରେଟିଂ ଢ଼େର କମିଯାଇଛି। ଏହାକୁ ଫେରାଇଆଣିବା ଲାଗି ଭାରତ ନିକଟରେ ଚାମ୍ପିଅନ୍ସ ଟ୍ରଫି ଜିତିବା ନିହାତି ଆବଶ୍ୟକ ହୋଇ ପଡ଼ିଛି। ଏହା କିନ୍ତୁ ଏତେଟା ସହଜ ହୋଇ ନ ଥିବାରୁ ଦଳକୁ ଉନ୍ନତ ପ୍ରଦର୍ଶନ ଦେବାକୁ ହେବ।

ଶନିବାର ମୁମ୍ବଇରେ ଭାରତୀୟ ଖେଳାଳିମାନେ ଏକତ୍ର ହୋଇଥିଲେ। ଦୁଇ ସୁପରଷ୍ଟାର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ସମେତ ସମସ୍ତ ଖେଳାଳି ଏକତ୍ରିତ ହୋଇଥିଲେ। ସମସ୍ତଙ୍କ ପଛରେ ହାର୍ଦ୍ଦିକ ପାଣ୍ଡ୍ୟା ଆସିଥିଲେ। ଏହା ପରେ ହେଡ୍ କୋଚ୍ ଗୌତମ ଗମ୍ଭୀର, ବୋଲିଂ କୋଚ୍ ମର୍ଣ୍ଣ ମୋର୍କେଲ, ଫିଲ୍ଡିଂ କୋଚ୍ ଟି ଦିଲୀପ, ସହକାରୀ କୋଚଥ ର୍ୟାନ୍ ଟେନ୍ ଡୋଶ୍ଚେଟ୍ ମଧ୍ୟ ଦଳ ସହ ଯାଇଥିଲେ।

### ଭାରତୀୟ ଦଳ

ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ, ଋଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ହର୍ଷିତ ରାଣା , ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ, ମହମ୍ମଦ ସାମି ଓ ବରୁଣ ଚକ୍ରବର୍ତ୍ତୀ।

### ଆଇସିସି ଦିନିକିଆ ର୍ୟାଙ୍କିଂ

## ଚତୁର୍ଥ ସ୍ଥାନକୁ ଉଠିଲା ନ୍ୟୁଜିଲାଣ୍ଡ

**ଦୁବାଇ:** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦିନିକିଆ ମାନ୍ୟତାରେ ନ୍ୟୁଜିଲାଣ୍ଡ ଚତୁର୍ଥ ସ୍ଥାନକୁ ଉଠିଛି। ଅନ୍ୟପଟେ ଭାରତ ପୂର୍ବପରି ଶୀର୍ଷସ୍ଥାନରେ ସ୍ଥିର ରହିଛି। ସଦ୍ୟ ସମାପ୍ତ ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାର ଫାଇନାଲରେ ପାକିସ୍ତାନକୁ ପରାସ୍ତ କରି ଚାମ୍ପିଅନ ହେବା ସହ ନ୍ୟୁଜିଲାଣ୍ଡର ରେଟିଂ ପଏଣ୍ଟ ୧୦୦ରୁ ୧୦୫ରେ ପହଞ୍ଚିଛି। ଶୃଙ୍ଖଳାରେ ନ୍ୟୁଜିଲାଣ୍ଡ ଅପରାଜେୟ ରହିବା ସହ ଉନ୍ନତି କରିଛି। ଭାରତ ୧୧୯ ରେଟିଂ ପଏଣ୍ଟ ସହ ଶୀର୍ଷରେ ରହିଥିବା ବେଳେ ପାକିସ୍ତାନ ୧୦୭ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ସେହିପରି ଶ୍ରୀଲଙ୍କାଠାରୁ ଦିନିକିଆ ସିରିଜରେ ୦-୨ରେ ପରାସ୍ତ ହୋଇଥିଲେ ମଧ୍ୟ ଅଷ୍ଟ୍ରେଲିଆ ୧୧୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ସେହିପରି ଦକ୍ଷିଣ ଆଫ୍ରିକା ୧୦୦ ପଏଣ୍ଟ ସହ ୫ମ ସ୍ଥାନରେ ରହିଛି। ଶ୍ରୀଲଙ୍କା ୯୯ ପଏଣ୍ଟ ସହ ୬ଷ୍ଠ, ଇଂଲଣ୍ଡ ୯୨ ପଏଣ୍ଟ ସହ ୭ମ ସ୍ଥାନରେ ରହିଛି।

# ଡୋପିଂ ବ୍ୟାନ୍‌କୁ ସ୍ୱୀକାର କଲେ ନଂ୧ ଖେଳାଳି ସିନର

**ଲଣ୍ଡନ,୧୫।୨(ଏଜେନ୍ସି):** ବିଶ୍ୱର ୧ ନଂ ଟେନିସ ଖେଳାଳି ଇଟାଲୀର ଜାନିକ ସିନର ଡୋପ୍ ଟେଷ୍ଟରେ ବିଫଳ ହେବା ସହ ୩ ମାସର ବାସନ୍ଦାଦେଶକୁ ସ୍ୱୀକାର କରିଛନ୍ତି। ସିନର ନିଜର ଦୋଷ ସ୍ୱୀକାର କରିଛନ୍ତି। ତେଣୁ ତାଙ୍କ ଉପରେ ୩ ମାସର ବାସନ୍ଦାଦେଶ ଲାଗୁ କରାଗଲା ବୋଲି ବିଶ୍ୱ ନିଶା ନିବାରଣ ସଂସ୍ଥା (ୱାଡା) ତରଫରୁ ଏକ ବିବୃତ୍ତିରେ କୁହାଯାଇଛି। ସିନର ଗତମାସରେ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଚାମ୍ପିଅନ ହେବା ସହ ଟାଇଟଲ ବଜାୟ ରଖିଥିଲେ।

୨୩ ବର୍ଷୀୟ ଜାନିକ ସିନର ଦୁଇଟି ଅଷ୍ଟ୍ରେଲିଆନ୍ ଓପନ୍ ସହ ଗୋଟିଏ ୟୁଏସ୍ ଓପନ୍ ଟାଇଟଲ ହାସଲ କରିଛନ୍ତି। ୱାଡାର ଦୁଇଟି ଯାଞ୍ଚ ଟେଷ୍ଟରେ ସିନର ବିଫଳ ହୋଇଥିଲେ ମଧ୍ୟ ଅନ୍ତର୍ଜାତୀୟ ଟେନିସ ମହାସଂଘ ତାଙ୍କୁ ବାସନ୍ଦ କରି ନଥିଲା। ଫଳରେ ୱାଡା କୋର୍ଟ ଅଫ୍ ଅର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ର ଦ୍ୱାରସ୍ଥ ହୋଇଥିଲା। ଏହାର ଶୁଣାଣି ଆଗାମୀ ଏପ୍ରିଲରେ ଥିଲା। କିନ୍ତୁ ଇତିମଧ୍ୟରେ ୱାଡା ଓ ସିନରଙ୍କ ମଧ୍ୟରେ ବୁଝାମଣା ହୋଇଥିଲା ଓ ସେ ଡୋପିଂ ବ୍ୟାନ୍‌କୁ ସ୍ୱୀକାର କରିଥିଲେ। ଏହି ବାସନ୍ଦ ଅବଧି ଫେବୃଆରୀ ୯ରୁ ଲାଗୁ ହୋଇଛି ଓ ଏହା ମେ ୪ରେ ଶେଷ ହେବ। ତେଣୁ ମେ ୨୫ରୁ ଆରମ୍ଭ ହେବାକୁ ଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ ଓ ମେ ୭ରୁ ଆରମ୍ଭ ହେବାକୁ ଥିବା ଇଟାଲିଆନ୍ ଓପନ୍ ଖେଳିବାର ସିନରଙ୍କ ପାଇଁ କୌଣସି ସମସ୍ୟା ରହିବନାହିଁ। ତେବେ ସିନର ଇଣ୍ଡିଆନ ୱେଲ୍ସ, ମିଆମି, ମୋଣ୍ଟେ କାର୍ଲୋ ଓ ମାଦ୍ରିଦ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହେବେ। ଏଟିପି ର୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନରେ ରହିଥିବା ସିନର ଏପର୍ଯ୍ୟନ୍ତ ୧୯ଟି ଟାଇଟଲ ଜିତିଛନ୍ତି ଓ ସେ କ୍ୟାରିଅରରେ ୨୭୦ଟି ମ୍ୟାଚ୍ ଜିତିଥିବା ବେଳେ ୮୦ଟି ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ଗତବର୍ଷ ସେ ଅଷ୍ଟ୍ରେଲିଆନ ଓ ୟୁଏସ୍ ଓପନ ଓ ଚଳିତ ବର୍ଷ ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ହାସଲ କରିଛନ୍ତି।



### ୱାଡାର ଦୁଇଟି ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ

### ବ୍ୟାଡ୍‌ମିଣ୍ଟନ ଏସିଆ ମିକ୍ସଡ ଟିମ୍ ଚାମ୍ପିଅନସିପ୍

# କ୍ୱାର୍ଟରରେ ଜାପାନଠୁ ହାରିଲା ଭାରତ

**କିଙ୍ଗ୍‌ଦାଓ,୧୫।୨(ଏଜେନ୍ସି):** ଚୀନ୍‌ର କିଙ୍ଗ୍‌ଦାଓଠାରେ ଚାଲିଥିବା ବ୍ୟାଡମିଣ୍ଟନ ଏସିଆ ମିକ୍ସଡ ଟିମ୍ ଚାମ୍ପିଅନସିପ୍‌ରେ ଭାରତ କ୍ୱାର୍ଟରଫାଇନାଲରେ ପରାସ୍ତ ହୋଇଛି। ଭାରତ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରି ଏକ ଦ୍ୱିତୀୟସ୍ତରର ଜାପାନ ଦଳଠାରୁ ୦-୩ରେ ପରାସ୍ତ ହୋଇ ବିଦାୟ ନେଇଛି। ଜାପାନ ଦଳରେ ତା'ର ଶ୍ରେଷ୍ଠ ଏକକ ଓ ଯୁଗଳ ଖେଳାଳିମାନେ ଖେଳି ନଥିଲେ ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ବିଶ୍ୱର ୩୭ ନଂ ଯୋଡି ଭାରତର ଧ୍ରୁବ କପିଳ ଓ ତନିଶା କ୍ରାଷ୍ଟୋ ୧୩-୨୧, ୨୧-୧୭, ୨୧-୧୩ରେ ବିଶ୍ୱର ୧୨ ନଂ ଯୋଡି ଜାପାନର ହିରୋକି ମିଦୋରିକାୱା ଓ ନାତସୁ ସାଇଟୋଙ୍କଠାରୁ ପରାସ୍ତ ହୋଇଥିଲେ। ସେହିପରି ଏକକରେ ଭାରତର ମାଳବିକା ବାନସୋଦ ୧୨-୨୧, ୧୯-୨୧ରେ ତୋମୋକା ମିୟଜାକିଙ୍କଠାରୁ ପରାସ୍ତ ହୋଇଥିଲେ। ଅନ୍ୟପଟେ ଭାରତୀୟ ପୁରୁଷ ଅଭିଜ୍ଞ ଖେଳାଳି ଏଚ୍‌ଏସ୍ ପ୍ରଣୟ ୧୪-୨୧, ୨୧-୧୫, ୧୨-୨୧ରେ କେଣ୍ଟା ନିଶିମୋଟୋଙ୍କଠାରୁ ପରାସ୍ତ ହୋଇଥିଲେ। ଫଳରେ ଭାରତ କୌଣସି ମ୍ୟାଚ୍ ଜିତି ନପାରି ୦-୩ରେ ପରାସ୍ତ ହୋଇଥିଲା।



### କତାର ଓପନ୍ ଟେନିସ୍

# ଅନିସିମୋଭା- ଓଷ୍ଟାପେଙ୍କୋ ଫାଇନାଲ

**କତାର,୧୫।୨(ଏଜେନ୍ସି):** ଏଠାରେ ଚାଲିଥିବା କତାର ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଆମେରିକାର ଅମଣ୍ଡା ଅନିସିମୋଭା ଓ ଲାଟଭିଆର ଜେଲେନା ଓଷ୍ଟାପେଙ୍କୋ ପରସ୍ପରକୁ ଭେଟିବେ। ସେମିଫାଇନାଲରେ ଅନିସିମୋଭା ୬-୩, ୬-୩ ସିଧାସଳଖ ସେଟ୍‌ରେ ରୁଷିଆର ଏକାଟେରିନା ଆଲେକଜାଣ୍ଡ୍ରୋଭାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ଓଷ୍ଟାପେଙ୍କୋ ୬-୩, ୬-୧ ସିଧାସଳଖ ସେଟ୍‌ରେ ଦ୍ୱିତୀୟ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍‌ଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ଫାଇନାଲ ଟିକେଟ ହାସଲ କରିଥିଲେ। ମହିଳା ଯୁଗଳ ପ୍ରତଯୋଗିତାରେ ଇଟାଲୀର ତୃତୀୟ ସିଡ୍ ଯୋଡି ଜସମିନ ପାଓଲିନି ଓ ସାରା ଇରାନୀ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଏହି ଯୋଡି ୭-୫, ୭-୬ ସିଧାସଳଖ ସେଟ୍‌ରେ ଚୀନର ଜିଆଙ୍ଗ ଜିନ୍‌ୟୁ ଓ ତାଇୱାନର ଉ ଫାଙ୍ଗ୍- ସିଏନଙ୍କୁ ପରାସ୍ତ କରିଛନ୍ତି।

### ଟିଲୋ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ୟୁନିଅନ ସ୍ପୋର୍ଟିଂ-ସାପିଏନ୍ସ ଫାଇନାଲ

**ବନ୍ତ/ଆଗରପଡ଼ା,୧୫।୨(ସମିସ):** କଟକର ୟୁନିଅନ ସ୍ପୋର୍ଟିଂ ଓ ଗୁଡଗାଓଁର ସାପିଏନ୍ସ ଟିମ୍ ମଧ୍ୟରେ ୨୯ତମ ଟିଲୋ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଖେଳାଯିବ। ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମରେ ଟିଲୋ ଆଥେଲେଟିକ୍ ଆସୋସିଏସନ ଦ୍ୱାରା ଶନିବାର ଆୟୋଜିତ ଦ୍ୱିତୀୟ ସେମିଫାଇନାଲରେ ସାପିଏନ୍ସ ମାତ୍ର ୭ ରନ୍‌ରେ ବେଙ୍ଗାଲୁରୁର କାନାଡା ବ୍ୟାଙ୍କ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କଟକ ୟୁନିଅନ ସ୍ପୋର୍ଟିଂ ୧୪ ରନରେ ରାଜସ୍ଥାନର ୱଣ୍ଡର ସିମେଣ୍ଟକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଆସନ୍ତାକାଲି ବା ରବିବାର ସାପିଏନ୍ସ ଓ ୟୁନିଅନ ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ବିଜୟୀ ସାପିଏନ୍ସ ଦଳର ଶିବା ସିଂଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।




ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସାପିଏନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୭୮ ରନ୍ କରିଥିଲା। ଦଳ ପକ୍ଷରୁ ଶ୍ରେଷ୍ଠ ଖେଳାଳି ବିବେଚିତ ଶିବା ସିଂ ୬୧ ବଲ୍‌ରେ ୮୦ ରନ୍ କରିଥିଲା। ଏହା ମଧ୍ୟରେ ୨ଟି ଚୌକା ଓ ୬ଟି ବିଶାଳ ଛକା ସାମିଲ ଥିଲା। ଶୁଭମ ଗରୱାଲ ୨୧ରନ୍‌ର ଯୋଗଦାନ ଦେଇଥିଲାବେଳେ ପ୍ରତିପକ୍ଷ ବୋଲୀ ଦୀପରାଗ ଗାଁଓକରଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଥିଲା। ଜବାବରେ ୧୭୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଖେଳିଥିବା କାନାଡ଼ା ବ୍ୟାଙ୍କ୍ ସମାନ ସଂଖ୍ୟକ ଓଭର ଖେଳି ୬ ୱିକେଟରେ ୧୭୧ ରନ୍ କରିବାକୁ ସମର୍ଥ ହୋଇଥିଲା। ଭେଟେରାନ ବ୍ୟାଟର ଭରତ ଚିପ୍‌ଲି ୩୧ ବଲ୍‌ରୁ ୫୭, କେଭି ସିଦ୍ଧାର୍ଥ ୨୯ ବଲ୍‌ରେ ୩୯ ରନ୍ କରିଥିଲେ ମଧ୍ୟ ବିଜୟ ଲାଗି ତାହା ପର୍ଯ୍ୟାପ୍ତ ହୋଇପାରି ନ ଥିଲା। ବିଜୟୀ ସାପିଏନ୍ସର ମୟଙ୍କ ରାୱତ୍‌ଙ୍କୁ ୨ଟି ୱିକେଟ ମିଳିଥିଲା। ଏହି ମ୍ୟାଚ୍ ପରିଚାଳନା କରିଥିଲେ ବିଭୁପ୍ରସାଦ ମିଶ୍ର ଓ ରଞ୍ଜନ ମହାନ୍ତି। ମ୍ୟାଚ ରେଫରି ଭାବେ ପୂର୍ଣ୍ଣେନ୍ଦୁ ଜେନା ଦାୟିତ୍ୱ ନିର୍ବାହ କରିଥିଲେ।

ଖେଳଶେଷରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ଯନ୍ତ୍ରୀ ପ୍ରଶାନ୍ତ ପୃଷ୍ଟି, ଲଣ୍ଡନରେ ବସବାସ କରୁଥିବା ଇଂ ତରୁଣ ଦାସ, ଯୁବନେତା ହୃଦୟ ମହାପାତ୍ର, ଓଡଙ୍ଗ ସରପଞ୍ଚଙ୍କ ପ୍ରତିନିଧି ଚିନ୍ମୟ ଦାସ, ଇଂ ପ୍ରସେନଜିତ୍ ରାଜ, ରମାକାନ୍ତ ପାଣିଗ୍ରହାହୀ, ଶଙ୍କର୍ଷଣ ଧଳ ଓ ଅନିନ୍ଦିତା ଦାସ ଅତିଥିଭାବେ ଯୋଗଦେଇଥିଲେ।

# ସୁଟର୍ ଜିତୁ ରାଏ, ଯଶପାଲ୍‌ଙ୍କୁ କୋଚ୍ ଦାୟିତ୍ୱ

**ନୂଆଦିଲ୍ଲୀ, ୧୫।୨ (ଏଜେନ୍ସି):** ଭାରତର ଜଣାଶୁଣା ଶୁଟର୍ ଜିତୁ ରାଏଙ୍କୁ ଏବେ ନୂଆ ଭୂମିକାରେ ଦେଖିବାକୁ ମିଳିବ। ନ୍ୟାସନାଲ ରାଇଫଲ୍ ଆସୋସିଏସନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ପକ୍ଷରୁ ୩୭ ବର୍ଷୀୟ ଜିତୁଙ୍କୁ ଭାରତୀୟ ୧୦ ମିଟର ଏୟାର ପିସ୍ତଲ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ପୂର୍ବତନ ବିବାଦୀୟ ସୁଟର୍ ଯଶପାଲ୍ ରାଣାଙ୍କୁ ମଧ୍ୟ ୨୫ ମିଟର ପିସ୍ତଲ ଇଭେଣ୍ଟର ହାଇପରଫର୍ମାନ୍ସ କୋଚ୍ ଭାବେ ଏନ୍‌ଆର୍‌ଏଆଇ ନିଯୁକ୍ତି ଦେଇଛି। ରାଣା ଏବେ ହାଇପରଫର୍ମାନ୍ସର ଅନ୍ୟ କୋଚ୍ ଡିଏସ୍ ଚାଣ୍ଡେଲ (ଏୟାର ରାଇଫଲ), ଅନୱର ସୁଲତାନ (ଟ୍ରାପ୍) ଓ ମନୋଜ କୁମାର (୫୦ ମିଟର)ଙ୍କ ମିଶି କାର୍ଯ୍ୟ କରିବେ।



ଜିତୁ ରାଏ

ଅପରପକ୍ଷରେ ଗତ ମାସରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଜିତିଥିବା ଦୀପାଳି ଦେଶପାଣ୍ଡେଙ୍କୁ ରାଇଫଲ୍ ଇଭେଣ୍ଟର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ ଦିଆଯାଇଛି। ସେହିଭଳି ବିକ୍ରମ ଚୋପ୍ରାଙ୍କୁ ସଟ୍‌ଗନ୍ ଇଭେଣ୍ଟ ଓ ସମସେର୍ ଜଙ୍ଗ୍‌ଙ୍କୁ ପିସ୍ତଲ ପ୍ରତିଯୋଗିତାର ପ୍ରଶିକ୍ଷକ ଦାୟିତ୍ୱ ମିଳିଛି।

ଉଲ୍ଲେଖଯୋଗ୍ୟ, ନ୍ୟାସନାଲ ରାଇଫଲ୍ ଆସୋସିଏସନ ଅଫ୍ ଇଣ୍ଡିଆ ଜାତୀୟ ସୁଟିଂର ବିଭିନ୍ନ ଇଭେଣ୍ଟ ଲାଗି ୧୬ଜଣ କୋଚ୍‌ଙ୍କୁ ନିଯୁକ୍ତ କରିଛି। ଏହାବାଦ୍ ଗତବର୍ଷ ହକି ଇଣ୍ଡିଆର ସିଇଓ ପଦରୁ ଇସ୍ତଫା ଦେଇଥିବା ଏଲିନା ନର୍ମାନଙ୍କୁ ଆଗାମୀ ସୁଟିଂ ଲିଗ୍ ଅଫ୍ ଇଣ୍ଡିଆ (ଏସ୍‌ଏଲ୍‌ଆଇ)ର ପରାମର୍ଶଦାତା ଭାବେ ମଧ୍ୟ ଦାୟିତ୍ୱ ଦିଆଯାଇଛି।

### ଏଲିନା ନର୍ମାନ ହେଲେ ଏସ୍‌ଏଲ୍‌ଆଇର ପରାମର୍ଶଦାତା



## କଳିଙ୍ଗରେ ଏଫ୍ଆଇଏଚ୍ ପ୍ରୋ ଲିଗ୍ ଆରମ୍ଭ

# ଭାରତୀୟ ମହିଳା ଦଳର ରୋମାଞ୍ଚକ ବିଜୟ


ବିଜୟୀ ଭାରତୀୟ ମହିଳା ଦଳ


ବିଜୟୀ ସ୍ପେନ ମହିଳା ଦଳ

ଭୁବନେଶ୍ୱର, ୧୫।୨ (ସମିସ):

ଉପଅଧିନାୟିକା ନଭନୀତ କୌରଙ୍କ ଶେଷ ମୁହୂର୍ତ୍ତ ଗୋଲ ବଳରେ ଭାରତୀୟ ଲେଗ୍‌ର ମହିଳା ପ୍ରୋ-ଲିଗ୍‌ରେ ଭାରତୀୟ ଦଳ ୩-୨ ଗୋଲରେ ଇଂଲଣ୍ଡକୁ ପରାସ୍ତ କରି ରୋମାଞ୍ଚକ ବିଜୟ ହାସଲ କରିଛି। ଏହି ମୁକାବିଲାରେ ଆରମ୍ଭରୁ ଶେଷଯାଏ ଉଭୟ ପ୍ରତିଦ୍ୱନ୍ଦ୍ୱୀ ଦଳ କଡା ଟକ୍କର ଦେଇଥିଲେ। ଯାହା ଫଳରେ କେହି କାହାରିକୁ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ। ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ବୈଷ୍ଣବୀ ବିଠଲ ଫାଲ୍‌କେ, ଦୀପିକା ଓ ନଭନୀତ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଇଂଲଣ୍ଡର ଡାର୍ସି ବୋର୍ଣ୍ଣ ଓ ଫିଓନା କ୍ରାକଲ୍ସ ଗୋଟିଏ ଲେଖାଏଁ ଗୋଲ ଶୁଝାଇଥିଲେ। ପୂର୍ବରୁ ଖେଳାଯାଇଥିବା ଅନ୍ୟ ଏକ ମହିଳା ମୁକାବିଲାରେ ଜର୍ମାନୀକୁ ହରାଇ ସ୍ପେନ୍ ବିପର୍ଯ୍ୟୟ ସୃଷ୍ଟି କରିଛି। ଆସନ୍ତାକାଲି ଦ୍ୱିତୀୟ ଥର ସମାନ ଦଳ ଗୁଡିକ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ମୁକାବିଲାଟି ଆରମ୍ଭରୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଭାରତୀୟ ଦଳ ଆରମ୍ଭରୁ ଆକ୍ରମଣ କରିବା ଫଳରେ ଦଳ ୬ଷ୍ଠ ମିନିଟ୍‌ରେ ପ୍ରଥମ ପେନାଲ୍ଟି କର୍ଣ୍ଣର ପାଇଥିଲା। ଏହାକୁ ମନୀଷା ଚୌହାନ ସଟ୍ ମାରିଥିଲାବେଳେ ତାହାକୁ ଇଂଲଣ୍ଡର ଟେସା ହାୱାର୍ଡ ଅଟକାଇଦେଇଥିଲେ। କିନ୍ତୁ ବଲ୍‌ଟି ରିବାଉଣ୍ଡ ହୋଇ ସୁଶିଲା ଚାନୁଙ୍କ ନିକଟରେ ପହଞ୍ଚିଥିଲା। ଚାନୁ ବଲ୍‌କୁ ବୈଷ୍ଣବୀ ଫାଲ୍‌କେଙ୍କ ନିକଟକରୁ ପାସ୍ ଦେଇଥିଲେ। ବୈଷ୍ଣବୀ ତାହାକୁ ଚତୁରତାର ସହ ପୋଷ୍ଟକୁ ପଠାଇ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। କିନ୍ତୁ ରିଭ୍ୟୁ ପରେ ଅମ୍ପାୟାର ଏହାକୁ ଗୋଲ ଦେଇଥିଲେ। ଦ୍ୱାଦଶ ମିନିଟ୍‌ରେ ଇଂଲଣ୍ଡ ମଧ୍ୟ ସମାନ ଢ଼ଙ୍ଗରେ ପେନାଲ୍ଟି କର୍ଣ୍ଣରରୁ ଗୋଲ ଶୁଝାଇଦେଇଥିଲା। ଡାର୍ସି ଏହି ଗୋଲଟିକୁ ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟରଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଖେଳା ୨୫ତମ ମିନିଟ୍‌ରେ ଭାରତକୁ ଦ୍ୱିତୀୟ ପେନାଲ୍ଟି କର୍ଣ୍ଣର ମିଳିଥିଲା। ପ୍ରତିଭାବାନ ଯୁବ ଖେଳାଳି ଦୀପିକା ଏହାକୁ ଗୋଲରେ ପରିଣତ କରି ଭାରତକୁ ପ୍ରଥମାର୍ଦ୍ଧ ଖେଳ ସୁଦ୍ଧା ୨-୧ ଗୋଲରେ ଅଗ୍ରଣୀ କରାଇଥିଲେ।

ଖେଳର ତୃତୀୟ କ୍ୱାର୍ଟରରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଖେଳର ୫୭ ମିନିଟ୍ ସୁଦ୍ଧା ଭାରତ ୨-୧ରେ ଆଗୁଆ ରହିଥିଲା। ଗୋଲ ଶୁଝାଇବାକୁ ଇଂଲଣ୍ଡ ଏହି କ୍ୱାର୍ଟରରେ ବାରମ୍ବାର ଆକ୍ରମଣ କରିଥିଲା। ଏପରିକି ଦଳ ୩ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଭାରତ ତାହାକୁ ବ୍ୟର୍ଥ କରିଦେଇଥିଲା। ଶେଷରେ ଇଂଲଣ୍ଡ ଚାପ ଆଗରେ ଭାରତ ହାର ମାନିଥିଲା। ୫୮ତମ ମିନିଟ୍‌ରେ ଫିଓନା କ୍ରାକଲ୍ସ ଗୋଲ ଦେଇ ଖେଳକୁ ୨-୨ରେ ସମାନ ସ୍ତରକୁ ନେଇଆସିଥିଲେ। ମ୍ୟାଚ୍ ଅମୀମାଂସିତ ହେବାକୁ ଯାଉଥିଲାବେଳେ ଭାରତୀୟ ଉପଅଧିନାୟିକା ନଭନୀତ କୌର ସୁଟିଂ ସର୍କଲରେ ଜୋରଦାର ସଟ୍ ମାରିଥିଲେ। ବଲ୍‌ଟି ଗୋଲକିପରଙ୍କ ଗୋଡ଼ତଳେ ପଶି ପୋଷ୍ଟ ମଧ୍ୟକୁ ଚାଲିଯାଇଥିଲା। ଶେଷମୁହୂର୍ତ୍ତରେ ଏହି ଗୋଲ ଦେବା ସହ ନାଟକୀୟ ଭଙ୍ଗୀରେ ଭାରତ ଏହି ମ୍ୟାଚ୍‌କୁ ଜିତିନେଇଥିଲା।

## ଜର୍ମାନୀକୁ ହରାଇ ବିପର୍ଯ୍ୟୟ ଘଟାଇଲା ସ୍ପେନ୍

ମହିଳା ଦଳର ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ୨-୧ ଗୋଲରେ ଜର୍ମାନୀକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଜର୍ମାନୀ ଚତୁର୍ଥ ସ୍ଥାନରେ ରହିଥିଲାବେଳେ ସ୍ପେନ୍ ୮ମରେ ରହିଛି। ଏଭଳି ସ୍ଥିତିରେ ଜର୍ମାନୀକୁ ହରାଇବା ସ୍ପେନ୍ ଲାଗି କଷ୍ଟକର ବ୍ୟାପାର ଥିଲା। କିନ୍ତୁ କଳିଙ୍ଗ ଷ୍ଟାଡିୟମ୍‌ରେ ବର୍ଟା ଆଗୁଲୋ ଓ ଇସ୍ତେଲ ପେଚାମେ ଗୋଟିଏ ଲେଖାଏଁ ଗୋଲ ଦେବା ସହ ରକ୍ଷଣଭାଗ ଭଲ ଖେଳିବା ଫଳରେ ସ୍ପେନ୍‌ର ଏହି ବିଜୟ ସମ୍ଭବ ହୋଇଥିଲା। ଅନ୍ୟ ପକ୍ଷରେ ଶକ୍ତିଶାଳୀ ଜର୍ମାନୀ ପକ୍ଷରୁ ସୋଫିଆ ସ୍କବେ ଗୋଟିଏ ଗୋଲ ଶୁଝାଇଥିଲେ। ପ୍ରଥମାର୍ଦ୍ଧର ୩୫ତମ ମିନିଟ୍‌ରେ ସ୍ପେନ୍ ଓ ଦ୍ୱିତୀୟାର୍ଦ୍ଧର ୪୪ତମ ମିନିଟ୍‌ରେ ଜର୍ମାନୀ ପକ୍ଷରୁ ଗୋଲ ସ୍କୋର ହୋଇଥିଲା। ଖେଳର ଶେଷ ମୁହୂର୍ତ୍ତରେ ଅର୍ଥାତ୍ ୫୯ତମ ମିନିଟ୍‌ରେ ବର୍ଟା ଗୋଲ ସ୍କୋର କରିବା ଫଳରେ ସ୍ପେନ୍ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଆସନ୍ତାକାଲି ଉଭୟ ଦଳ ମଧ୍ୟରେ ଦ୍ୱିତୀୟଥର ମ୍ୟାଚ୍ ଖେଳାଯିବ। ଏଥିରେ ଜର୍ମାନୀ ପରାଜୟର ପ୍ରତିଶୋଧ ନେବ ବୋଲି ଆଶା କରାଯାଉଛି।

## ପରାଜିତ ହେଲା ପୁରୁଷ ଦଳ



କଳିଙ୍ଗ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଥିବା ପୁରୁଷ ଏଫ୍ଆଇଏଚ ପ୍ରୋ ଲିଗ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୧-୩ ଗୋଲ ବ୍ୟବଧାନରେ ସ୍ପେନ୍ ନିକଟରୁ ହାରିଯାଇଛି। ଭାରତୀୟ ଦଳ ଯେତେ ଚେଷ୍ଟା କରିଥିଲେ ମଧ୍ୟ ସ୍ପେନ୍‌ର ସମନ୍ୱୟ ଆଗରେ ହାର ମାନିଥିଲା। ସ୍ପେନ୍ ପକ୍ଷରୁ ବୋର୍ଜା ଲାକାଲେ, ଇଗନାସିଓ କୋବୋସ୍ ଓ ବ୍ରୁନୋ ଆଭିଲା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଭାରତ ପ୍ରଥମେ ଗୋଲ ସ୍କୋର କରିଥିଲା। ସୁଖଜିତ ସିଂ ଏହି ଗୋଲଟି ଦେଇଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇ ସ୍ପେନ୍ ଭଲ ଆରମ୍ଭ କରିଛି। ଅନ୍ୟପକ୍ଷରୁ ଘରୋଇ ମାଟିରେ ଭାରତ ନିରାଶ ହୋଇଛି। ଆସନ୍ତାକାଲି ଉଭୟ ଦଳ ମଧ୍ୟରେ ଦ୍ୱିତୀୟ ଲେଗ୍ ମ୍ୟାଚ୍ ଖେଳାଯିବ।

କଳିଙ୍ଗରେ ଏହି ମ୍ୟାଚ୍ ଆରମ୍ଭ ହେବାମାତ୍ରେ ଉଭୟ ଦଳ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଖେଳର ୨୫ତମ ମିନିଟ୍‌ରେ ସୁଖଜିତ ସିଂ ପ୍ରଥମ ଗୋଲ ସ୍କୋର କରି ଭାରତକୁ ଅଗ୍ରଣୀ କରାଇଥିଲେ। ଖେଳର ୨୮ତମ ମିନିଟ୍‌ରେ ବୋର୍ଜା ଲାକାଲେ ଫିଲ୍ଡ ଗୋଲ ସ୍କୋର କରିବା ସହ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଖେଳକୁ ୧-୧ ଗୋଲରେ ସମାନସ୍ତରରେ ରହିଥିଲେ। ଦ୍ୱିତୀୟାର୍ଦ୍ଧରେ ଭାରତ ଅଧିକ ଆକ୍ରମଣାତ୍ମକ ହୋଇଥିଲାବେଳେ ନିଜ ଖେଳ ଉପରେ ନିୟନ୍ତ୍ରଣ ହରାଇଥିଲା। ଯାହା ଫଳରେ ସ୍ପେନ୍ ଆକ୍ରମଣ କରିବାର ସୁଯୋଗ ପାଇଥିଲା ଓ ୩୮ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ଣ୍ଣରରୁ ଇଗ୍ନାସିଓ କୋବୋସ୍ ଗୋଲ ଦେଇ ଦଳକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଗୋଲ ଶୁଝାଇବାକୁ ଘରୋଇ ଦଳ ପ୍ରବଳ ଉଦ୍ୟମ କରିଥିଲା। କିନ୍ତୁ ସେଥିରେ ସଫଳ ହେବା ପରିବର୍ତ୍ତେ ଆଉ ଏକ ଗୋଲ ବରଣ କରିଥିଲା। ଖେଳର ୫୬ତମ ମିନିଟ୍‌ରେ ସ୍ପେନ୍‌କୁ ମିଳିଥିବା ପେନାଲ୍ଟି କର୍ଣ୍ଣରରୁ ବ୍ରୁନୋ ଆଭିଲା ଗୋଲ ସ୍କୋର କରି ଭାରତର ଆଶାକୁ ଧୂଳିସାତ କରିଦେଇଥିଲେ।


କଳିଙ୍ଗ ଷ୍ଟାଡିୟମ୍‌ରେ ଏଫ୍ଆଇଏଚ୍ ପ୍ରୋ-ଲିଗ୍‌ରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି

## ବାରବାଟୀରେ ସେଲିବ୍ରିଟି କ୍ରିକେଟ୍ ଲିଗ୍ ଆଜି


**ଭୁବନେଶ୍ୱର, ୧୫।୨ (ସମିସ):** ସେଲିବ୍ରିଟି କ୍ରିକେଟ୍ ଲିଗ୍ (ସିସିଏଲ୍)ର ଚଳିତ ସଂସ୍କରଣର ୨ଟି ମ୍ୟାଚ୍ ରବିବାର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଅପରାହ୍ଣ ୨ଟାରେ ପଞ୍ଜାବ ଡି ଶେର୍ ଓ ଭୋଜପୁରୀ ଦବଙ୍ଗସ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯିବ। ସେହିଭଳି ସନ୍ଧ୍ୟା ୬ଟା ୩୦ରେ ଡିଫେଣ୍ଡିଂ ଚାମ୍ପିଅନ ବେଙ୍ଗଲ ଟାଇଗର୍ସ ଓ ମୁମ୍ବାଇ ହିରୋଜ୍ ମଧ୍ୟରେ ଅନ୍ୟ ଏକ ମ୍ୟାଚ୍ ଖେଳାଯିବ। ଅପରପକ୍ଷରେ ଓଲିଉଡ୍‌ର ଅଭିନେତାଙ୍କୁ ନେଇ ଏକ ପ୍ରଦର୍ଶନୀ ମ୍ୟାଚ୍ ମଧ୍ୟ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ବେଙ୍ଗଲ ଟାଇଗର୍ସର ମାଲିକ ବୋନି କପୁର ଚଳିତ ସଂସ୍କରଣ ଲାଗି ବାରବାଟୀ ଷ୍ଟାଡିୟମକୁ ଘରୋଇ ଭେନ୍ୟୁ ଭାବେ ଚୟନ କରିଛନ୍ତି। ଉଭୟ ମ୍ୟାଚରେ ବଲିଉଡ୍‌ର ଅନେକ ଅଭିନେତାଙ୍କୁ ଦେଖିବାକୁ ମିଳିବ। ଘରୋଇ ବେଙ୍ଗଲ ଟାଇଗର୍ସ ବର୍ତ୍ତମାନ ସୁଦ୍ଧା ୨ ମ୍ୟାଚ୍ ଖେଳି ୨ ବିଜୟ ସହ ୪ ପଏଣ୍ଟ ପାଇ କର୍ଣ୍ଣାଟକ ବୁଲ୍‌ଡୋଜର୍ସ (୬) ପଛକୁ ୨ୟ ସ୍ଥାନରେ ରହିଛି। ସାକିବ ସଲିମ ମୁମ୍ବାଇ ଓ ଯିଶୁ ସେନଗୁପ୍ତା ଘରୋଇ ଟାଇଗର୍ସ ଦଳର ଅଧିନାୟକ ଦାୟିତ୍ୱ ତୁଲାଉଛନ୍ତି। ସେହିଭଳି ସୋନୁ ସୁଦ୍ ପଞ୍ଜାବର ଏବଂ ମନୋଜ ତିୱାରୀ ଭୋଜପୁରୀ ଦବଙ୍ଗସ୍‌ର ନେତୃତ୍ୱ ନେଉଛନ୍ତି। ସିସିଏଲ୍ ପାଇଁ ଟିକଟ୍‌ର ସର୍ବନିମ୍ନ ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି।





## ଦ୍ୱିତୀୟଥର ଓସିଏ ସଭାପତି ହେବେ ପଙ୍କଜ

**ଭୁବନେଶ୍ୱର, ୧୫।୨ (ସମିସ):** ପଙ୍କଜ ଲୋଚନ ମହାନ୍ତି ଦ୍ୱିତୀୟଥର ଲାଗି ଓଡ଼ିଶା କ୍ରିକେଟ୍ ଆସୋସିଏସନ(ଓସିଏ)ର ସଭାପତି ଭାବେ ନିର୍ବାଚିତ ହେବାକୁ ଯାଉଛନ୍ତି। ଓସିଏର ଉପସଭାପତି ଥିବା ପଙ୍କଜ ବର୍ତ୍ତମାନ କାର୍ଯ୍ୟକାରୀ ସଭାପତି ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି। ଓସିଏ ସଭାପତି ଲାଗି ଅନୁଷ୍ଠିତ ନିର୍ବାଚନରେ ସେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶନିବାର ଓସିଏ ନିର୍ବାଚନ ଅଧିକାରୀ ଏମ୍.ଏଲ୍. ମଜୁମଦାରଙ୍କ ପକ୍ଷରୁ କୁହାଯାଇଛି ଯେ, 'ସଭାପତି ପଦ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ପଙ୍କଜ ଲୋଚନ ମହାନ୍ତିଙ୍କଠାରୁ ନାମାଙ୍କନ ଗ୍ରହଣ କରାଯାଇଛି। ତାଙ୍କ ପ୍ରାର୍ଥୀପତ୍ର ବିରୋଧରେ ମଧ୍ୟ କୌଣସି ଆପତ୍ତି ଆସିନାହିଁ। ଯାଞ୍ଚ ସମୟରେ ତାଙ୍କ ନାମାଙ୍କନ ବୈଧ ବୋଲି ଜଣାପଡ଼ିଛି।' ନିର୍ବାଚନ ଅଧିକାରୀଙ୍କ ଏହି ବିବୃତ୍ତି ପରେ ପଙ୍କଜ ନିଦ୍ୱନ୍ଦ୍ୱର୍ରେ ଓସିଏର ସଭାପତି ଭାବେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। କେବଳ ଯାହା ଓସିଏ ପକ୍ଷରୁ ଆନୁଷ୍ଠାନିକ ଘୋଷଣାକୁ ବାକି ରହିଛି। ଆସନ୍ତା ୨୩ରେ ଓସିଏର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ। ଏହି ଅବସରରେ ପଙ୍କଜ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି।



## ମହିଳା ପ୍ରିମିୟର ଲିଗ୍-୩

# ଶେଷ ବଲ୍‌ରେ ଜିତିଲା ଦିଲ୍ଲୀ

ବଦୋଦରା, ୧୫।୨ (ଏଜେନ୍ସି):

ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୩ୟ ସଂସ୍କରଣରେ ଶନିବାର ଅନୁଷ୍ଠିତ ଏକ ରୋମାଞ୍ଚକ ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସ ୨ ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ସ୍ଥାନୀୟ କୋଟାମ୍ବି ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ୧୬୫ ରନର ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ ଇନିଂସର ଶେଷ ବଲରେ ୮ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଶେଷ ଦୁଇ ଓଭରରେ ୨୧ ଓ ଶେଷ ୬ ବଲରେ ବିଜୟ ଲାଗି ୧୦ ଓ ଅନ୍ତିମ ବଲରେ ୨ରନ ଆବଶ୍ୟକ ହେଉଥିବାବେଳେ ଦିଲ୍ଲୀ ବ୍ୟାଟର୍ ଲଢ଼ୁଆ ପ୍ରଦର୍ଶନ କରି ମ୍ୟାଚ୍ ହାତେଇ ନେଇଥିଲେ। ବିଜୟୀ ଦଳ ପକ୍ଷରୁ ଶେଫାଳି ବର୍ମା ୧୮ ବଲରେ ସର୍ବାଧିକ ୪୩ ଓ ନିକ୍କି ପ୍ରସାଦ ୩୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାରା ବ୍ରାଇସ ୨୧, ଅଧିନାୟିକା ମେଗ୍ ଲାନିଂ ୧୫, ଆଲିସେ କାପସେ ୧୬ ରନ କରିଥିଲେ। ବୋଲିଂରେ ମୁମ୍ବାଇ ପାଇଁ ହେଲୀ ମାଥ୍ୟୁସ ଓ ଆମେଲିଆ କେର ୨ଟି ଲେଖାଏ ୱିକେଟ୍ ନେଇଥିଲେ।

ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ଓଭରରେ ଦୁର୍ଦ୍ଧର୍ଷ ଓପନର୍ ହେଲୀ ମାଥ୍ୟୁସଙ୍କ ୱିକେଟ୍ ହରାଇଥିଲା। ଦୁଇଟି ବଲ୍ ସାମ୍ନା କରିଥିବା ଏହି କାରବୀୟ ବ୍ୟାଟର୍ ଖାତା ଖୋଲିବା ପୂର୍ବରୁ ଶିଖା ପାଣ୍ଡେଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ଶିଖା ତାଙ୍କ ୩ୟ ଓଭରରେ ଅନ୍ୟତମ ଓପନର୍ ଯଷ୍ଟିକା ଭାଟିଆ (୧୧ ରନ)ଙ୍କୁ ଆଉଟ୍ କରି ମୁମ୍ବାଇକୁ ୨ୟ ଝଟ୍‌କା ଦେଇଥିଲେ। ତେବେ ୩ୟ ୱିକେଟ୍ ଯୋଡ଼ିରେ ଇଂଲଣ୍ଡର ନାଟ୍ ସ୍କିଭର ବ୍ରଣ୍ଟ ଓ ଅଧିନାୟିକା ହର୍‌ମନପ୍ରୀତ୍ କୌର ସ୍ଥିତି ସମ୍ଭାଳିଥିଲେ। ଉଭୟ ଦ୍ରୁତ ଗତିରେ ରନ ସଂଗ୍ରହ କରିବା ସହ ୧୦.୩ ଓଭରରେ ଦଳୀୟ ସ୍କୋରକୁ ୧୦୦ ରନରେ ପହଞ୍ଚାଇଥିଲେ। ତେବେ ହରମନପ୍ରୀତ୍‌ଙ୍କୁ ଆଉଟ୍ କରି ଆନାବେଲ୍ ସଦରଲାଣ୍ଡ ଏହି ଯୋଡ଼ି ଭାଙ୍ଗିଥିଲେ। ୨୨ ବଲର ସାମ୍ନା କରିଥିବା ହରମନପ୍ରୀତ୍ ୪ ଚୌକା ଓ ୩ ଛକା ସହାୟତାରେ ୪୨ ରନ କରିଥିଲେ। ଆଉଟ୍ ହେବା ପୂର୍ବରୁ ହରମନପ୍ରୀତ୍ ୩ୟ ୱିକେଟ୍‌ରେ ବ୍ରଣ୍ଟଙ୍କ ସହ ୭୩ ରନ ଉଠାଇଥିଲେ। ତେବେ ତାଙ୍କ ଆଉଟ୍ ପରେ ଅନ୍ୟକୌଣସି ବ୍ୟାଟର୍ ତିଷ୍ଠି ପାରି ନ ଥିଲେ। ଏପରିକି ସ୍କିଭର ବ୍ରଣ୍ଟ ଗୋଟିଏ ପାଖରେ ଲଢ଼ୁଆ ଅର୍ଦ୍ଧଶତକ କରି ଖେଳୁଥିବାବେଳେ ତାଙ୍କୁ କେହି ମଧ୍ୟ ସାଥ୍ ଦେଇ ନ ଥିଲେ। ଫଳରେ ଇନିଂସର ୫ଟି ବଲ୍ ପୂର୍ବରୁ ମୁମ୍ବାଇ ୧୬୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବ୍ରଣ୍ଟ ୫୯ ବଲ୍ ଖେଳି ୮୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ଅର୍ଦ୍ଧଶତକୀୟ ପାଳିରେ ସେ ୧୩ଟି ଚୌକା ମାରିଥିଲେ। ଦିଲ୍ଲୀ ପାଇଁ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ସଦରଲାଣ୍ଡ ସବୁଠୁ ସଫଳ ବୋଲର ରହିଥିଲେ। ସେ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ସେହିଭଳି ଶିଖା ୨ ଏବଂ ଆଲିସେ କାପ୍‌ସେ ଓ ମିନୁ ମାନି ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ରବିବାର ଗୁଜରାଟ ଓ ୟୁପି ୱାରିୟର୍ଜ ମଧ୍ୟରେ ମ୍ୟାଚ୍ ଖେଳାଯିବ।


ଅର୍ଦ୍ଧଶତକୀୟ ପାଳି ଅବସରରେ ମୁମ୍ବାଇର ନାଟ୍ ସ୍କିଭର ବ୍ରଣ୍ଟ

## ଶ୍ରେୟଙ୍କାଙ୍କ ସ୍ଥାନରେ ସ୍ନେହ

**ବଦୋଦରା, ୧୫।୨ (ଏଜେନ୍ସି):** ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୩ୟ ସଂସ୍କରଣ ଆରମ୍ଭରୁ ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଦଳକୁ ଶକ୍ତ ଝଟ୍‌କା ଲାଗିଛି। ଦଳର ଉଦୀୟମାନ ଲେଗ୍-ସ୍ପିନର ଶ୍ରେୟଙ୍କା ପାଟିଲ ଆଘାତଜନିତ ସମସ୍ୟା ଲାଗି ସମ୍ପୂର୍ଣ୍ଣ ସିଜନରୁ ବାଦ୍ ପଡ଼ିଛନ୍ତି। ଚଳିତ ସିଜନ ଆରମ୍ଭ ପୂର୍ବରୁ ୨୨ ବର୍ଷୀୟା ଶ୍ରେୟଙ୍କା ବେଙ୍ଗାଲୁରୁ ଦଳରେ ରହିଥିଲେ। କିନ୍ତୁ ଟୁର୍ଣ୍ଣାମେଣ୍ଟ ଆରମ୍ଭବେଳକୁ ଗୋଡ଼ରେ ଲାଗିଥିବା ଆଘାତ ସମସ୍ୟାରୁ ମୁକୁଳିପାରି ନ ଥିଲେ। ଫଳରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଶ୍ରେୟଙ୍କାଙ୍କ ସ୍ଥାନରେ ଅଲ୍‌ରାଉଣ୍ଡର ସ୍ନେହ ରାଣାଙ୍କୁ ଆର୍‌ସିବି ଦଳରେ ସାମିଲ କରାଯାଇଛି। ସ୍ନେହ ଡବ୍ଲ୍ୟୁପିଏଲ୍‌ର ଗତ ଦୁଇ ସିଜନରେ ଗୁଜରାଟ ଜ୍ୟାଣ୍ଟ୍ସ ପକ୍ଷରୁ ୧୨ ମ୍ୟାଚ୍ ଖେଳିଥିଲେ। ଏପରିକି ବେଥ୍ ମୁନୀଙ୍କ ଅନୁପସ୍ଥିତିରେ ସେ ୨ଟି ମ୍ୟାଚରେ ଗୁଜରାଟର ନେତୃତ୍ୱ ମଧ୍ୟ ସମ୍ଭାଳିଥିଲେ। କିନ୍ତୁ ଚଳିତ ଡବ୍ଲ୍ୟୁପିଏଲ୍ ଖେଳାଳି ନିଲାମୀରେ ତାଙ୍କୁ କୌଣସି ଫ୍ରାଞ୍ଚାଇଜ କ୍ରୟ କରି ନ ଥିଲେ।



ଗତ ସଂସ୍କରଣରେ ବେଙ୍ଗାଲୁରୁକୁ ଚାମ୍ପିଅନ କରାଇବାରେ ଶ୍ରେୟଙ୍କାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ସେ ୮ ମ୍ୟାଚରୁ ୧୩ ୱିକେଟ୍ ନେଇ ସବୁଠୁ ସଫଳ ବୋଲର ବିବେଚିତ ହେବା ସହ 'ପର୍ପଲ କ୍ୟାପ୍' ହାସଲ କରିଥିଲେ। ଏପରିକି ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଫାଇନାଲରେ ଶ୍ରେୟଙ୍କା ୪ୱିକେଟ୍ ସଫଳତା ପାଇଥିଲେ। କିନ୍ତୁ ତାଙ୍କ ଅନୁପସ୍ଥିତି ଚଳିତ ସଂସ୍କରଣରେ ଆର୍‌ସିବି ପାଇଁ ଜୋର୍‌ଦାର ଝଟ୍‌କା ସଦୃଶ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS